

ବିବାହ କଲେ ରୋନାଲ୍ଡୋ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-50 ♦THURSDAY ♦13 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୫୦ ♦ଗୁରୁବାର ♦୧୩ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଦୂର ହେଉନି ଅଚଳାବସ୍ଥା

# ଆଜି ସରିବ ଅଧିବେଶନ

### ଛାତ୍ରଙ୍କୁ ମାଡ଼, ଦାନ ଚୋରି ପ୍ରସଙ୍ଗ ଆଲୋଚନା ଦାବିରେ ଶାହ-ରାହୁଲ ମୁହାଁମୁହିଁ

■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ନିଟ୍ ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ଗୃହରେ ହଙ୍ଗାମା ଜାରି ରହିଛି । ସଂସଦରେ ଜାରି ରହିଥିବା ଗତିରୋଧକୁ ଦୂର କରିବା ଲାଗି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ଗୃହମନ୍ତ୍ରୀ କହିଛନ୍ତି ଯେ, ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧରେ ଆନ୍ଦୋଳନ ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସବୁ ପ୍ରକାର ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ଏହି ପ୍ରସଙ୍ଗରେ ସରକାରଙ୍କର କିଛି ଲୁଚାଇବାର ନାହିଁ । ବାଚସ୍ପତି ବିରୋଧୀ ଦଳ ସହ ବିଚାରବିମର୍ଶ କରି ସମୟ ଧାର୍ଯ୍ୟ କରନ୍ତୁ । ଆଲୋଚନା ବେଳେ ସେ ପ୍ରସ୍ତୁତ ରହିବେ ଏବଂ ସମସ୍ତ ପ୍ରଶ୍ନର ଉତ୍ତର ରଖିବାକୁ ପ୍ରସ୍ତୁତ ଅଛନ୍ତି । ଏହି ପ୍ରସଙ୍ଗରେ ସେ ବିରୋଧୀ ଦଳର ସମାଲୋଚନା



ଚର୍ଚ୍ଚା ପାଇଁ ସରକାର ପ୍ରସ୍ତୁତ



ଭାଷଣ ନୁହେଁ; ଇସ୍ତଫା ଦିଅ

କରି କହିଛନ୍ତି ଯେ ବିରୋଧୀ ଆଲୋଚନା ନକରି କେବଳ ଗୃହକାର୍ଯ୍ୟ ବନ୍ଦ କରିବାରେ ମାତିଛନ୍ତି ।

ଅନ୍ୟପକ୍ଷରେ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଗୃହମନ୍ତ୍ରୀଙ୍କଠାରୁ ବିରୋଧୀ ଦଳ କୌଣସି ଭାଷଣ ଶୁଣିବାକୁ ଚାହୁଁନାହାନ୍ତି । ଛାତ୍ରମାନଙ୍କ ▶ପୃଷ୍ଠା-୭

## ଜେପିସିକୁ ଗଲା ବିବାଦୀୟ ଏଫ୍‌ସିଆର୍‌ଏ ବିଲ୍

■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିରୋଧୀ ଦଳର କ୍ରମାଗତ ହଙ୍ଗାମା ମଧ୍ୟରେ କେନ୍ଦ୍ର ସରକାର 'ବୈଦେଶିକ ଅଂଶଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଅର୍ଥାତ ଏଫ୍‌ସିଆରଏ ବିଲ୍‌କୁ ସମୀକ୍ଷା ପାଇଁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ନିକଟକୁ ପଠାଇଛନ୍ତି । କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକସଭାରେ ଏସଂପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଥିଲା । ଏହି ଯୁଗ୍ମ କମିଟିରେ ମୋଟ ୩୧ ଜଣ ସାଂସଦ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ମନୋନୀତ ହେବେ । କମିଟି ବିଲ୍‌ର ଗ୍ରହଣୀୟତା ଓ ବିଭିନ୍ନ ଦିଗ ସମ୍ପର୍କରେ ଅନୁଧ୍ୟାନ କରି ୨୦୨୬ ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହର ଶେଷ ସୁଦ୍ଧା ରିପୋର୍ଟ ପ୍ରଦାନ କରିବ । ଅନ୍ୟପଟେ କଂଗ୍ରେସ ଓ ସମାଜବାଦୀ ପାର୍ଟି ଭଳି ବିରୋଧୀ ଦଳଗୁଡ଼ିକ ଏହି ▶ପୃଷ୍ଠା-୭

### ଘରୁ ପୋଡ଼ା ଟଙ୍କା ଜବତ ମାମଲା

# ଜଷ୍ଟିସ ବର୍ମା ଦୋଷୀ ସାବ୍ୟସ୍ତ

■ ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ଓ ଅର୍ଧପୋଡ଼ା ଟଙ୍କା ମିଳିବା ଘଟଣାରେ ସଂସଦୀୟ କମିଟି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛି ।



ବୁଧବାର ସଂସଦରେ ଉପସ୍ଥାପିତ ହୋଇଥିବା ରିପୋର୍ଟ ଅନୁଯାୟୀ, ଜବତ ଟଙ୍କାର ଉତ୍ସ ଓ ମାଲିକାନା ସମ୍ପର୍କରେ ଜଷ୍ଟିସ୍ ବର୍ମା କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି । ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ୨୦୦ରୁ ଅଧିକ ସାଂସଦ ନୋଟିସ ଦେବାପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ସଂସଦୀୟ କମିଟି ଗଠନ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ୧୪ ମାର୍ଚ୍ଚ ୨୦୨୫ ରାତିରେ ନୂଆଦିଲ୍ଲୀର ୩୦, ତୋଗଲକ କ୍ରେସେଣ୍ଟସ୍ଥିତ ତାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଯାଇଥିଲା । ନିଆଁ ଲିଭାଇବା ପାଇଁ ଆସିଥିବା ଦମକଳବାହିନୀ ଷ୍ଟୋର୍‌ରୁମ୍‌ରୁ ଅଧାପୋଡ଼ା ୫୦୦ ଟଙ୍କିଆ ନୋଟ୍‌ର ବିପୁଳ ପରିମାଣର କ୍ୟାସ୍ ଠାବ କରିଥିଲେ । ଏହି ଟଙ୍କା କାହାର ଏବଂ କେଉଁଠୁ ଆସିଲା, ସେ ନେଇ ଜଷ୍ଟିସ୍ ବର୍ମା ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି ବୋଲି କମିଟି ଏହାର ରିପୋର୍ଟରେ ଦର୍ଶାଇଛି । ତାଙ୍କର ସ୍ପଷ୍ଟୀକରଣରେ ସ୍ୱଚ୍ଛତା ଓ ପ୍ରାତିଷ୍ଠାନିକ ଉତ୍ତରଦାୟିତ୍ୱର ଅଭାବ ଥିବା କମିଟି ଦର୍ଶାଇଛି । ଏହା ସହିତ କମିଟି କହିଛି ଯେ, ଘଟଣାପରେ ପ୍ରମାଣଗୁଡ଼ିକୁ ସୁରକ୍ଷିତ ରଖାଯାଇନଥିଲା ଏବଂ ଆଇନଗତ ଭାବେ ଷ୍ଟୋର୍‌ରୁମ୍ ସିଲ୍ ହେବା ପୂର୍ବରୁ ସେଠାରେ ହସ୍ତକ୍ଷେପ କରାଯାଇ ପ୍ରମାଣ ନଷ୍ଟ କରାଯାଇଥିଲା । ପୂର୍ବରୁ ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ଆଭ୍ୟନ୍ତରୀଣ କମିଟି ମଧ୍ୟ ଜଷ୍ଟିସ୍ ବର୍ମାଙ୍କ ଏହି ଷ୍ଟୋର୍‌ରୁମ୍ ଉପରେ ସୀଧାସଳଖ ନିୟନ୍ତ୍ରଣ ଥିବା ସ୍ପଷ୍ଟ କରିଥିଲେ । ଏହି ବିବାଦ ପରେ ତାଙ୍କ ବିରୋଧରେ ସଂସଦରେ ▶ପୃଷ୍ଠା-୭

# ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

### ଜଳସେଚନ, ଅକ୍ଷୟ ଶକ୍ତି କ୍ଷେତ୍ରକୁ ପ୍ରାଧାନ୍ୟ

- ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ୫ ବର୍ଷ ଯାଏଁ ବୃଦ୍ଧି
- ରାଜ୍ୟର ସମସ୍ତ ପ୍ରମୁଖ ସରକାରୀ କାର୍ଯ୍ୟାଳୟ ପେପର ଲେସ୍ ଲକ୍ଷ୍ୟ
- ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଆଉ ୫ ବର୍ଷ ବଢ଼ିଲା
- ଅନୁକମ୍ପାମୂଳକ ନିଯୁକ୍ତିରେ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ପ୍ରତ୍ୟାହାର
- ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫ୍ୟାବ୍‌ଲେସ୍ ପଲିସିରେ ସଂଶୋଧନ

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ କୃଷକଙ୍କୁ ସୁନିଶ୍ଚିତ ଜଳସେଚନ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିଛି । କାର୍ଯ୍ୟକ୍ରମର ଉପାଦେୟତା ତଥା ଅଧିକରୁ ଅଧିକ ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ଏହି ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ମୋହର ମାରିଛି । ଏଥିପାଇଁ ୧୨୪୫୮ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଏହାଦ୍ୱାରା ୨.୭୨ ଲକ୍ଷ ହେକ୍ଟର ଅତିରିକ୍ତ ଚାଷଜମିରେ ସେଚସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ସହ କ୍ୟାବିନେଟରେ ୬ଟି ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ କରିଛି । ଏଥିରେ ଜଳସେଚନ, ଅକ୍ଷୟ ଶକ୍ତିକୁ ସର୍ବାଧିକ ଗୁରୁତ୍ୱ ମିଳିଛି । ସେହିପରି ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ପ୍ରଚଳିତ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତିକୁ ଉଚ୍ଛେଦ କରି ମୃତ କର୍ମଚାରୀଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଗ୍ରୁପ-ଡି ମୂଳ ପଦବୀରେ ନିଯୁକ୍ତି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି ।

ବୈଠକ ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରାଯିବ । ଏହା ଅଧୀନରେ ରାଜ୍ୟର ▶ପୃଷ୍ଠା-୭

## କାର୍‌ରୁ ଭିଡ଼ିନେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

### ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ଼

■ ନିଶ୍ଚିନ୍ତକୋଇଲି, ୧୨।୮ (ସମିସ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା କଟକ-ଚାନ୍ଦବାଲି ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ମିଳିଛି । ଅଭିଯୋଗ ଅନୁଯାୟୀ ୬ ଜଣ ଦୁର୍ବୃତ୍ତ କାର୍‌ର କାଚ ଭାଙ୍ଗି ଭିତରେ ବସିଥିବା ଜଣେ ଯୁବତୀଙ୍କୁ ଟାଣିନେବା ସହ ତାଙ୍କର ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ସେମାନେ ଯୁବତୀଙ୍କୁ ଏକ ନିଛାଟିଆ ଜାଗାକୁ ନେଇ ଗଣଦୁଷ୍କର୍ମ କରିଥିଲେ । ପୁଲିସ ପକ୍ଷରୁ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ଏକ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି । ଯୁବତୀଙ୍କ ପୁରୁଷବନ୍ଧୁଙ୍କୁ ଉଦ୍ଧାର କରାଯାଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି । ଏହି ସମ୍ବେଦନଶୀଳ ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନିମନ୍ତେ ଗ୍ରାମାଞ୍ଚଳ ଏସ୍‌ପି, ସାଲେପୁର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ୍ ନିଶ୍ଚିନ୍ତକୋଇଲି ଥାନାରେ ଡେରା ପକାଇଛନ୍ତି । ଜଣେ ଡିଏସ୍‌ପି ର୍‍ୟାଙ୍କର ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ▶ପୃଷ୍ଠା-୭






### ଚାପରେ ନଇଁଲେ ସରକାର

# ବଦଳିଲା ଏଗ୍ରିଷ୍ଟାକ୍ ନିଷ୍ପତ୍ତି

■ ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ଖରିଫ ପଞ୍ଜୀକରଣ ଓ ଏଗ୍ରିଷ୍ଟାକ୍ ପଞ୍ଜୀକରଣକୁ ନେଇ ବିବାଦ ତୀବ୍ର ହେବା ପରେ ରାଜ୍ୟ ସରକାର ଶେଷରେ ମୁଣ୍ଡ ନୁଆଁଇଛନ୍ତି । ଏସମ୍ପର୍କରେ ରାଜ୍ୟ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ନେଇ କୃଷକଙ୍କୁ ଚିନ୍ତା ନକରିବାକୁ ପରାମର୍ଶ ଦେଇଛି । ଏହାସହିତ ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷ ଭଳି ଧାନ କିଣା ପାଇଁ 'ପିପିଏଏସ୍' ବ୍ୟବସ୍ଥାରେ କୃଷକମାନଙ୍କ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ । କୃଷକମାନେ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ସ୍ଥିତିକୁ ନେଇ ଭୟଭୀତ ନହୋଇ ପୂର୍ବବର୍ଷ ଭଳି ଧାନ ବିକ୍ରି ପାଇଁ 'ପିପିଏଏସ୍' ପଞ୍ଜୀକରଣ କରାଇପାରିବେ ବୋଲି କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ଏଗ୍ରିଷ୍ଟାକ୍‌ରେ କୃଷକ ପଞ୍ଜୀକରଣକୁ ନେଇ ଚାଷୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଏଗ୍ରିଷ୍ଟାକ୍ କୃଷକ ପଞ୍ଜୀକରଣରେ ସମସ୍ୟା ଯୋଗୁଁ ଧାନ କିଣା ପାଇଁ 'ପିପିଏଏସ୍' ବ୍ୟବସ୍ଥାରେ ପଞ୍ଜୀକରଣରେ ବାଧା ସୃଷ୍ଟି ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ କ୍ୟାବିନେଟ୍ ଗୁରୁତ୍ୱର ସହ ନେଇଥିବା ସରକାର କହିଛନ୍ତି । ଏହି ପ୍ରସଙ୍ଗରେ କ୍ୟାବିନେଟ୍‌ରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନା ପରେ ▶ପୃଷ୍ଠା-୭

### ସୃଷ୍ଟି ହେଲା ଲଘୁଚାପ

## ପ୍ରବଳ ବର୍ଷା ଆଶଙ୍କା

### ପୂର୍ବ ଲଘୁଚାପ ତୁଳନାରେ କମ୍ ବର୍ଷା

■ ଭୁବନେଶ୍ୱର, ୧୨।୮ (ସମିସ): ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳର ଉତ୍ତର ବଙ୍ଗୋପସାଗର ଉପରେ ପୁଣି ଲଘୁଚାପ ସୃଷ୍ଟି ହୋଇଛି । ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବା ସହ ପରବର୍ତ୍ତୀ ୨୪ ଘଣ୍ଟାରେ ଅବପାତରେ ପରିଣତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । ତେବେ ଏହି ଲଘୁଚାପଟି ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଉତ୍ତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଥିବାରୁ ପୂର୍ବ ଲଘୁଚାପଗୁଡ଼ିକ ତୁଳନାରେ ଓଡ଼ିଶାରେ ଅପେକ୍ଷାକୃତ କମ୍ ବର୍ଷା ହେବ ବୋଲି ଅନୁମାନ କରାଯାଉଛି । ସାରା ରାଜ୍ୟରେ ବର୍ଷା ନ ହୋଇ ▶ପୃଷ୍ଠା-୭

### ଓଡ଼ିଶାର ଲୁଣ ଚାଷୀଙ୍କ ହାତରୁ ଯିବ ୬୭୧୮ ଏକର ଜମି

# କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ ଲିଜ୍ ବାତିଲ!

■ ଭୁବନେଶ୍ୱର, ୧୨।୮ (ସମିସ): ଓଡ଼ିଶାର ଲୁଣ ଚାଷୀଙ୍କ ହାତରୁ ଯିବ ୬,୭୧୮.୯୧ ଏକର ଜମି । ଏହି ଜମିର ଅନ୍ୟ ବ୍ୟବହାର ପାଇଁ ଯୋଜନା ହୋଇଛି, ମାତ୍ର ଲୁଣ ଚାଷୀ ଓ ଲୁଣ ଶ୍ରମିକଙ୍କ ପୁନର୍ବାସ, କ୍ଷତିପୂରଣ ଆଦି ସଂକ୍ରାନ୍ତରେ ଏଯାଏ କୌଣସି ନିଷ୍ପତ୍ତି ହୋଇନାହିଁ । କୌତୂହଳର କଥା ହେଉଛି ଯେ ୨୦୨୫ ଫେବ୍ରୁଆରୀ ୩ ତାରିଖରେ ଡିପିଆଇଆଇଟି ଏ ସଂକ୍ରାନ୍ତରେ ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି ଓ ଜମିଗୁଡ଼ିକର ମାଲିକାନା ସ୍ଥାନାନ୍ତର ପାଇଁ ନୀତିଗତ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ସରକାର ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । ଅନ୍ୟପକ୍ଷରେ କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ ଏହି ଲୁଣ ଜମିର ଲିଜ୍ ବାତିଲ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଡିପିଆଇଆଇଟିର ଆଭ୍ୟନ୍ତରୀଣ ମାର୍ଗଦର୍ଶିକା ୨୦୨୪ ଅନୁସାରେ ଓଡ଼ିଶାର ଲୁଣ ଜମିର ଲିଜ୍ ଅଧିକାର ବାତିଲ ସହ ଲୁଣ ଶ୍ରମିକ ଓ ଚାଷୀଙ୍କ ପୁନର୍ବାସ ଖର୍ଚ୍ଚ ହସ୍ତାନ୍ତରକାରୀ ଏଜେନ୍ସି ବହନ କରିବା କଥା ।

### ୨୦୨୫ରେ ଡିପିଆଇଆଇଟି ପ୍ରସ୍ତୁତ କରିଛି ନୀତିଗତ ପ୍ରକ୍ରିୟା

### ଲୁଣ ଚାଷୀଙ୍କ ଭବିଷ୍ୟତ ଓ କ୍ଷତିପୂରଣକୁ ନେଇ ପ୍ରଶ୍ନବାଚୀ

ମାତ୍ର ଏଯାଏ କେତେଜଣ ଲିଜ୍‌ଧାରୀ ଏହାଦ୍ୱାରା ପ୍ରଭାବିତ ହେବେ ଓ କେତେ ଶ୍ରମିକଙ୍କୁ ପୁନର୍ବାସ ସହାୟତା ଦିଆଯିବ, କେତେ କ୍ଷତିପୂରଣ ଦିଆଯିବ ତାହା ସ୍ପଷ୍ଟ ହୋଇପାରି ନାହିଁ ।

ଅନ୍ୟପକ୍ଷରେ ଓଡ଼ିଶାର ଲୁଣ ଜମି ହସ୍ତାନ୍ତର ପ୍ରକ୍ରିୟା ମଧ୍ୟ ସଂସଦରେ ଉଠିଛି । ତାମିଲନାଡୁର କେଏମ୍‌ଡ଼ିକେ ସାଂସଦ ଭି.ଏସ୍.ମାଥେଶ୍ୱରନ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଓଡ଼ିଶାର ଲୁଣ ଚାଷୀମାନଙ୍କ ଜମି ଲିଜ୍ ବାତିଲ କରାଯିବା ଓ ଏ ବାବଦରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି । ଦଶନ୍ଧି ଦଶନ୍ଧି ଧରି ଏହି ଜମିରେ ଅନେକ ଲୋକ ଲୁଣ ଚାଷ କରୁଛନ୍ତି ଓ ଏହା ସହ ସେମାନଙ୍କର ଜୀବନ ଜୀବିକା ଜଡ଼ିତ ବୋଲି କୁହାଯାଉଛି । ତେଣୁ ଜମିର ବ୍ୟବହାର ବଦଳାଇବା ପୂର୍ବରୁ ଚାଷୀ ଓ ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା, ବିକଳ୍ପ ଜୀବିକା ଏବଂ ଯଥୋଚିତ କ୍ଷତିପୂରଣ ନିଶ୍ଚିତ କରିବା ଆବଶ୍ୟକ । ହେଲେ ସରକାର କେବଳ ନୀତିଗତ ବ୍ୟବସ୍ଥା କଥା କହୁଛନ୍ତି; ▶ପୃଷ୍ଠା-୭

# ଏସି ଅଚଳ ଯୋଗୁଁ ସ୍ପାଇସଜେଟ୍ ବିମାନ ବାତିଲ

## ୬ ଘଣ୍ଟା ଫସିରହିଲେ ୧୫୦ ଯାତ୍ରୀ, ଗର୍ଭବତୀ ମହିଳା ଅସୁସ୍ଥ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀରୁ ପୁଣେ ଯାଉଥିବା ସ୍ପାଇସଜେଟ୍ ବିମାନର ଏୟାର କଣ୍ଡିସନର (ଏସି) ଓ ଭେଣ୍ଟିଲେସନ୍ ବ୍ୟବସ୍ଥା ଅଚଳ ହୋଇପଡ଼ିବାରୁ ପ୍ରାୟ ୧୫୦ ଜଣ ଯାତ୍ରୀ ନାହିଁନଥିବା ହଇରାଣ ହୋଇଛନ୍ତି। ବିମାନ ଭିତରେ ପ୍ରବଳ ଗରମ ଓ ଅମ୍ଳଜାନ ଅଭାବରୁ ଯାତ୍ରୀମାନଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଥିବା ବେଳେ ଜଣେ ଗର୍ଭବତୀ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ବିମାନଟି ମଙ୍ଗଳବାର ରାତି ୯:୫୫ରେ ଉଡ଼ାଣ ଭରିବାର ଥିଲା, ମାତ୍ର ବିଳମ୍ବ ହୋଇ ୧୦:୩୦ରେ ବୋର୍ଡିଂ ଆରମ୍ଭ ହୋଇଥିଲା। ବୋର୍ଡିଂ ଶେଷ ହେବା ପରେ ବିମାନର ଏସି କାମ ନ କରିବାରୁ ପ୍ରବଳ ଗରମ ହୋଇଥିଲା ଏବଂ ଯାତ୍ରୀମାନେ ଝାଳରେ ଭିଜିଯାଇଥିଲେ। ବୈଷୟିକ ଟିମ୍ ସମସ୍ୟା ସୁଧାରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇନଥିଲେ। ଯାତ୍ରୀଙ୍କ ପ୍ରବଳ ପ୍ରତିବାଦ ଓ ହଙ୍ଗାମା ପରେ ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା। ଯାତ୍ରୀମାନେ ପ୍ରାୟ ୬ ଘଣ୍ଟାରୁ ଅଧିକ ସମୟ ବିମାନବନ୍ଦରରେ ଫସିରହିଥିଲେ ଏବଂ ସେମାନଙ୍କୁ କୌଣସି ଖାଦ୍ୟ କିମ୍ବା ଜଳଖିଆ ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପରଦିନ ବୁଧବାର ସକାଳେ ସେମାନଙ୍କୁ ଅନ୍ୟ ଏକ ବିମାନ ଯୋଗେ ପୁଣେ ପଠାଯାଇଥିଲା। ଏହି ଘଟଣା ପରେ କ୍ଷୁବ୍ଧ ଯାତ୍ରୀମାନେ ସ୍ପାଇସଜେଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିବା ସହ ବିମାନ ସେବାର ଅବହେଳାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।




# ଯାନ୍ତ୍ରିକ ତ୍ରୁଟି; ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

## ବର୍ତ୍ତିଲେ ୨୨୪ ଯାତ୍ରୀ




ଚେନ୍ନାଇ, ୧୨।୮ (ଏଜେନ୍ସି): କୋଲକାତାରୁ ଚେନ୍ନାଇ ଆସୁଥିବା ଇଣ୍ଡିଗୋ ବିମାନର ଇଞ୍ଜିନ୍‌ରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ପରେ ମଙ୍ଗଳବାର ରାତିରେ ଚେନ୍ନାଇ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ (ଇମର୍ଜେନ୍ସି ଲ୍ୟାଣ୍ଡିଂ) କରାଯାଇଛି। ବିମାନରେ ଥିବା ସମସ୍ତ ୨୨୪ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ଇଣ୍ଡିଗୋ ବିମାନ (୬ଇ-୭୨୩) କୋଲକାତାରୁ ବିଳମ୍ବରେ ଉଡ଼ାଣ ଭରି ଚେନ୍ନାଇରେ ଅବତରଣ କରିବାକୁ ଯାଉଥିବା ସମୟରେ, ପାଇଲଟ୍ ବାମ ପାର୍ଶ୍ୱ ଇଞ୍ଜିନ୍‌ରେ ସମସ୍ୟା ଥିବା ଲକ୍ଷ୍ୟ କରିଥିଲେ। ସେ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ସୂଚିତ କରିବା ପରେ ରାତି ୧୧.୨୯ରେ ବିମାନବନ୍ଦରରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ପାଇଲଟଙ୍କ ସାହସିକତା ଓ ସଜାଗତା ଯୋଗୁଁ ରାତି ୧୧:୩୭ରେ ବିମାନଟି ରନୱେ-୨୫ରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଏହି ଘଟଣାରେ କାହାରିକୁ ଆହାତ ହେବାକୁ ପଡ଼ିନାହିଁ। ବିମାନବନ୍ଦର କର୍ତ୍ତୃପକ୍ଷ ଇଞ୍ଜିନ୍ ଅଚଳ ହେବାର ମୁଖ୍ୟ କାରଣ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଅବତରଣର କିଛି ସମୟ ପରେ ଜରୁରୀକାଳୀନ ସ୍ଥିତି ପ୍ରତ୍ୟାହାର କରାଯାଇଥିଲା ଏବଂ ବିମାନବନ୍ଦରରେ ଅନ୍ୟାନ୍ୟ ବିମାନ ଚଳାଚଳ ସ୍ୱାଭାବିକ ରହିଥିଲା।



# ଇମ୍ରାନ୍‌ଙ୍କ ମୃତ୍ୟୁ ଗୁଜବ

କରାଚୀ, ୧୨।୮ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଡିଆଲା ଜେଲ୍‌ରେ ମୃତ୍ୟୁବରଣ କରିଥିବା ନେଇ ଦାବି କରିଥିବା ଆମେରିକାସ୍ଥିତ ପାକିସ୍ତାନୀ ସାମ୍ବାଦିକ ୱଜାହତ୍ ସୟିଦ୍ ଖାନ୍ ନିଜର ବକ୍ତବ୍ୟ ପ୍ରତ୍ୟାହାର କରିଛନ୍ତି। ଏହା ସତ୍ତ୍ୱେ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଜେଲ୍ ଭିତରେ ସୁରକ୍ଷାକୁ ନେଇ ପରିବାର ଏବଂ ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ୍ (ପିଟିଆଇ) ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ପରିବାର ଓ ଓକିଲମାନଙ୍କୁ ଦେଖା କରିବାକୁ ଦିଆଯାଉନଥିବାରୁ ଏହି ଗୁଜବ ଅଧିକ ତୀବ୍ର ହୋଇଥିଲା। ଏହି ଘଟଣା ପରେ ଖୈବର ପାଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ୍ ଆଫ୍ରିଦି ଚେତାବନୀ ଦେଇଛନ୍ତି ଯେ ଇମ୍ରାନ୍‌ଙ୍କୁ ଭେଟିବାକୁ ଅନୁମତି ନମିଳିଲେ ୨୦ ଲକ୍ଷରୁ ଅଧିକ ଜନସାଧାରଣ ରାଜପଥକୁ ଓହ୍ଲାଇବେ। ଦଳ ପକ୍ଷରୁ ସେପ୍ଟେମ୍ବର ୨୭ରେ ଇସଲାମାବାଦ୍ ଅଭିମୁଖେ ବଡ଼ ଧରଣର 'ଲଙ୍ଗ୍ ମାର୍ଚ୍ଚ' ପାଇଁ ଆହ୍ୱାନ ଦିଆଯାଇଛି। ଅନ୍ୟପଟେ, ଆମେରିକାର ୧୩ ଜଣ ସାଂସଦ ବୈଦେଶିକ ସଚିବ ମାର୍କ ରୁବିଓଙ୍କୁ ଚିଠି ଲେଖି ଇମ୍ରାନ୍ ଖାନ୍‌ଙ୍କ ସହ ଜେଲ୍‌ରେ ହେଉଥିବା ଅମାନବୀୟ ବ୍ୟବହାର ଓ ମାନବାଧିକାର ଉଲ୍ଲଂଘନ ବିଷୟରେ ପାକିସ୍ତାନ ସରକାରଙ୍କ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ୨୦୨୩ ଅଗଷ୍ଟରୁ ଜେଲ୍‌ରେ ଥିବା ୭୩ ବର୍ଷୀୟ ଇମ୍ରାନ୍ ଖାନ୍ ୧୪ ବର୍ଷର କାରାଦଣ୍ଡ ଭୋଗୁଛନ୍ତି। ଇମ୍ରାନ୍ ଖାନ୍‌ଙ୍କ ମୃତ୍ୟୁ ଦାବିର କୌଣସି ପ୍ରମାଣ ମିଳିନଥିବା ବେଳେ, ଜେଲ୍ ପ୍ରଶାସନର କଟକଣା ଏବଂ ପିଟିଆଇର ଆନ୍ଦୋଳନ ଆହ୍ୱାନ ଯୋଗୁଁ ପାକିସ୍ତାନର ରାଜନୈତିକ ବାତାବରଣ ଅତ୍ୟନ୍ତ ସଂବେଦନଶୀଳ ହୋଇପଡ଼ିଛି।

# ପପୁ ଯାଦବଙ୍କୁ ସୁରକ୍ଷା ପାଇଁ କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିହାରର ପୂର୍ଣ୍ଣିଆର ସାଂସଦ ପପୁ ଯାଦବଙ୍କ ନିରାପତ୍ତା ଆବେଦନ ଉପରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ତାଙ୍କୁ ତୁରନ୍ତ ଜଣେ ଅତିରିକ୍ତ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଯୋଗାଇଦେବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦ ପପୁ ଯାଦବ ନିଟ୍ ବିବାଦ ଏବଂ ରାମ ମନ୍ଦିର ଦାନ ଅର୍ଥ ଚୋରି ବିରୋଧରେ ସଂସଦରେ ପ୍ରତିବାଦ କରିବା ପରେ ତାଙ୍କୁ ହତ୍ୟା ଧମକ ମିଳିଥିବା ନେଇ ଅଭିଯୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସେ 'ୱାଇ ପ୍ଲସ୍' ବର୍ଗର ସୁରକ୍ଷା ଯୋଗାଇଦେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଗଷ୍ଟ ୫ ତାରିଖରେ ଗୃହ ମନ୍ତ୍ରଣାଳୟ ନିକଟରେ ଏନେଇ ଆବେଦନ କରିଥିବା କୋର୍ଟଙ୍କୁ ଜଣାଇଥିଲେ। କୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସାଂସଦଙ୍କୁ ଆବଶ୍ୟକ ସୁରକ୍ଷା ପୂର୍ବରୁ ଯୋଗାଇ ଦିଆଯାଇଛି। ତେବେ ତାଙ୍କର ଅତିରିକ୍ତ ସୁରକ୍ଷା ଆବେଦନ ଉପରେ ଆସନ୍ତା ତିନି ସପ୍ତାହ ମଧ୍ୟରେ ଅନ୍ତିମ ନିଷ୍ପତ୍ତି ନିଆଯିବ। ଧମକପୂର୍ଣ୍ଣ କଲ୍ ଏବଂ ଜୀବନପ୍ରତି ବିପଦକୁ ଦୃଷ୍ଟିରେ ରଖି କୋର୍ଟଙ୍କ ଏହି ନିର୍ଦ୍ଦେଶ ସାଂସଦଙ୍କ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ।



# ପିଲାଙ୍କୁ ମାଉସୀ ଘରେ ଛାଡ଼ି ଆତ୍ମହତ୍ୟା କଲେ ଦମ୍ପତି

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ତେଲଙ୍ଗାନାର ନିଜାମାବାଦ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଆର୍ଥିକ ଅନାଟନ, ସ୍ୱାସ୍ଥ୍ୟ ସମସ୍ୟା ଓ ମାନସିକ ଅବସାଦ ସହି ନପାରି ଏକ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ନିଜର ଦୁଇ ନାବାଳକ ପୁଅଙ୍କୁ ମାଉସୀ ଘରେ ଛାଡ଼ିବା ପରେ ସେମାନେ ଏହି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମୃତ ଦମ୍ପତିଙ୍କ ନାମ ଶେଷାଲା ନରେଶ (୩୦) ଏବଂ ଶେଷାଲା ମେଘନା (୩୦) ବୋଲି ଚିହ୍ନଟ କରାଯାଇଛି। ନରେଶ ବିଦ୍ୟୁତ୍ ବିଭାଗରେ ଲାଇନ୍‌ମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଦିନ ଦମ୍ପତି ନିଜର ଦୁଇ ପୁଅ ଆୟୁଂଶ ଏବଂ ମିଥୁନ୍‌ଙ୍କୁ ସମ୍ପର୍କୀୟା ମାଉସୀ ଘରେ ଛାଡ଼ି ନିଜ ଘରକୁ ଫେରିବା ପରେ ଆତ୍ମହତ୍ୟା କରିଥିଲେ। ପୁଲିସ ଘଟଣାସ୍ଥଳରୁ ଏକ ନୋଟ୍ ଜବତ କରିଛି, ଯେଉଁଥିରେ ଆର୍ଥିକ ସଙ୍କଟ, ଶାରୀରିକ ଅସୁସ୍ଥତା ଏବଂ ଗଭୀର ମାନସିକ ଅବସାଦ ଯୋଗୁଁ ସେମାନେ ଏହି ପଦକ୍ଷେପ ନେଉଥିବା ଉଲ୍ଲେଖ ରହିଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଯାଇଛି ଏବଂ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

**ତୁର୍କିରୁ ଗୁପ୍ତ ଯାତ୍ରା**

# ଟ୍ରମ୍ପଙ୍କ ଉପରେ ସାମ୍ବାଦିକ କ୍ଷୁବ୍ଧ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଢାଲ ବନାଇ ଅନ୍ୟ ବିମାନରେ ଗଲେ କାହିଁକି ?




ୱାସିଂଟନ୍, ୧୨।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁରକ୍ଷା ପାଇଁ ଏକ ଗୁପ୍ତ ଅଭିଯାନ ସମୟରେ ପ୍ରାୟ ଦଶରୁ ଅଧିକ ସାମ୍ବାଦିକଙ୍କୁ ଢାଲ ଭାବେ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଟ୍ରକ ମାଧ୍ୟମରେ ଟ୍ରମ୍ପଙ୍କୁ ସୁରକ୍ଷିତ ଭାବେ ଅନ୍ୟ ଏକ ବିମାନକୁ ନିଆଯାଇଥିବା ବେଳେ, ବିପଦପୂର୍ଣ୍ଣ ସ୍ଥିତିରେ ସାମ୍ବାଦିକମାନଙ୍କୁ ପୁରୁଣା ବିମାନରେ ପଠାଯାଇଥିବାରୁ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁଲାଇ ୮ ତାରିଖରେ ତୁର୍କୀରେ ଥିବା ସମୟରେ ଆକ୍ରମଣର ଆଶଙ୍କା ଥିବାରୁ ସୁରକ୍ଷା କର୍ମୀମାନେ ଟ୍ରମ୍ପଙ୍କୁ ଗୁପ୍ତ ଭାବେ ସାମଗ୍ରୀ ପରିବହନ କରୁଥିବା ଏକ ବିଶେଷ ଗାଡ଼ି ଭିତରେ ରଖି ଅନ୍ୟ ଏକ ସାମରିକ ବିମାନକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସାମ୍ବାଦିକମାନେ ଏହି ବିଷୟରେ କିଛି ନଜାଣି ମୂଳ ବିମାନରେ ହିଁ ଯାତ୍ରା କରିଥିଲେ। ଏହି ସୁରକ୍ଷା କୌଶଳକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ କ୍ଷୋଭପ୍ରକାଶ କରିଛନ୍ତି। ଜଣେ ସାମ୍ବାଦିକଙ୍କ କହିବାନୁଯାୟୀ, ରାଷ୍ଟ୍ରପତିଙ୍କ ସମ୍ବାଦ ସଂଗ୍ରହ କରିବା ସାମ୍ବାଦିକଙ୍କ କାର୍ଯ୍ୟ, ମାତ୍ର ତାଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ ମୋହରା ସାଜିବା ସେମାନଙ୍କ କର୍ତ୍ତବ୍ୟ ନୁହେଁ। ଅନ୍ୟପକ୍ଷରେ, ଆମେରିକା ଶାସନ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ପ୍ରତି ରହିଥିବା ଗୁରୁତର ବିପଦକୁ ଏଡ଼ାଇବା ପାଇଁ ସମସ୍ତ ସମ୍ଭାବ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଥିଲା। ସାମ୍ବାଦିକମାନଙ୍କୁ ଭ୍ରମିତ କରି ସେମାନଙ୍କ ଜୀବନ ବିପନ୍ନ କରିବା ଏବଂ ସ୍ପଷ୍ଟ ସୂଚନା ନଦେବା ଘଟଣା ଆମେରିକାର ସୁରକ୍ଷା ବ୍ୟବସ୍ଥା ଓ ଗଣମାଧ୍ୟମ ନୀତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସାମ୍ବାଦିକଙ୍କ ସୁରକ୍ଷା ଓ ସରକାରୀ ସ୍ୱଚ୍ଛତାର ଆବଶ୍ୟକତାକୁ ପୁଣି ଥରେ ସାମ୍ନାକୁ ଆଣିଛି।




# ମୋର ଶତ୍ରୁ ସଂଖ୍ୟା ବଢ଼ିଯାଇଛି

ୱାସିଂଟନ୍, ୧୨।୮ (ଏଜେନ୍ସି): ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରୁ ଫେରିବା ସମୟରେ ଗୁପ୍ତ ଭାବେ ବିମାନ ବଦଳାଇବା ଘଟଣାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିକ୍ରିୟା ରଖିଛନ୍ତି। ନିଜ ସୁରକ୍ଷା ପାଇଁ ଇରାନ ପକ୍ଷରୁ ସମ୍ଭାବ୍ୟ ବିପଦ ଥିବାରୁ ସୁରକ୍ଷା ସଂସ୍ଥା ଏବଂ ସେନାର ପରାମର୍ଶ କ୍ରମେ ସେ ଏହି ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ଟ୍ରମ୍ପ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, 'ମୋ ପ୍ରତି ଅନେକ ବିପଦ ଓ ଧମକ ରହିଛି, ଯାହା ବିଷୟରେ ସାଧାରଣରେ ସୂଚନା ନାହିଁ। ସୁରକ୍ଷା ସଂସ୍ଥା ଏବଂ ସାମରିକ ବାହିନୀ ନିର୍ଦ୍ଦେଶ ଅନୁଯାୟୀ ମୁଁ ଅନ୍ୟ ଏକ ବିମାନରେ ଯାତ୍ରା କରିଥିଲି। ସେମାନେ ମୋତେ ଯାହା କରିବାକୁ କହିଥାନ୍ତି, ମୁଁ କେବଳ ତାହା ହିଁ ପାଳନ କରିଥାଏ।' ପ୍ରକାଶଯୋଗ୍ୟ ଯେ, ଗଣମାଧ୍ୟମ ଏବଂ କେତେକ କର୍ମଚାରୀଙ୍କୁ ପୁରୁଣା ବିମାନରେ ରଖି ଟ୍ରମ୍ପଙ୍କୁ ଗୁପ୍ତ ଭାବେ ଏକ ବିମାନ ସେବା ଯୋଗାଣ ଗାଡ଼ି ମାଧ୍ୟମରେ ସ୍ଥାନାନ୍ତର କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ଥିବା ବିମାନଟିକୁ କେବଳ ଭ୍ରମ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଇଥିଲା। ଏହି ସୁରକ୍ଷା କୌଶଳକୁ ନେଇ କିଛି ଗଣମାଧ୍ୟମ ସମାଲୋଚନା କରିଥିଲେ ମଧ୍ୟ ଟ୍ରମ୍ପ ନିଜର ଏହି ପଦକ୍ଷେପକୁ ସମ୍ପୂର୍ଣ୍ଣ ସୁରକ୍ଷା ଦୃଷ୍ଟିକୋଣରୁ ଗ୍ରହଣ କରାଯାଇଥିବା ଦର୍ଶାଇଛନ୍ତି।

# ମୃତ୍ୟୁର ୪୨ ଦିନ ପରେ ଏସ୍‌ଏମ୍‌ଏସ୍ 'ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ଖୁସି'

ଅମ୍ବିକାପୁର, ୧୨।୮ (ଏଜେନ୍ସି): ମୃତ୍ୟୁର ୪୨ ଦିନ ପରେ ଜଣେ ମୃତ ପୁଲିସ କର୍ମଚାରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସୁସ୍ଥ ହୋଇ ଘରକୁ ଫେରୁଥିବା ନେଇ ତାଙ୍କ ପରିବାର ନିକଟକୁ ଏକ ଏସଏମଏସ୍ ବା ମ୍ୟାସେଜ୍ ଆସିଛି। ପୁଲିସ କନଷ୍ଟେବଲ ଦେବ ନାରାୟଣ ରାମ ଗତ ଜୁନ ୨୬ ତାରିଖରେ ଅମ୍ବିକାପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ଜୁନ ୩୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିବା ସହ ସରକାରୀ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ହାସଲ କରିସାରିଥିଲେ। ମାତ୍ର ମୃତ୍ୟୁର ୪୨ ଦିନ ପରେ ତାଙ୍କ ପତ୍ନୀ ସୀମା କୁଜୁରଙ୍କ ମୋବାଇଲକୁ ଆୟୁଷ୍ମାନ ସାରଥୀ ପକ୍ଷରୁ ଏକ ମେସେଜ୍ ଆସିଥିଲା। ସେଥିରେ ଲେଖାଯାଇଥିଲା, 'ପ୍ରିୟ ଦେବନାରାୟଣ ରାମ, ଆପଣ ସୁସ୍ଥ ହୋଇ ଘରକୁ ଫେରୁଥିବାରୁ ଆମେ ଆନନ୍ଦିତ, ଆଶା କରୁଛୁ ଆପଣ ଆୟୁଷ୍ମାନ ଭାରତ ଯୋଜନାର ମାଗଣା ଚିକିତ୍ସା ସେବାରେ ସନ୍ତୁଷ୍ଟ।' ଏହି ବାର୍ତ୍ତା ପାଇବା ପରେ ଶୋକସନ୍ତପ୍ତ ପରିବାର ସ୍ତବ୍ଧ ହୋଇଯାଇଛନ୍ତି। ନିଜେ ଜଣେ ସ୍ୱାସ୍ଥ୍ୟକର୍ମୀ ହୋଇଥିବା ସୀମା କୁଜୁର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ଏହି ଭୁଲ ପଛରେ କୌଣସି ବଡ଼ ଧରଣର ଆର୍ଥିକ ଅନିୟମିତତା କିମ୍ବା ଜାଲିଆତି ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ସାଧାରଣ ଓ ଗରିବ ଜନସାଧାରଣଙ୍କ କ୍ଷେତ୍ରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଅତ୍ୟନ୍ତ ଭୟାନକ ହୋଇପାରେ ବୋଲି ଦର୍ଶାଇ ସେ ଏକ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ, ମେଡିକାଲର ଡାକ୍ତର ଶୈଳେନ୍ଦ୍ର ଗୁପ୍ତା କହିଛନ୍ତି ଯେ, ତଥ୍ୟ ସଂଗ୍ରହକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ଆୟୁଷ୍ମାନ କାର୍ଡ ପ୍ରକ୍ରିୟା ବନ୍ଦ କରିବାରେ ବିଳମ୍ବ ଘଟିଥିଲା।





# ଲୋକସଭାରେ 'ଖଣି ଓ ଖଣିଜ ସଂଶୋଧନ ବିଲ୍' ପାରିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ବିରୋଧୀ ଦଳଗୁଡ଼ିକର କ୍ରମାଗତ ହଙ୍ଗାମା ଓ ପ୍ରତିବାଦ ମଧ୍ୟରେ ବୁଧବାର ଲୋକସଭାରେ ବିନା କୌଣସି ଆଲୋଚନାରେ 'ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬' ଗୃହୀତ ହୋଇଛି। ଖଣିଜ ଅଧିକାର ଉପରେ ରାଜ୍ୟ ସରକାର କୌଣସି ଅତିରିକ୍ତ ଟିକସ ଧାର୍ଯ୍ୟ କରିପାରିବେ ନାହିଁ ବୋଲି ଏହି ବିଲରେ ବ୍ୟବସ୍ଥା ଥିବାରୁ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଛନ୍ତି। ଏଭଳି କଟକଣା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗୃହର ମଧ୍ୟଭାଗକୁ ଆସି ବିରୋଧୀ ସାଂସଦମାନେ ପ୍ରବଳ ନାରାବାଜି ଓ ହୋହାଲ୍ଲା କରିବା ଯୋଗୁଁ ଗୃହ କାର୍ଯ୍ୟକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

**ବିରୋଧୀଙ୍କ ଅଭିଯୋଗ: ସଂଘୀୟ ବ୍ୟବସ୍ଥାକୁ ବିପଦ**

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ (ଏମଏମଡିଆର) ଅନୁଯାୟୀ ସମସ୍ତ ଖଣି ଓ ଖଣିଜ ପଦାର୍ଥ ଉପରେ ସରକାରଙ୍କର ନିୟନ୍ତ୍ରଣ ରହିବ। ବିଲ୍ ଆଗତ କରିଥିଲେ କୋଇଲା ଓ ଖଣି ମନ୍ତ୍ରୀ କିଶନ ରେଡୀ। ବିଲ୍ ସପକ୍ଷର ଯୁକ୍ତି ରଖି ସେ କହିଥିଲେ ଯେ ଦେଶସାରା ଖଣି ନିୟନ୍ତ୍ରଣ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାନତା ଆଣିବା ଲାଗି ଏଥିରେ ବ୍ୟବସ୍ଥା କରାଯାଇଛି। ବିଲରେ କୁହାଯାଇଛି ଯେ ଏହା ଆଇନରେ ପରିଣତ ହୋଇଗଲେ ରାଜ୍ୟ ସରକାରଙ୍କ ପାଖରେ ଜମା ହୋଇନଥିବା ଟିକସ, ସେସ୍ କିମ୍ବା ଲେଭି ଆଉ ଆଦାୟ ହୋଇପାରିବ ନାହିଁ। ମନ୍ତ୍ରୀ କହିଲେ ଯେ ବିଭିନ୍ନ ରାଜ୍ୟ ମନଇଚ୍ଛା ଖଣିଜ ଟିକସ/ ସେସ୍ ଧାର୍ଯ୍ୟ କରୁଥିବାରୁ ଖଣିଜ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେଉଛି। ଦେଶରେ ଖଣିଜ ପଦାର୍ଥ ମହଜୁଦ ଥିଲେ ମଧ୍ୟ ଏଭଳି ଅସ୍ଥିରତା ଯୋଗୁଁ କିଛି ଶିଳ୍ପସଂସ୍ଥା କୋଇଲା ଆମଦାନୀ ପାଇଁ ବାଧ୍ୟ ହୋଇପାରନ୍ତି। ପୁଞ୍ଜି ନିବେଶକ ମଧ୍ୟ ନିରୁତ୍ସାହିତ ହୋଇପାରନ୍ତି। ତେଣୁ ଏଭଳି ଅସ୍ଥିରତାକୁ ଦୂର କରିବା ଲାଗି ବିଲରେ ସଂଶୋଧନ କରାଯାଇଛି।

# କକ୍ରୋଚ୍ ପାର୍ଟିର ଯନ୍ତରମନ୍ତର-୨

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ ଆଉ ଏକ ନୂଆ ଆନ୍ଦୋଳନ କାର୍ଯ୍ୟକ୍ରମ ନେଇ ବୁଧବାର ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଅନେକ ଯୁବକଙ୍କ ଅନୁରୋଧକୁ ଆଧାର କରି 'ଯନ୍ତରମନ୍ତର ସିଜନ୍ ୨' ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଅଭିଜିତ୍ କହିଛନ୍ତି ଯେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମ୍‌ରେ ଅନେକ ଲୋକ 'ଜନ୍ତର-ମନ୍ତର' ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ ପଚାରୁଥିଲେ। ତେବେ ଏହି ଆନ୍ଦୋଳନର ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ କିମ୍ବା ମୁଖ୍ୟ ଦାବିଗୁଡ଼ିକ ସମ୍ପର୍କରେ ସେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ଏହାପୂର୍ବରୁ ଉତ୍ତର ପ୍ରଦେଶର ହମୀରପୁରଠାରେ ବିଦ୍ୟାଳୟ ପାଇଁ ରାସ୍ତା ଦାବିରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଓ ୧୦୦ ଅଭିଭାବକ କରିଥିବା ଶୋଭାଯାତ୍ରାକୁ ସେ ସମର୍ଥନ ଜଣାଇଥିଲେ। ଅନ୍ୟପଟେ, ଦିଲ୍ଲୀରେ ଦଳର ସ୍ୱେଚ୍ଛାସେବୀ ବୈଠକ ପାଇଁ ହଲ୍ ମିଳିବାରେ ବାଧା ସୃଷ୍ଟି ହୋଇଥିବା ନେଇ ସେ ବିଜେପି ଉପରେ ଚାପ ପକାଇବାର ଅଭିଯୋଗ ଆଣିଛନ୍ତି।

# ଜେଲ୍‌ରେ ରେବନ୍ନାଙ୍କ ନିକଟରୁ ମୋବାଇଲ୍, ପେନ୍‌ଡ୍ରାଇଭ୍ ଜବତ



ବେଙ୍ଗାଲୁରୁ, ୧୨।୮ (ଏଜେନ୍ସି): ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ପୂର୍ବତନ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡ଼ାଙ୍କ ନାତି ପ୍ରଜ୍ୱଲ ରେବନ୍ନାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍, ପେନ୍ ଡ୍ରାଇଭ୍ ଏବଂ ଚାର୍ଜର ଜବତ ହୋଇଛି। ବେଙ୍ଗାଲୁରୁର ପରପ୍ପନ ଅଗ୍ରହାରା କେନ୍ଦ୍ରୀୟ କାରାଗାରରେ ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚ (ସିସିବି) ପକ୍ଷରୁ କରାଯାଇଥିବା ହଠାତ୍ ଚଢ଼ାଉ ସମୟରେ ଏହି ନିଷିଦ୍ଧ ସାମଗ୍ରୀଗୁଡ଼ିକ ମିଳିଛି। ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚର ବିଶେଷ ଟିମ୍ କାରାଗାରର ହାଇ-ପ୍ରୋଫାଇଲ୍ ବାରାକ୍‌ଗୁଡ଼ିକରେ ପ୍ରାୟ ୪ ରୁ ୫ ଘଣ୍ଟା ଧରି ଯାଞ୍ଚ ଅପରେସନ୍ ଚଳାଇଥିଲେ। ଏହି ସମୟରେ ପ୍ରଜ୍ୱଲ ରେବନ୍ନା ଏବଂ ତାଙ୍କ ସହବନ୍ଦୀ ପ୍ରତାପ ରାୟ ରହୁଥିବା କୋଠରୀରୁ ଫୋନ୍ ଓ ପେନ୍ ଡ୍ରାଇଭ୍ ଜବତ କରାଯାଇଥିଲା। ଏହି ଘଟଣା ପରେ ପରପ୍ପନ ଅଗ୍ରହାରା ଥାନାରେ କାରାଗାର ଆଇନର ଧାରା ୪୨ ଅଧୀନରେ ନୂତନ ମାମଲା ରୁଜୁ କରାଯାଇଛି। କାରାଗାରର ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ପାଇଁ ଜେଲ୍ ସହକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଲମ୍ବିତ କରାଯାଇଥିବା ବେଳେ କେନ୍ଦ୍ରୀୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେହିପରି ସିସିଟିଭି ଫୁଟେଜ୍‌ଗୁଡ଼ିକର ଅନୁଧ୍ୟାନ କରାଯାଉଛି। ସୂଚନାଯୋଗ୍ୟ ଯେ, ପ୍ରଜ୍ୱଲ ରେବନ୍ନାଙ୍କୁ ଜଣେ ଗୃହସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଅଗଷ୍ଟ ୨୦୨୫ରେ ବିଶେଷ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ।

# ମୁମ୍ବାଇରେ ଭୂସ୍ଖଳନ; ୭ ମୃତ

ମୁମ୍ବଇ, ୧୨।୮ (ଏଜେନ୍ସି): ମୁମ୍ବାଇର ଘାଟକୋପର ଅଞ୍ଚଳରେ ଘଟିଥିବା ଏକ ଭୟଙ୍କର ଭୂସ୍ଖଳନରେ ୭ ଜଣ ପ୍ରାଣ ହରାଇଥିବା ବେଳେ ଏବେ ବି ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ସ୍ୱତନ୍ତ୍ର ସନ୍ଧାନୀ କ୍ୟାମେରା ବ୍ୟବହାର କରାଯାଇ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ଅନୁଯାୟୀ, ବୁଧବାର ଭୋର ୩ଟା ୪୮ ମିନିଟରେ ଘାଟକୋପରର ଚିରାଗ ନଗରସ୍ଥିତ ଗୌସିଆ ଚାଲ୍ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପାହାଡ଼ର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିବାରୁ ନିକଟରେ ଥିବା ୨ ରୁ ୩ଟି ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ, ମୁମ୍ବାଇ ଅଗ୍ନିଶମ ବାହିନୀ, ପୋଲିସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ର ମିଳିତ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାଟି ଓ ପଥର ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ପାଇଁ ଅତ୍ୟାଧୁନିକ 'ଭିକ୍ଟିମ୍-ଡିଟେକ୍ସନ୍' କ୍ୟାମେରା ବ୍ୟବହାର କରାଯାଉଛି।



# ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୫ ଜଣ ବିଚାରପତି

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଭାରତରେ ବିଚାର ବ୍ୟବସ୍ଥା ଉପରେ ବଢୁଥିବା ମାମଲାର ଚାପ ମଧ୍ୟରେ ବିଚାରପତିଙ୍କ ଅଭାବ ଏକ ବଡ଼ ଚିନ୍ତାର କାରଣ ହୋଇଛି। ସାମ୍ପ୍ରତିକ ତଥ୍ୟ ଅନୁସାରେ, ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ପ୍ରାୟ ୧୫ ଜଣ ବିଚାରପତି ଅଛନ୍ତି। ମାମଲାର ବଢୁଥିବା ବକେୟା ସଂଖ୍ୟାକୁ ଦୃଷ୍ଟିରେ ରଖି ଲୋକସଭା ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ବୃଦ୍ଧି କରିବା ପାଇଁ 'ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍' ପାରିତ କରିଛି। ଏହା ଅନୁସାରେ, ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୩ରୁ ବଢ଼ି ୩୭ ହେବ। ଦେଶର ସମସ୍ତ ସ୍ତରର ଅଦାଲତକୁ ମିଶାଇ ବିଚାରପତିଙ୍କ ସଂଖ୍ୟା ୨୦୧୯ ରେ ୨୦, ୫୭୩ ଥିବାବେଳେ ୨୦୨୫ରେ ଏହା ୨୧, ୮୪୧କୁ ବୃଦ୍ଧି ପାଇଛି। କିନ୍ତୁ ଜନସଂଖ୍ୟା ଓ ମାମଲା ସଂଖ୍ୟା ବୃଦ୍ଧି ତୁଳନାରେ ଏହି ବୃଦ୍ଧି ଅତ୍ୟନ୍ତ କମ୍ ରହିଛି। ୨୦୧୯ରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ବିଚାରପତିଙ୍କ ଅନୁପାତ ୧୫.୩ ଥିଲା। ୨୦୨୦ରେ ଏହା ୧୪.୮କୁ ହ୍ରାସ ପାଇଥିଲା। ୨୦୨୫ରେ ସାମାନ୍ୟ ବୃଦ୍ଧି ପାଇ ୧୫.୪ରେ ପହଞ୍ଚିଛି। ଅର୍ଥାତ୍, ଛଅ ବର୍ଷ ମଧ୍ୟରେ ଏହି ଅନୁପାତରେ ବଡ଼ ପରିବର୍ତ୍ତନ ହୋଇନାହିଁ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ମାମଲାର ଭାର ତୁଳନାରେ ବିଚାରପତିଙ୍କ ଉପଲବ୍ଧତା। ୨୦୧୯ରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ବକେୟା ମାମଲା ତୁଳନାରେ ବିଚାରପତିଙ୍କ ଅନୁପାତ ୫୫୫ ଥିଲା। ୨୦୨୫ରେ ଏହା ହ୍ରାସ ପାଇ ୪୦୩ ହୋଇଛି। ଏଥିରୁ ମାମଲାର ଚାପ ବୃଦ୍ଧି ଓ ନିଯୁକ୍ତିର ଗତି ମଧ୍ୟରେ ଥିବା ତାରତମ୍ୟ ସ୍ପଷ୍ଟ ହେଉଛି। ବିଚାରପତି-ଜନସଂଖ୍ୟା ଅନୁପାତରେ ଭାରତର ସ୍ଥିତି ଅନ୍ୟ କେତେକ ବିକଶିତ ଦେଶ ତୁଳନାରେ ବହୁତ ପଛରେ। ୨୦୨୪ର ତଥ୍ୟ ଅନୁସାରେ, ଫ୍ରାନ୍ସରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ୪୧୮ ଜଣ, ବ୍ରିଟେନରେ ୨୮୬ ଜଣ ଏବଂ ଜର୍ମାନୀରେ ୨୪୯ ଜଣ ବିଚାରପତି ଥିଲେ। ଏହି ତୁଳନାରେ ଭାରତର ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରାୟ ୧୫ ଜଣ ବିଚାରପତି ଥିବା ତଥ୍ୟ ଦେଶର ବିଚାର ବ୍ୟବସ୍ଥାରେ ଥିବା ବିଶାଳ ମାନବସମ୍ବଳ ଅଭାବକୁ ଦର୍ଶାଉଛି। ସୁପ୍ରିମକୋର୍ଟରେ ଚାରିଟି ଅତିରିକ୍ତ ପଦ ସୃଷ୍ଟି ତତ୍କାଳୀନ ଚାପ କିଛି ମାତ୍ରାରେ କମାଇପାରେ। କିନ୍ତୁ ଦୀର୍ଘକାଳୀନ ଭାବେ ନ୍ୟାୟ ପ୍ରଦାନକୁ ଦ୍ରୁତ ଓ ପ୍ରଭାବଶାଳୀ କରିବା ପାଇଁ ତଳସ୍ତରରୁ ସର୍ବୋଚ୍ଚ ଅଦାଳତ ପର୍ଯ୍ୟନ୍ତ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି, ଖାଲି ପଦ ପୂରଣ ଓ ନ୍ୟାୟିକ ଭିତ୍ତିଭୂମିର ସୁଦୃଢ଼ୀକରଣ ଆବଶ୍ୟକ।

**ବିଚାରପତି ବଢ଼ିଲେ; ଅନୁପାତ ବଢ଼ିଲାନି**



# ଡିଜିପି ନିଯୁକ୍ତି: କ୍ଷମତା ଅଳିନ୍ଦରେ ଛାୟାଯୁଦ୍ଧ

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ପ୍ରଥମଥର ଓଡ଼ିଶା ପୁଲିସର ସର୍ବୋଚ୍ଚ ଡିଜି ପଦକୁ ନେଇ ଆରମ୍ଭ ହୋଇଛି ବିବାଦ ଓ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ନୂତନ ଡିଜି ନିଯୁକ୍ତି ପ୍ରସଙ୍ଗରେ ୨୦୦୬ରେ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଗତକାଲି ଏ ସଂକ୍ରାନ୍ତରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା ଓ ଗୁରୁବାର ବା ଆସନ୍ତା ମଙ୍ଗଳବାର ଏ ସଂକ୍ରାନ୍ତରେ ଶୁଣାଣି ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ଗତ ୭ ତାରିଖରେ ଅଧାରୁ ବନ୍ଦ ହୋଇଥିବା ୟୁପିଏସ୍‌ସି ଆସନ୍ତାକାଲି ଏମ୍ପାନେଲମେଣ୍ଟ କମିଟି ବୈଠକ ପରେ ସମ୍ଭାବ୍ୟ ଡିଜି ପଦ ପାଇଁ ରାଜ୍ୟ ସରକାରଙ୍କୁ ନାମ ସୁପାରିସ କରିପାରେ ବୋଲି ମଧ୍ୟ କୁହାଯାଉଛି। ମାତ୍ର ରାଜ୍ୟର ପରବର୍ତ୍ତୀ ଡିଜି ପଦକୁ ନେଇ କ୍ଷମତା ଅଳିନ୍ଦରେ ଯେଉଁ ଛାୟା ଯୁଦ୍ଧ ଆରମ୍ଭ ହୋଇଛି; ଏହାର ପରିଣାମ କ'ଣ ହେବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ ।

ଓଡ଼ିଶାର ବର୍ତ୍ତମାନର ଡିଜିପି ୱାଇ.ବି. ଖୁରାନିଆ ଅଗଷ୍ଟ ୧୬ରେ ଅବସର ନେବେ, ଏହା ପୂର୍ବରୁ ରାଜ୍ୟର ନୂଆ ପୁଲିସ ମୁଖିଆ ମନୋନୟନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଡିଜିପି ନିଯୁକ୍ତି କେବଳ ପ୍ରଶାସନିକ ନିଯୁକ୍ତି ନୁହେଁ; ଏହା ରାଜ୍ୟର ପୁଲିସ ପ୍ରଶାସନ,



ଆଇନଶୃଙ୍ଖଳା ଓ କ୍ଷମତା କେନ୍ଦ୍ର ସହ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପଦକ୍ଷେପ। ପୁଣି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, ଆଗାମୀ ଦିନରେ ବିଭିନ୍ନ ନିର୍ବାଚନ ଦୃଷ୍ଟିରୁ ଏହି ନିଯୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି। ପ୍ରଥମେ ରାଜ୍ୟର ପରବର୍ତ୍ତୀ ଡିଜି ପଦ ପାଇଁ ସୁଧାଂଶୁ ଷଡ଼ଙ୍ଗୀଙ୍କ ନାମ ଚର୍ଚ୍ଚାର ପରିଧିରେ ଥିଲା। ଏହାପରେ ଅନ୍ୟ ଦୁଇ ବରିଷ୍ଠ ଅଧିକାରୀ ଆର୍.ପି.କୋଚେ ଓ ସୁଶାନ୍ତ ନାଥଙ୍କ ନାମ ମଧ୍ୟ ଏଥିରେ ସାମିଲ ହୋଇଥିଲା। ସୁଧାଂଶୁ ଷଡ଼ଙ୍ଗୀଙ୍କୁ ସରକାର ପସନ୍ଦ କରୁ ନ ଥିଲେ, ଆର୍.ପି.କୋଚେଙ୍କୁ ବିଜେପିର ରାଜ୍ୟ ସଙ୍ଗଠନ ପ୍ରସନ୍ଦ କରୁ ନ ଥିଲା ଓ ପୁଲିସ ଏସ୍‌ଆଇ ନିଯୁକ୍ତି ପ୍ରସଙ୍ଗରେ ସୁଶାନ୍ତ ନାଥ ବିବାଦୀୟ ହୋଇ ପଡ଼ିଥିଲେ । ଯେଉଁଥିପାଇଁ


## ୟୁପିଏସ୍‌ସି ବୈଠକ ଓ ସୁପ୍ରିମ୍‌କୋର୍ଟଙ୍କ ଉପରେ ସଭିଙ୍କ ନଜର

ୱାଇ.ବି.ଖୁରାନିଆଙ୍କ ଉତ୍ତରାଧିକାରୀ ନିଯୁକ୍ତି ଚୂଡ଼ାନ୍ତ ହୋଇ ପାରି ନ ଥିଲା।

ମାତ୍ର ଗତ ୭ ତାରିଖରେ ୟୁପିଏସ୍‌ସି ଏମ୍ପାନେଲମେଣ୍ଟ କମିଟି ବୈଠକରେ ଘଟିଥିବା ଘଟଣା ସବୁ ଅଙ୍କକୁ ଗୋଳମାଳ କରି ଦେଇଥିଲା । ସୁଶାନ୍ତ ନାଥଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ସଚିବ ଓ ବର୍ତ୍ତମାନର ଡିଜିପି ୟୁପିଏସ୍‌ସିକୁ ଅନୁରୋଧ କରିଥିଲେ । ଫଳରେ ବିନା ନିଷ୍କର୍ଷରେ ବୈଠକ ସ୍ଥଗିତ ରହିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏହା କେବଳ ରାଜ୍ୟର ଡିଜି ପଦ ନୁହେଁ, କ୍ଷମତା ରାଜନୀତିରେ ଚାଲିଥିବା ଛାୟା ଯୁଦ୍ଧର ପ୍ରତିଫଳନ ବୋଲି କୁହାଯାଉଛି । ରାଜ୍ୟ ବିଜେପିରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳ, ସରକାରରେ ବାବୁମାନଙ୍କ ପତିଆରା ଓ ପୁଲିସ ବିଭାଗରେ ବରିଷ୍ଠ ବର୍ଗ ଅଧିକାରୀଙ୍କ ମଧ୍ୟରେ ବିଭେଦକୁ ମଧ୍ୟ ଏହା ସ୍ପଷ୍ଟ କରିଛି ବୋଲି କୁହାଯାଉଛି। ଏହି କ୍ରମରେ ଆସନ୍ତାକାଲିର ୟୁପିଏସ୍‌ସି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି। ଏମପାନେଲମେଣ୍ଟ କମିଟି କାହା ନାମ ଏଥିପାଇଁ ସୁପାରିସ କରିବ ଓ ସରକାର କାହାକୁ ଡିଜି କରିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି । ମାତ୍ର ଏହା ମଧ୍ୟରେ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ଯଦି କିଛି ପ୍ରତିକୂଳନ ନିର୍ଦ୍ଦେଶ ଆସେ, ତେବେ ସମଗ୍ର ପ୍ରକ୍ରିୟାର ଗତିପଥ ବଦଳିପାରେ । ତେବେ ଇତିମଧ୍ୟରେ ଅନ୍ୟ ଦୁଇ ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବାରୁ ପରବର୍ତ୍ତୀ ଡିଜି ଭାରେ ଶ୍ରୀ ପଣ୍ଡାଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି ।

# ଶ୍ରୀମନ୍ଦିରରେ ଚିତା ଲାଗି ନୀତି: ଶ୍ରୀମୁଖରେ ଝଲସିଲା ରତ୍ନ ଚିତା

ପୁରୀ,୧୨।୮ (ସମିସ): ପବିତ୍ର ଚିତାଲାଗି ଅମାବାସ୍ୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ଚିତା ଲାଗି ନୀତି ସମ୍ପନ୍ନ ହୋଇଛି। ତିନିଠାକୁରଙ୍କୁ ଦଇତାପତି ସେବକମାନେ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସିଉଠୁଛି ରତ୍ନଚିତା। ଶ୍ରୀମନ୍ଦିରରେ ଅପରାହ୍ଣ ୨ଟା ୫୦ରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନିଆଯାଇ ଖଟଶେଜ ଘରେ ବିଜେ କରାଯାଇଥିଲା। ଏହାପରେ



୩ଟା ୧୦ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଅପରାହ୍ଣ ୩ଟା ୧୫ରେ ଦଇତାପତି ସେବକମାନେ ଚିତା ଲାଗି ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ର ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତା ଲାଗି କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ହୀରା ଖଚିତ ସୁବର୍ଣ୍ଣ ଚିତା ଲାଗି କରାଯାଇଥିବା ବେଳେ ବଡ଼ଠାକୁର ଶ୍ରୀବଳଭଦ୍ର ନୀଳା ଖଚିତ ସୁବର୍ଣ୍ଣ ଚିତା ଏବଂ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଲାଗି ହୋଇଥିଲେ। ସନ୍ଧ୍ୟା ୬ଟା ୨୫ରେ ଚିତା ଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡ଼ରେ ମହାସ୍ନାନ କରିଥିଲେ। ପରେ ଖଟଶେଜ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢ଼ିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଚିତା ଲାଗି ତଥା ଚିତଉ ଅମାବାସ୍ୟାରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା।

ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ରଖାଯାଇଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥାନ୍ତି।

## ■ ଆଜି ମହାପ୍ରଭୁଙ୍କ ବନକଲାଗି
## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୨।୮ (ସମିସ): ଶ୍ରାବଣ ଶୁକ୍ଳ ପ୍ରତିପଦ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

# ପୁରୀ ଗୋବର୍ଦ୍ଧନ ପୀଠ, ସ୍ୱର୍ଗଦ୍ୱାର ବେଳାଭୂମିର ବିକାଶ ହେବ

ଭୁବନେଶ୍ୱର,୧୨।୮ (ସମିସ): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା



ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବନ୍ୟା ବେଳେ ବିଜେପିରେ ଗୋଷ୍ଠୀ କନ୍ଦଳ

## ବିଧାୟକଙ୍କ ନିର୍ଦ୍ଦେଶରେ ସାଂସଦ ପ୍ରତିନିଧି ଥାନାରେ ଅଟକ

ଯାଜପୁର,୧୨।୮ (ସମିସ): ବରୀ ବ୍ଲକର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଅନେକ ଧନ ଜୀବନ ନଷ୍ଟ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ରାଜ୍ୟସ୍ତରୀୟ ନେତା ବନ୍ୟା ବିପନ୍ନଙ୍କ ଦୁଃଖ ବୁଝିବାକୁ ଆସିନାହାନ୍ତି। ତେବେ ଆଜି ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବନ୍ୟାଞ୍ଚଳ ପରିଦର୍ଶନ କରିବାକୁ ଆସିଥିଲେ। ଏହି ସମୟରେ ଦଳୀୟ ଗୋଷ୍ଠୀ କନ୍ଦଳ ଦେଖାଦେଇ ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା।

ସୂଚନା ମୁତାବକ ଚଳିତ ବନ୍ୟାରେ ବରୀ ବ୍ଲକ ଯଥେଷ୍ଟ ପ୍ରଭାବିତ ହୋଇଥିବା ବେଳେ ସରକାରୀ ସ୍ତରରେ ଓ ବେସରକାରୀ ଭାବେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସହଯୋଗର ହାତ ବଢ଼ାଇଥିଲେ। ବୁଧବାର ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ଶ୍ରୀ ସାମନ୍ତ ବରୀର ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଆସିଥିବା ବେଳେ କିମ୍ବିରିଆପାଳ ପଞ୍ଚାୟତର ବାଙ୍କସାହି ଠାରେ ବନ୍ୟା ଦ୍ୱାରା ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରି ବରୀ ଜଳସମ୍ପଦ ଡାକବଙ୍ଗଳାଠାରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର ପହଞ୍ଚିବା ବେଳେ ବରୀ ବିଜେପି ନେତା ଉମେଶ ଜେନାଙ୍କ ସମର୍ଥକ ବୋଲାଉଥିବା କିଛି ଦଳୀୟ କର୍ମୀ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜଳସମ୍ପଦ ବିଭାଗର ଡାକ ବଙ୍ଗଳାକୁ ପୂରାଇ ଦେଇନଥିଲେ। ଏହି ସମୟରେ ଯାଜପୁର ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ବେହେରା ମଧ୍ୟ ମନୋଜଙ୍କୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ବିଜେପିର ଦଳୀୟ କର୍ମୀମାନେ ଗାଳି ଗୁଲଜ କରିବାର ଦେଖିବାକୁ ମିଳିଥିଲା। ଅନ୍ୟ ପକ୍ଷରେ ବରୀ ବିଜେପିର ଜଣେ ବରିଷ୍ଠ କର୍ମକର୍ତ୍ତା ରାଜୁ ପରିଡ଼ା ଧର୍ମଶାଳା ବିଧାୟକ ହିମାଂଶୁ



ଶେଖର ସାହୁଙ୍କ ସହିତ ଯୁକ୍ତି ତର୍କ କରିବାରୁ ଲିକୁଙ୍କ ନିର୍ଦ୍ଦେଶରେ ବରୀ ପୁଲିସ ଅଶୋକ ବେହେରା ଏବଂ ରାଜୁଙ୍କୁ ଥାନାକୁ ଉଠାଇ ନେଇଥିଲା। ବରୀରେ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରି ନିଜର ଦବଦବା ରଖିଥିବା ବେଳେ ଭାଜପାର ଦଳୀୟ ଗୋଷ୍ଠୀ କନ୍ଦଳ ଆଗାମୀ ଦିନରେ ଏହି ଦଳ ପାଇଁ ଆହୁରି ମହଙ୍ଗା ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ମନୋଜ ମହାପାତ୍ରଙ୍କ ହସ୍ତକ୍ଷେପ ଫଳରେ ବରୀ ପୁଲିସ ଅଟକ ଦୁଇ ବିଜେପି ନେତାଙ୍କୁ ଛାଡିଥିବା ସୂଚନା ମିଳିଛି।

## ୨ ଦିନରେ ୧୮ ହଜାର ଚାଲାଣ

କଟକ,୧୨।୮ (ସମିସ): ଅଗଷ୍ଟ ୧୦ ଓ ୧୧ତାରିଖ ଏହି ଦୁଇ ଦିନ ମଧ୍ୟରେ ରାଜ୍ୟସାରା ମୋଟ ୧୮,୪୬୮ଟି ଇ-ଚାଲାଣ ଜାରି କରିଛି ପରିବହନ ବିଭାଗ। ଗତ ମଙ୍ଗଳବାର ୧୦,୫୮୮ ଚାଲାଣ କଟାଯିବା ସହ ୨୮ଟି ଗାଡ଼ି ଜବତ ହୋଇଛି। ବିନା ହେଲମେଟ ପାଇଁ ୪,୪୦୯, ଦ୍ରୁତଗତି ପାଇଁ ୧,୫୫୩, ବୈଧ ବୀମା ନଥିବାରୁ ୪୧୫ଟି ଓ ବିନା ସିଟ୍‌ବେଲ୍ଟରେ ଗାଡି ଚଳାଇବା ପାଇଁ ୨୫୮ଟି ଚାଲାଣ ଜାରି ହୋଇଛି। ସେହିପରି ସୋମବାର ଦିନ ସଡ଼କ ସୁରକ୍ଷା ନିୟମ ଭାଙ୍ଗିଥିବା ଗାଡ଼ି ଚାଳକଙ୍କ ବିରୋଧରେ ମୋଟ ୭,୮୮୦ଟି ଇ-ଚାଲାଣ ଜାରି କରାଯାଇଥିଲା। ଏହି ଦିନ ବିନା ହେଲମେଟରେ ଗାଡି ଚଳାଉଥିବା ପାଇଁ ୨,୭୩୭୦ ଦ୍ରୁତଗତି ପାଇଁ ୧,୧୧୫ଟି ଇ-ଚାଲାଣ ଜାରି କରାଯାଇଥିବା ଜଣାପଡିଛି।

# ବିଧାୟକଙ୍କ ଜିଦ୍ ଆଗରେ ନଇଁଲେ ରେଭେନ୍ସା କର୍ତ୍ତୃପକ୍ଷ

## ହଟିଲେ ଚିଫ ୱାର୍ଡେନ୍; ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ଅବ୍ୟାହତି

କଟକ,୧୨।୮ (ସମିସ): ଶିକ୍ଷକ ଏବଂ କଟକ ସଦର ବିଧାୟକଙ୍କ ବିବାଦ ମଧ୍ୟରେ ବାଜି ମାରିଛନ୍ତି ବିଧାୟକ ପ୍ରକାଶ ସେଠୀ। ତାଙ୍କ ଜିଦ୍‌କୁ ଏକ ପ୍ରକାର ମାନି ନେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ବଦଳିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ଚିଫ ୱାର୍ଡେନ। ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ସ୍ଥାନରେ ରସାୟନ ବିଭାଗର ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ଚିଫ୍ ୱାର୍ଡେନ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଦୁଇ ଡେପୁଟି ଚିଫ୍ ୱାର୍ଡେନଙ୍କୁ ମଧ୍ୟ ବଦଳି କରାଯାଇ ଥିବାବେଳେ ୮ଜଣ ଲେଖାଏଁ ୱାର୍ଡେନ ସମେତ ଡେପୁଟି ୱାର୍ଡେନଙ୍କୁ ପରିବର୍ତ୍ତନ କରାଯାଇଛି। ସେମାନଙ୍କୁ ମଧ୍ୟରୁ କିଛି ନୂଆ ଦାୟିତ୍ୱ ପାଇଥିବାବେଳେ ଆଉ କିଛି ଜଣଙ୍କର ଅନ୍ୟ ହଷ୍ଟେଲକୁ ବଦଳି ହୋଇଛି। ବିଶେଷ କରି ଯେଉଁ ଡେପୁଟି ୱାର୍ଡେନଙ୍କୁ ନେଇ ବିବାଦ ଏତେ ବାଟ ଯାଇଥିଲା, ସମ୍ପୃକ୍ତ ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି। ପୂର୍ବରୁ ଚିଫ୍ ୱାର୍ଡେନ ଏବଂ ଡେପୁଟି ୱାର୍ଡେନଙ୍କ ବଦଳି ହେଲେ ଏହି ବିବାଦ ସମାଧାନ ହେବ ବୋଲି କଟକ ସଦର ବିଧାୟକ ପ୍ରକାଶ ସେଠୀ କହିଥିଲେ। ସେହି ଦୃଷ୍ଟିରୁ ରେଭେନ୍ସାରେ ଦୀର୍ଘଦିନ ଧରି ଚାଲିଥିବା ବିବାଦ ପୂର୍ଣ୍ଣଚ୍ଛେଦ ପଡ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ଛାତ୍ରଙ୍କ ଆନ୍‌ଦୋଳନରୁ ଏହି ବିବାଦ ଆରମ୍ଭ ହୋଇଥିଲା। ଅନ୍ତେବାସୀଙ୍କ ସମସ୍ୟାର ସମାଧାନ ନେଇ ଚାଲିଥିବା ବୈଠକରେ ଚିଫ୍ ୱାର୍ଡେନ ଏବଂ ବିଧାୟକ ଶ୍ରୀ ସେଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଉଭୟ ନିଜ ନିଜ ବିରୋଧରେ ଦୁର୍ବ୍ୟବହାର ନେଇ ଅଭିଯୋଗ ଆଣିଥିଲେ। ଶିକ୍ଷକ ସଂଘ ପଦଯାତ୍ରା ମାଧ୍ୟମରେ ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଚିଫ୍ ୱାର୍ଡେନଙ୍କ ସମେତ ସବୁ ୱାର୍ଡେନ ଏବଂ ଡେପୁଟି ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ। ଏପଟେ ବିଧାୟକ ଶ୍ରୀ ସେଠୀ ଦୁର୍ବ୍ୟବହାର ନେଇ ଚିଫ୍ ୱାର୍ଡେନ ପ୍ରଫେସର ମିଶ୍ରଙ୍କ ବିରୋଧରେ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିକୁ ବିଧାୟକ ପ୍ରତ୍ୟାହାର କରନ୍ତୁ ବୋଲି ଶିକ୍ଷକ ସଂଘ ଦାବି କରିଥିଲେ। ତେବେ ଆଜି ରେଭେନ୍ସା କର୍ତ୍ତୃପକ୍ଷ ସବୁ ହଷ୍ଟେଲରେ ପଦାଧିକାରୀଙ୍କୁ ବଦଳି କରିଛନ୍ତି। ଚିଫ୍ ୱାର୍ଡେନ ଶ୍ରୀ ପାଢ଼ୀଙ୍କ ବ୍ୟତୀତ ପ୍ରଫେସର ଦୀପ୍ତି ରାଉତ ଓ ଡ. ଦ୍ୱିତୀକୃଷ୍ଣ ବେହେରାଙ୍କୁ ଡେପୁଟି ଚିଫ୍ ୱାର୍ଡେନ ଦାୟିତ୍ୱ ମିଳିଛି। ସେହିଭଳି ଜଗନ୍ନାଥ ଛାତ୍ରାବାସର ଡେପୁଟି ୱାର୍ଡେନ ଭାବେ ଡ. ଚିନ୍ମୟ ମଲ୍ଲିକ, ୱେଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ସୀତାରାମ ମହାପାତ୍ର ଓ ଡେପୁଟି ୱାର୍ଡେନ ମହମ୍ମଦ ରହିମୁଲ୍ଲା ଅସରଫ, ଇଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ଯଯାତି ନାୟକ ଓ ଡେପୁଟି ୱାର୍ଡେନ ରାଜା କିଶୋର ପୃଷ୍ଟି, ଲଳିତଗିରି ଛାତ୍ରାବାସର ୱାର୍ଡେନ ଭାବେ ଦୀପ୍ତି ରଞ୍ଜନ ମହାରଣା ଓ ଡେପୁଟି ୱାର୍ଡେନ ଜିତେନ୍ଦ୍ର ସାବର, ପରିଜା ହଷ୍ଟେଲର ଡେପୁଟି ୱାର୍ଡେନ ସେଞ୍ଜୁତି ନନ୍ଦୀ, କାଠଯୋଡ଼ି ହଷ୍ଟେଲର ୱାର୍ଡେନ ରୂପେ ମନୋସ୍ମିତା ମହାପାତ୍ର ଓ ଡେପୁଟି ୱାର୍ଡେନ ମଧୁସ୍ମିତା ରାଉତ, ମହାନଦୀ ଛାତ୍ରୀନିବାସ ୱାର୍ଡେନ ବିନୋଦିନୀ ମାଝୀ, ଦେବୀ ହଷ୍ଟେଲର ୱାର୍ଡେନ ବନଜାରାଣୀ ପଣ୍ଡା, ଦୟା ହଷ୍ଟେଲ ୱାର୍ଡେନ ଡ. ସଂଘମିତ୍ରା ବେହେରା ଓ ଡେପୁଟି ୱାର୍ଡେନ ମାଳିନୀ ପ୍ରଭା ସେଠୀ, ଭାର୍ଗବୀ ହଷ୍ଟେଲର ୱାର୍ଡେନ ଯାଜ୍ଞସେନୀ ରାଉତ ଓ ଡେପୁଟି ୱାର୍ଡେନ ଭାବେ ରତ୍ନ ପାତ୍ରଙ୍କୁ ଦାୟିତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଆଜି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଶିକ୍ଷାବିତ୍ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ



ଭୁବନେଶ୍ୱର,୧୨।୮ (ସମିସ): ବିଶିଷ୍ଟ ଶିକ୍ଷାବିତ୍, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି। ମୁମ୍ବାଇସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି। ସେ ଗତ କିଛି ସମୟ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ସ୍ୱର୍ଗତଃ ମିଶ୍ର ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଫେସର ଡ ମିଶ୍ର ପୁରୀର ଏସ୍‌ସିଏସ୍ କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କ ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗଦେଇ ପ୍ରାଶାସନିକ ସେବାରେ ନିୟୋଜିତ ରହିଛନ୍ତି। ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ମୁମ୍ବାଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ। ଆନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି। ପୁତ୍ର ଡକ୍ଟର ସନ୍ତୃପ୍ତ ମିଶ୍ର ବର୍ତ୍ତମାନ ରାଜ୍ୟସଭା ସାଂସଦ ଥିବାବେଳେ କନ୍ୟା ଡକ୍ଟର ଲିପ୍ସା ମିଶ୍ର ଅବସରପ୍ରାପ୍ତ ପ୍ରଫେସର ଅଟନ୍ତି। ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅଙ୍ଗଦାନ ଦିବସ ଆଜି: ସରକାରୀ ସ୍ତରରେ ନାହିଁ ସଚେତନତା

ଭୁବନେଶ୍ୱର,୧୨।୮ (ସମିସ): ବିଜ୍ଞାନର ଅଭୁତପୂର୍ବ ଅଗ୍ରଗତି ସତ୍ତ୍ୱେ ମଣିଷର ଅଙ୍ଗ ତିଆରି କରିବାରେ ଚିକିତ୍ସା ବିଜ୍ଞାନ ଅସଫଳ। କିନ୍ତୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟ ଶରୀରରୁ(ଜୀବିତ କିମ୍ବା ମୃତ) ଅଙ୍ଗ ସଂଗ୍ରହ ଓ ପ୍ରତିରୋପଣ ଜରିଆରେ ଚିକିତ୍ସା ବିଜ୍ଞାନ ଅନେକ ଆଗରେ। ଚିକିତ୍ସା ବିଜ୍ଞାନରେ ଅଙ୍ଗଦାନ ଏକ ନୂଆ କ୍ଷେତ୍ର, ଯେଉଁଠି ମୃତ ମଣିଷର ହୃଦୟ, ଫୁସ୍‌ଫୁସ୍, ବୃକ୍‌କ, ଯକୃତ, ଆଖି, କର୍ଣ୍ଣିଆ ଆଦିକୁ ସଂଗ୍ରହ କରାଯାଇ ଅନ୍ୟ ଲୋକଙ୍କ ଦେହରେ ପ୍ରତିରୋପଣ କରାଯାଉଛି। କିନ୍ତୁ ଏ ଦିଗରେ ରହିଥିବା ଅନେକ ପ୍ରତିବନ୍ଧକର ପ୍ରତିକାର କରାଯାଇ ପାରିଲେ ଅଙ୍ଗଦାନ ମାନବ ସଭ୍ୟତାରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିପାରିବ। ଅଙ୍ଗଦାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୩ ତାରିଖରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଏ। ଲୋକଙ୍କୁ ଅଧିକ ଜୀବନ ବଞ୍ଚାଇବା ପାଇଁ ମୃତ୍ୟୁ ପରେ ଅଙ୍ଗ ଦାନ କରିବାର ଗୁରୁତ୍ୱ ଉପରେ ଉତ୍ସାହିତ କରିବା ଏବଂ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପାଳନ କରାଉଥିବା ବେଳେ ଏଥିପାଇଁ ସରକାରୀ ସ୍ତରରେ ସଚେତନତା ଅଭାବ ରହିଛି। ଅଙ୍ଗ ପ୍ରତିରୋପଣ ନିମନ୍ତେ ରାଜ୍ୟରେ ମୋଟ୍ ୧୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ମିଳିଥିବା ବେଳେ ସେଥିମଧ୍ୟରୁ ଭୁବନେଶ୍ୱରରେ ୧୧ଟି ଏବଂ କଟକରେ ଗୋଟିଏ ରହିଛି। ସେହିପରି ଟିସୁ ପ୍ରତିରୋପଣ ନିମନ୍ତେ ଭୁବନେଶ୍ୱର ୨ଟି ହସ୍ପିଟାଲକୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଇଛି। ତେବେ କେବଳ ଅଙ୍ଗଦାତାଙ୍କୁ ବର୍ଷକୁ ଥରେ ପୁରସ୍କାର ଦେଇ ସରକାର ହାତଟେକି ଦେଇଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବାକୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା କୁହାଯାଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ଚାରିଆଡ଼େ ବିଜ୍ଞାପନ ପୋଷ୍ଟର ଲଗାଯାଉଥିବା ବେଳେ ଅଙ୍ଗଦାନ ପାଇଁ ସେଭଳି କୌଣସି ପୋଷ୍ଟର, ଲିଫଲେଟ୍ ଦେଖିବାକୁ ମିଳୁନି।

ପ୍ରତିବର୍ଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ବହୁ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟୁଛି। ବର୍ଷକୁ ପ୍ରାୟ ୨ଲକ୍ଷ ଲୋକେ ଯକୃତ ହରାଇବାରେ ମୃତ୍ୟୁବରଣ କରୁଥିବା ବେଳେ ପ୍ରାୟ ୫୦ ହଜାର ଲୋକଙ୍କର ହୃଦ୍‌ଘାତରେ ପ୍ରାଣ ଯାଉଛି। ସେହିପରି କିଡ୍‌ନୀ, ଅଗ୍ନାଶୟ, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହରାଇ ପ୍ରାଣ ହରାଉଛନ୍ତି। କିନ୍ତୁ ଏହିସବୁ ଅଙ୍ଗ ଆବଶ୍ୟକତା ଅନୁସାରେ ପ୍ରତିରୋପଣ ହୋଇପାରୁ ନାହିଁ। ତେବେ ଭାରତର ଦ୍ୱିତୀୟ ରାଜ୍ୟ ଭାବେ ଓଡ଼ିଶାରେ ଅଙ୍ଗଦାତାଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯିବା ସହ ଅଙ୍ଗଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ 'ସୁରଜ୍ ସମ୍ମାନ' ପ୍ରଦାନ ଆରମ୍ଭ କରିଥିବା ବେଳେ ଭାରତରେ ଏହା ପ୍ରଥମ ଅଟେ। କିନ୍ତୁ ଏହାର ପ୍ରଚାର ପ୍ରସାର ଏବଂ ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉ ନ ଥିବା କୁହାଯାଉଛି। ଓଡ଼ିଶା ଜୀବନଦାନ ଅଭିଯାନ ଅଧୀନରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଶରୀର ଦାନ ପାଇଁ ପଞ୍ଜୀକରଣ କରିଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ବଡ଼ି ବିଭିନ୍ନ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। କାରଣ ମୃତକଙ୍କ ଶରୀର ଗୋଲ୍‌ଡେନ୍ ଟାଇମ୍ ମଧ୍ୟରେ ହସ୍ପିଟାଲରେ ପହଞ୍ଚିପାରେ ନାହିଁ। ଏହାସହ ଗ୍ରାମାଞ୍ଚଳରେ ମୃତକଙ୍କ ପରିବାର ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଉଥିବା ବେଳେ ମୃତ ଶରୀରକୁ ହସ୍ପିଟାଲ ପହଞ୍ଚାଇବାକୁ ନିଜ ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ତେଣୁ ଏଥିପାଇଁ ସରକାରୀ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ସେହିପରି ଭାରତ ଶରୀର ଓ ଅଙ୍ଗଦାନ ସମିତି, ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ କହିଛନ୍ତି ଯେ, ମୁଁ ପ୍ରଥମେ ଓଡ଼ିଶାରେ ୨୦୧୨ ମସିହାରୁ ଭାରତ ଶରୀର ଅଙ୍ଗଦାନ ସମିତି ମାଧ୍ୟମରେ ସଚେତନତା ଆରମ୍ଭ କରିଥିଲି। ଏପର୍ଯ୍ୟନ୍ତ ୫୦ହଜାରରୁ ଉର୍ଦ୍ଧ୍ୱ ଲୋକେ ଅଙ୍ଗଦାନ ପାଇଁ ପଞ୍ଜୀକରଣ କରିଛନ୍ତି। ଏହାସହ ଅନ୍‌ଲାଇନ୍ (angadanna.com) ମାଧ୍ୟମରେ ମଧ୍ୟ ପଞ୍ଜୀକରଣ ସୁବିଧା ରହିଛି। କିନ୍ତୁ ଏ ସମ୍ପର୍କରେ ଶିକ୍ଷାନୁଷ୍ଠାନରେ ପାଠ୍ୟପୁସ୍ତକରେ ଏକ ସ୍ୱତନ୍ତ୍ର ବିଷୟକୁ ସ୍ଥାନ ଦେବା, ହସ୍ପିଟାଲ, ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ବିମାନବନ୍ଦର, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଜନଗହଳି ସ୍ଥାନରେ ସଚେତନତା ବାର୍ତ୍ତା ପ୍ରଦାନ, ଅନ୍ୟ ସରକାରୀ ଯୋଜନା ଭଳି ଅଙ୍ଗଦାନ ନେଇ ଖବରକାଗଜ, ଟେଲିଭିଜନ୍, ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେବା, ନାଟକ ମାଧ୍ୟମରେ ସଚେତନତ କରିବା ଆଦି ପଦକ୍ଷେପ ନେବା ଆବଶ୍ୟକ ସହ ଯେଉଁମାନେ ଏକ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସରକାର ସହଯୋଗ କରିବା ଆବଶ୍ୟକ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି**
**SC/ST/OBC ବକେୟା ଖାଲି ପଦବୀ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 1538**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CR/SPLDRIVE/2026-27/16** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.08.2026 ରୁ 27.08.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ଉପଲବ୍ଧ ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 07.08.2026
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

# ସମ୍ବଲପୁରର ଦୁଃଖ 'ଫାଟକ ଓଭରବ୍ରିଜ୍'

## ଦ୍ୱିତୀୟ ସମାନ୍ତରାଳ ଓଭରବ୍ରିଜ୍ ପାଇଁ ସର୍ଭେ ନିର୍ଦ୍ଦେଶ

ସମ୍ବଲପୁର, ୧୨।୮ (ସମିସ)

ପ୍ରାୟ ୨୫ ବର୍ଷତଳେ ନିର୍ମାଣ ହୋଇଥିବା ଫାଟକ ରେଳ ଓଭରବ୍ରିଜ୍ ଏବେ ସମ୍ବଲପୁରବାସୀ ତଥା ଏହି ରାସ୍ତାଦେଇ ଯାତାୟାତ କରୁଥିବାଲୋକଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି। ଏହି ଓଭରବ୍ରିଜ୍ ଦିନତମାମ ରାତି ପର୍ଯ୍ୟନ୍ତ ସବୁବେଳେ ଜାମ୍ ରହୁଛି। ପୁଣି ଯଦି ସାଇକଲ ରିକ୍ସା ବା ଠେଲାଗାଡ଼ିଟିଏ ଯାଉଛି ତେବେ, ଅବସ୍ଥା ବେହାଲ। ଏହି ରାସ୍ତା ସମ୍ବଲପୁର ସହର ଏବଂ ଅଇଁଠାପାଲି ପଟକୁ ଯୋଡ଼ିବାର ଏକମାତ୍ର ରାସ୍ତା। ଏହା ସହରର କେନ୍ଦ୍ରସ୍ଥଳୀରେ ଥିବା ଯୋଗୁଁ ଏହାର ବ୍ୟବହାର ଅତ୍ୟଧିକ। ଚେରୁଆପଡ଼ା ରେଳ ଅଣ୍ଡରପାସ୍ ଏବଂ ସାକ୍ଷୀପଡ଼ା ରାସ୍ତା ଅନେକ ଦୂର ବୁଲିଯିବାକୁ ପଡୁଥିବାରୁ ବହୁତ କମ୍ ଲୋକ ବ୍ୟବହାର କରିଥାନ୍ତି। କୌଣସି ଆନ୍ଦୋଳନ ସମୟରେ ଫାଟକ ଓଭରବ୍ରିଜ୍ ବନ୍ଦ ହେଲେ ସମ୍ବଲପୁର ଅଧା ଅଚଳ ହୋଇପଡ଼େ। ଏହି ରେଳ ଓଭରବ୍ରିଜ୍‌ର ଏଭଳି ଆବଶ୍ୟକତା ଏବଂ ଜନସାଧାରଣଙ୍କ ପ୍ରତିକାର ବ୍ୟବସ୍ଥା ସକାଶେ ଦାବିସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏବଂ ସରକାର ନିରବ ରହିଛନ୍ତି। ସମ୍ବଲପୁରରେ ରାସ୍ତା ଜବରଦଖଲ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିକୁ ବାଧା ଦେଉଛି। ସମ୍ବଲପୁର ସହରର ଅଇଁଠାପାଲି ମୁଖ୍ୟ ରାସ୍ତାରେ ଥିବା ଫଟାକ ଫ୍ଲାଏଓଭର ହେଉଛି ଜବରଦଖଲ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଏକ ଜ୍ୱଳନ୍ତ ଉଦାହରଣ। ଯଦିଓ ୨.୦୬ କିଲୋମିଟର ରାସ୍ତାର ନିର୍ମାଣ କାର୍ଯ୍ୟ ୨୦୦୩ ମସିହାରେ ଆରମ୍ଭ ହୋଇଥିଲା, ତଥାପି ଏହା ଆଜି ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ପ୍ରାୟ ୭୦୦ ମିଟର ଲମ୍ବ ଏହି ରେଳ ଓଭରବ୍ରିଜ୍ ୨୦୦୨ ମସିହାରେ ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ପାଖାପାଖି ୫ କୋଟି ଟଙ୍କା ବ୍ୟୟରେ ହୋଇଥିବା କୁହାଯାଉଛି। ସମ୍ବଲପୁର ବସ୍ତି ଅଞ୍ଚଳ ସହ ବୁଢ଼ାରଜା, ଅଇଁଠାପାଲିକୁ ସଂଯୋଗ କରୁଥିବା ମାନୁଆଲ ରେଳଫାଟକ ସ୍ଥାନରେ ଏହା ନିର୍ମାଣ କରାଯାଇଥିଲା। ତତ୍‌କାଳୀନ ସମୟରେ ସମ୍ବଲପୁରର ଜନସଂଖ୍ୟା କମ୍ ଥିବାବେଳେ ଯାନବାହନ ସଂଖ୍ୟା ମଧ କମ୍ ରହିଥିଲା। ସେବେକାର ସ୍ଥିତିକୁ ଦେଖି ଏହି ଓଭରବ୍ରିଜ୍‌ର ଚଉଡ଼ା କମ୍ କରାଯାଇଥିଲା। କିନ୍ତୁ ଏବେ ଲୋକସଂଖ୍ୟା ବହୁଗୁଣିତ ହେବାସହ ପ୍ରତିଟି ଘରେ ଦୁଇରୁ ଅଧିକ ଯାନବାହନ ରହିଛି। ସବୁ ସମୟରେ ଟ୍ରାଫିକ୍ ଜାମ୍ ଏବଂ ଓଭରବ୍ରିଜ୍ ଉପରେ କୌଣସି ଦୁର୍ଘଟଣା ଘଟିଲେ ୨ରୁ ୪ ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ହେବା ନିତିଦିନିଆ ସମସ୍ୟା ପାଲଟିଗଲାଣି। ତେବେ, ସମ୍ବଲପୁରର



ଜନପ୍ରତିନିଧି ତଥା ସଚେତନ ନାଗରିକମାନେ ଏନେଇ ମୁହଁ ଖୋଲୁନାହାନ୍ତି। ପୂର୍ବତନ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ୍ତ କୁମାର ନାଥ କହିଛନ୍ତି, ଏବେ ତୁରନ୍ତ ପଦକ୍ଷେପ ସ୍ୱରୂପ ଉଭୟ ପଟର ଫୁଟ୍‌ପାଥ୍‌କୁ ଆଂଶିକ ଭାଙ୍ଗି ଅଧ ମିଟର ବା ୨ରୁ ଅଢ଼େଇ ଫୁଟ୍ ଲେଖାଏଁ ଚଉଡ଼ା କରାଯାଇପାରିବ। ଦ୍ୱିତୀୟ ଓଭର୍‌ବ୍ରିଜ୍ ନିର୍ମାଣ କରାଗଲେ ଯାଇ ଏହି ସମସ୍ୟାର ସମାଧାନ ହେବ। ଏଥିସକାଶେ ଜମି ଅଧିଗ୍ରହଣ ଆବଶ୍ୟକ, ଏନେଇ ସରକାର ଚିନ୍ତା କରିବା ଉଚିତ। ଏହାବ୍ୟତୀତ ଟ୍ରାଫିକ୍ ଜାମ୍‌କୁ ଏଡ଼ାଇବା ପାଇଁ କୌଣସି ଅନ୍ୟ ବିକଳ୍ପ ନାହିଁ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଯୋଗାଯୋଗ କରିବାରୁ ଦ୍ୱିତୀୟ ସମାନ୍ତରାଳ ଓଭରବ୍ରିଜ୍ ପାଇଁ ସମ୍ଭାବ୍ୟତା ଯାଞ୍ଚ (ଫିଜିବିଲିଟି ଚେକ୍) ସର୍ଭେ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାବେଳେ, ଏହା ସମ୍ଭବପର ବୋଲି ଜଣାପଡ଼ିଲେ, ବଜେଟ୍‌ରେ ଅତିରିକ୍ତ ବ୍ୟୟ ଅଟକଳ ସକାଶେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଆସନ୍ତାବର୍ଷ ଏନେଇ ପଦକ୍ଷେପ ନିଆଯାଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସୂଚନା ଦେଇଛନ୍ତି।

# ମୁଣ୍ଡେର ଜଙ୍ଗଲରୁ ହାତୀର ମୃତଦେହ ଉଦ୍ଧାର



ସମ୍ବଲପୁର, ୧୨।୮ (ସମିସ) : ଆଜି ବିଶ୍ୱ ହସ୍ତୀ ଦିବସ। ଏହି ଦିବସରେ ହାତୀ ସୁରକ୍ଷା ତଥା ହାତୀ-ମଣିଷ ଲଢ଼େଇ ବିଷୟରେ ଆଲୋଚନା କରାଯାଇଥାଏ। ଏଭଳି ଏକ ଦିନରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସମ୍ବଲପୁର ସଦର ରେଞ୍ଜ ଅଧୀନ ଯୁଯୋମୁରା ମୁଣ୍ଡେର ନିକଟସ୍ଥ ଜଙ୍ଗଲରୁ ଏକ ମାଈ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ବନବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀଟି ଦୁଇଦିନ ପୂର୍ବରୁ ମରିଥାଇପାରେ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱରରୁ ଏକ ଟିମ୍ ଆସୁଥିବାବେଳେ ସେମାନେ ଆସି ବ୍ୟବଚ୍ଛେଦ କଲାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଯୁଯୋମୁରା ବନବିଭାଗ ରେଞ୍ଜ ଅଧିକାରୀ ପ୍ରଶାନ୍ତ ଓରାମ କହିଛନ୍ତି, ଏହା ଏକ ମାଈ ହାତୀ ଓ ବୟସ ୧୫ରୁ ୨୦ ବର୍ଷ ମଧ୍ୟରେ ହେବ। ତେବେ ହାତୀର କିପରି ମୃତ୍ୟୁ ହୋଇଛି, ସ୍ୱାଭାବିକ ମୃତ୍ୟୁ ନା' ଆଉ କିଛି ସେନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଭୁବନେଶ୍ୱରରୁ ଯୁଗ୍ମ ଟାସ୍କ ଫୋର୍ସ (ଜେଟିଏଫ୍) ଏବଂ ପ୍ରାଣୀ ଚିକିତ୍ସକ ଦଳ ଆସି ଆସନ୍ତକାଲି ହାତୀର ଶବ ବ୍ୟବଚ୍ଛେଦ କରିବେ। ଏହାପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

# ହୀରାକୁଦର ୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୧୨।୮ (ସମିସ) : ମଙ୍ଗଳବାର ରାତିରେ ହୀରାକୁଦ ନଦୀବନ୍ଧର ୪ଟି ଗେଟ୍ ଏବଂ ବୁଧବାର ରାତି ୮ଟା ପରେ ଆଉ ୨ଟି ଗେଟ୍ ବନ୍ଦ କରାଯିବାପରେ ବର୍ତ୍ତମାନ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ମଧ୍ୟ ହ୍ରାସ ପାଇଛି। ହୀରାକୁଦ ଜଳସ୍ତର ୬୧୪ ଫୁଟ୍ ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ବୁଧବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୪୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଏବଂ ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୬୬, ୧୩୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୫୦, ୦୮୬ କ୍ୟୁସେକ୍ ଜଳନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୧୫, ୩୯୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୦୮୩୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୬୨୭ କ୍ୟୁସେକ୍ ଜଳନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୮, ୫୦୦ କ୍ୟୁସେକ୍ ଜଳପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪୧, ୬୪୪ କ୍ୟୁସେକ୍, ଖଇରମାଳଠାରେ ୨, ୩୨, ୫୦୦ କ୍ୟୁସେକ୍, ବାରମୁଲଠାରେ ୨, ୬୯, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪, ୧୦, ୨୪୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୩୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୨୨ ମିମି ବର୍ଷା ରେକର୍ଡ କରାଯାଇଛି।

# ହିନ୍ଦ୍ ମଜଦୂର ସଭା ପକ୍ଷରୁ ଏମ୍‌ସିଏଲ୍ ମୁଖ୍ୟାଳୟ ସମ୍ମୁଖରେ ଗଣଧାରଣା

ସମ୍ବଲପୁର, ୧୨।୮ (ସମିସ) : ହିନ୍ଦ ମଜଦୂର ସଭା (ଏଚ୍‌ଏମ୍‌ଏସ୍.) ପକ୍ଷରୁ ବୁଧବାର ବୁର୍ଲାସ୍ଥିତ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍)ର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୬ ଦଫା ଦାବିନେଇ ଏକ ବିଶାଳ ଗଣଧାରଣା ତଥା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି। ଏଚ୍‌ଏମ୍‌ଏସ୍ ଓଡ଼ିଶା ରାଜ୍ୟ ଶାଖା ସଭାପତି ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଏହି ସମାବେଶରେ ତାଳଚେର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ସମେତ ବିଭିନ୍ନ କୋଇଲା ଖଣି ପ୍ରଭାବିତ ଅଞ୍ଚଳରୁ ହଜାର ହଜାର ଶ୍ରମିକ, କର୍ମଚାରୀ, ବିସ୍ଥାପିତ ଓ ପ୍ରକଳ୍ପ ପ୍ରଭାବିତ ଲୋକ ଯୋଗଦେଇଥିଲେ। ବିକ୍ଷୋଭ ସମାବେଶ ପରେ ଏକ ଶୋଭାଯାତ୍ରାରେ ଯାଇ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାୱଲେଙ୍କ ସହ ଆଲୋଚନା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମାବେଶରେ ଏଚ୍‌ଏମ୍‌ଏସ୍‌ର ସଭାପତି ବିଜୟ ମହାନ୍ତି ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ଉପସଭାପତି ଯୁଗଳ କିଶୋର ନାୟକ, ଉପମହାସଚିବ ଗୋକୁଳ ମେହେର, ସମ୍ପାଦକ ତ୍ରିଲୋଚନ ପ୍ରଧାନ, ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ପବିତ୍ର ବିଶ୍ୱାଳ, ସଞ୍ଜୀବ ପଲାଇ, ବି.ଏନ୍. ମହାପାତ୍ର, ପ୍ରକାଶଚନ୍ଦ୍ର କୁଣ୍ଡୁ, ପ୍ରମୋଦ ଦାଶ, ସତ୍ୟ ତ୍ରିପାଠୀ, କୁଳମଣି ଦାସ, ଗୋପାଳ ସିତାନୀ, ବାସୁଦେବ ସାହୁ, ସଦାଶିବ ବିଶି, ଗଦାଧର କୁଅଁର, ଏନ୍. ଗୋପାଳ, ପ୍ରଣୟ ନାୟକ, ସିପ୍ରା ମହାନ୍ତି, ଭି. ରାମା ରାଓ, ବାବୁଲାଲ ଖଣ୍ଡୁଆଲ, ଜୟନ୍ତ ପଟ୍ଟନାୟକ, ଧିରେନ ଦେବତା, କୈଳାସ ପ୍ରଧାନ, ଆର୍ଯ୍ୟନ ବେହେରା, ଅଶୋକ ସାମଲ, ମମତା ପଣ୍ଡା, ଯୋଗେନ୍ଦ୍ର ବେହେରା, ସୁବ୍ରତ ପଣ୍ଡା, ପ୍ରେମାନନ୍ଦ ମିଶ୍ର, କାମେଶ୍ୱର ଯାଦବ, ରବିନ ରଞ୍ଜିତ, ପ୍ରଦୀପ ସାହୁ, ଶୋଭାରାମ ପ୍ରଧାନ, ମିଳନ ପଳେଇ, ମଞ୍ଜୁ ଓରାମ, ଉତ୍ତମ ବାଘ, ଭିକାରୀ ପ୍ରଧାନ, ମିଳନ ହୋତା, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଆର୍ଯ୍ୟନ ବହିଦାର, ଶିବୁ ସେଠ, ସୁରେଶ ନାଗ, ତପନ ପ୍ରଧାନ, କବିତାରାଣୀ ଦେହୁରୀ, ମିନାକ୍ଷୀ ସାହୁ, ଜୟନ୍ତୀ ପ୍ରଧାନ, ସୁଷମା ଦାସ, ସୁକାନ୍ତ ପତି, କଣିହାଁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପ୍ରଧାନ, କଳାକାହ୍ନୁ ମେହେର ପ୍ରମୁଖ ଯୋଗଦେଇ ୧୬ ଦଫା ଦାବୀ ସପକ୍ଷରେ ବକ୍ତବ୍ୟ ରଖିଥିଲେ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା, ୨ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୨।୮ (ସମିସ) : ସମ୍ବଲପୁରର ପାଟଣେଶ୍ୱରୀ ମନ୍ଦିର କଡ଼ରେ ଯାଇଥିବା ଫିସେରୀ ଗଳିରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି ନିର୍ମମ ହତ୍ୟା କରାଯାଇଛି। ଟାଉନଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବାସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମସାର ପଠାଇବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତି ୨ଟା ସମୟରେ ଫିସେରୀ ଗଳି ଅଞ୍ଚଳରେ ତିୱାରୀ ଗଳିର ଗୋପାଳ ବଂଶଲ (ଓରଫ୍ ଚିଣ୍ଟୁ) (୪୮) ଙ୍କୁ ନିର୍ମମ ହତ୍ୟା କରାଯାଇଛି। ସେ ରାତିରେ ସେହି ଅଞ୍ଚଳରେ ବୁଲୁଥିବା ସମୟରେ ଆର୍ଯ୍ୟନ ସିଂହ ଏବଂ ସାଗର ସ୍ୱାଇଁ ନାମକ ଦୁଇଜଣ ଯୁବକଙ୍କ ସହ ତାଙ୍କର ବାକ୍‌ବିତଣ୍ଡା ହୋଇଥିଲା। ଦୁଇ ଯୁବକ ପ୍ରଥମେ ଗୋପାଳଙ୍କୁ ମୁଥମାରି ତଳେ ପକାଇ ଦେଇଥିଲେ ଏବଂ ପରେ ପଥରରେ ଛେଚି ତାଙ୍କୁ ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ଟାଉନ୍ ଥାନା ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ୍ ହତ୍ୟାକାଣ୍ଡରେ ବ୍ୟବହୃତ ପଥରକୁ ଜବତ କରିବା ସହ ଅଭିଯୁକ୍ତ ଆର୍ଯ୍ୟନ ସିଂହ ଓ ସାଗର ସ୍ୱାଇଁଙ୍କୁ ଗିରଫ କରିଛି।



ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏଏସ୍‌ପି ଶ୍ରୀ ବାରିକ କହିଛନ୍ତି। ପ୍ରାଥମିକ ତଦନ୍ତରୁ କୌଣସି ପୂର୍ବଶତ୍ରୁତା ପରିବର୍ତ୍ତେ ହଠାତ୍ ଉତ୍ତେଜନା କାରଣରୁ ଏହି କାଣ୍ଡ ଘଟିଥିବା ଜଣାପଡ଼ିଛି। ଦୁଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କିଛି ଅପରାଧିକ ମାମଲା ରହିଛି କି ନାହିଁ, ସେନେଇ ପୁଲିସ୍ ତଥ୍ୟ ସଂଗ୍ରହ କରୁଛି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସେ ସୂଚନା ଦେଇଛନ୍ତି।

# 'ଜୀବନପଥ'ର ଅନ୍ତେବାସୀଙ୍କୁ ସହାୟତାର ହାତ ବଢ଼େଇଲେ ଯୁବ ସମାଜସେବୀ



ସମ୍ବଲପୁର, ୧୨।୮ (ସମିସ) : ସମ୍ବଲପୁର ସହର ଦୁର୍ଗାପାଲିଠାରେ ଥିବା ଭିକ୍ଷୁକ ଥଇଥାନ କେନ୍ଦ୍ର 'ଜୀବନ ପଥ' ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଯୁବ ସମାଜସେବୀ। ଓଁ ବାବା ସେବା ସଙ୍ଗଠନର ଯୁବ ସମାଜସେବୀମାନେ ଅନ୍ତେବାସୀଙ୍କ ପାଇଁ ଆଜି ଏକ ନିଆରା କାର୍ଯ୍ୟକ୍ରମ କରିଛନ୍ତି। ସଙ୍ଗଠନର ମୁଖ୍ୟ ଅରବିନ୍ଦ ମେହେର ଦିନେ ଭିକ୍ଷୁକ ଥଇଥାନ କେନ୍ଦ୍ରକୁ ଦିନେ ବୁଲିବାକୁ ଯାଇ ଜାଣିବାକୁ ପାଇଥିଲେ ଯେ, ଅନ୍ତେବାସୀମାନେ ବୃଦ୍ଧବୃଦ୍ଧା ଓ ଶାରୀରିକ ଅକ୍ଷମ ଅଟନ୍ତି, ସେମାନେ ତାଙ୍କର ଲୁଗା ଧୋଇବା ପାଇଁ ଅକ୍ଷମ। ତେଣୁ ତାଙ୍କ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏକ ୱାସିଙ୍ଗ ମେସିନ ପ୍ରଦାନ କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ଅନୁଷ୍ଠାନର ଯୁବ ସମାଜସେବୀମାନେ ମଙ୍ଗଳବାର ଏକ ୱାସିଙ୍ଗ ମେସିନ ନେଇ ସେଇ ଭିକ୍ଷୁକ ଥଇଥାନ କେନ୍ଦ୍ରକୁ ଯାଇ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ମଧ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଯୋଗ ଦେଇଥିଲେ। ଆଜିର ସ୍ୱାର୍ଥପର ଦୁନିଆଁରେ ଅରବିନ୍ଦ ଓ ତାଙ୍କ ସାଥିଗଣ ଅନ୍ୟ ଯୁବକ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଶ୍ରୀ ବକ୍ସି କହିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ତୃପ୍ତି ରଞ୍ଜନ ପଣ୍ଡା, ସନ୍ୟାସୀ ପ୍ରଧାନ, ରାଜେଶ ସିଂ, ରାହୁଲ ସାହୁ, ଅମିତ ଦୋରା, ଲୋକେଶ କୁମାର, ଶିବରାମ କୁମ୍ଭାର, ପ୍ରେମ ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ। ଭିକ୍ଷୁକ ଥଇଥାନ କେନ୍ଦ୍ର 'ଜୀବନ ପଥ'ର ରାଜେଶ ସାହୁ, ପ୍ରିୟଙ୍କା ଦାସ, ପ୍ରମିଳା ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

# ୫ ଜୁଆଡ଼ି ଗିରଫ

ସମ୍ବଲପୁର, ୧୨।୮ (ସମିସ) : ରେଙ୍ଗାଲି ଥାନା ପୁଲିସ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେଗତକାଲି ସନ୍ଧ୍ୟାରେ ଖବରପାଇ ରେଙ୍ଗାଲିର ମାଛ ବଜାର ଅଞ୍ଚଳରେ ଚଢ଼ଉ କରିଥିଲେ। ଜୁଆଖେଳ ଚାଲିଥିବାବେଳେ ସେମାନେ ୪ ଜଣ ବ୍ୟକ୍ତିଙ୍କୁ ଧରିଥିଲେ। ସେମାନେ ହେଲେ, ରେଙ୍ଗାଲି ଥାନା ଅନ୍ତର୍ଗତ ମହାବୀର ଛକର ବଳରାମ ଓରାମ (୩୬), ମାଉଲିନଗରର ତପନ କୁମାର ନାଏକ (୪୩) ଓ ଲକ୍ଷ୍ମଣ ବେହେରା (୪୧) ଏବଂ ମହାବୀର ଛକର ପଞ୍ଚାନନ ଷଣ୍ଢ। ସେମାନଙ୍କୁ ଗିରଫ କରାଯାଇଥିବା ପୁଲିସ କହିଛି। ସେମାନଙ୍କଠାରୁ ନଗଦ ୩୯୨୦୦ ଟଙ୍କା, ଗୋଟିଏ ହିରୋହୋଣ୍ଡା ସିଡି ଡିଲକ୍ସ ଓ ଗୋଟିଏ ହିରୋହୋଣ୍ଡା ଏସ୍‌ଏସ୍-୧୦୦ ବାଇକ୍ ଜବତ କରାଯାଇଛି। ରେଙ୍ଗାଲି ଥାନା ପୁଲିସ ମାମଲା ରୁଜୁ କରିଛି।

# ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୮ ଜଣଙ୍କୁ ସହାୟତା



ସମ୍ବଲପୁର, ୧୨।୮ (ସମିସ) : ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୮ ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଆର୍ଥିକ ସହାୟତା ଦିଆଯାଇଛି। ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତାକୁ ମଞ୍ଜୁରୀ ଦିଆଯାଇଛି। ସେଥିରେ ଚିକିତ୍ସା ପାଇଁ ଜଣଙ୍କୁ ଏବଂ ପାଠପଢ଼ା ପାଇଁ ୭ ଜଣଙ୍କୁ ମୋଟ ୮୮ ହଜାର ୨ ଶହ ଟଙ୍କା ସହାୟତା ଦିଆଯାଇଛି। ଏହାସହିତ ୬ ଜଣଙ୍କୁ ଚଳିତ ଶିକ୍ଷାବର୍ଷ ଶେଷଯାଏଁ ମାସିକ ସହାୟତାକୁ ମଞ୍ଜୁରୀ ଦିଆଯାଇଛି। ସମ୍ପାଦକ ସୁଭାଷ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ, ସଭ୍ୟସଭ୍ୟା ଡ. ନିରୁପମା ବଡ଼ପଣ୍ଡା, ସୁଧୀର ପୂଜାରୀ, ବିପିନ ପଣ୍ଡା, ସୁବ୍ରତ ପଣ୍ଡା ଓ ଶିବ ଶଙ୍କର ନନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରେଢ଼ାଖୋଲ ଇକୋ ପାର୍କର ପୁନରୁଦ୍ଧାର କରାଯାଉ: ରୋହିତ

ସମ୍ବଲପୁର, ୧୨।୮ (ସମିସ) : ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ରେଢ଼ାଖୋଲଠାରେ ୨୦୨୩ ମସିହାରେ ଉଦ୍‌ଘାଟିତ ହୋଇଥିବା ଇକୋ ପାର୍କର ପୁନରୁଦ୍ଧାର କରିବା ପାଇଁ ଦାବି କରିଛନ୍ତି। ଇଂ ପୂଜାରୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, ସେ ଯେତେବେଳେ ପ୍ରଥମଥର ପାଇଁ ରେଢ଼ାଖୋଲର ବିଧାୟକ ଭାବରେ ୨୦୧୪ ମସିହାରେ ନିର୍ବାଚିତ ହୋଇଥିଲେ ସେ ଦେଖିଥିଲେ ଯେ ରେଢ଼ାଖୋଲ ନଗର ଏବଂ ଆଖପାଖ ଅଞ୍ଚଳରେ ଜନସାଧାରଣ ତଥା ରେଢ଼ାଖୋଲ ଅଞ୍ଚଳକୁ ବୁଲିବା ପାଇଁ ଆସୁଥିବା ଜନସାଧାରଣଙ୍କ ଆମୋଦପ୍ରମୋଦ ତଥା ବୁଲିବା ପାଇଁ କୌଣସି ଭଲ ସ୍ଥାନ ନାହିଁ। ଏହାକୁ ଦୃଷ୍ଟିରେ ରଖି ପ୍ରଥମେ ଏକ ଇକୋ ପାର୍କରେ ତିଆରି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉଦ୍ଦେଶ୍ୟରେ ଇଂ ପୂଜାରୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତତ୍କାଳୀନ ରାଜ୍ୟ ସରକାର, ବିଶେଷକରି ବନବିଭାଗର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ଏହି ପ୍ରକଳ୍ପ ପାଇଁ ଉଦ୍ୟମ କରିଥିଲେ। ତପ୍ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ରେଢ଼ାଖୋଲଠାରେ ପାଖାପାଖି ୯.୪୦ ଏକର ବିଶିଷ୍ଟ ଏକ ବଗିଚାକୁ ଇକୋ ପାର୍କର ରୂପରେଖ ଦେବାପାଇଁ ସ୍ଥିରୀକୃତ ହୋଇଥିଲା। ଏହାସହ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୨ କୋଟି ୭୬ ଲକ୍ଷ ଟଙ୍କାର ଅନୁଦାନ ଦେଇ ଏହି ପ୍ରକଳ୍ପର କାର୍ଯ୍ୟ ୨୦୨୩ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ନିଜେ ଇଂ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଇକୋ ପାର୍କରେ ବିଭିନ୍ନ ପ୍ରକାର ଫୁଲ ବଗିଚା, ୱାକିଂ ବ୍ରିଜ, ଫୁଆରା, ଫାଉଣ୍ଟେନ୍, ଔଷଧୀୟ ବୃକ୍ଷ ବଗିଚା, ଆମୋଦପ୍ରମୋଦ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହା ପଶ୍ଚିମ ଓଡ଼ିଶାରେ ଏକ ନମ୍ବର ପାର୍କ ଭାବରେ ପରିଣତ କରାଯାଇଥିଲା। ଇଂ ପୂଜାରୀ ଉଦବେଗ ପ୍ରକାଶ କରି କହିଛନ୍ତି ଯେ, ବହୁ ପ୍ରଚେଷ୍ଟାରେ ଅଞ୍ଚଳବାସୀଙ୍କ ସୁବିଧା ପାଇଁ କରାଯାଇଥିବା ଏହି ପାର୍କ ନୂଆ ସରକାର ଆସିବାର ଦୁଇବର୍ଷ ପରେ ସରକାର ଏବଂ ପ୍ରଶାସନର ଅବହେଳା ଏବଂ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିବା ଦୁର୍ଭାଗ୍ୟଜନକ। ଇଂ ପୂଜାରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଏହି ପାର୍କର ପୁନରୁଦ୍ଧାର ଏବଂ ରକ୍ଷଣାବେକ୍ଷଣ ପାଇଁ ଦୃଢ଼ ଦାବି ଜଣାଇଛନ୍ତି।

# ବାମରାରେ ବନଖଣ୍ଡସ୍ତରୀୟ ବିଶ୍ୱ ହାତୀ ଦିବସ

## ବନ, ବିଦ୍ୟୁତ ଓ ପ୍ରାଣୀଧନ ବିଭାଗର କର୍ମଚାରୀ ସମ୍ବର୍ଦ୍ଧିତ

କୁଚିଣ୍ଡା, ୧୨।୮ (ସମିସ): ବାମରା ବନ୍ୟପ୍ରାଣୀ ବନଖଣ୍ଡ ସଭାଗୃହରେ ବୁଧବାର ବନଖଣ୍ଡସ୍ତରୀୟ ବିଶ୍ୱ ହାତୀ ଦିବସ ପାଳିତ ହୋଇଛି। ବାମରା ଡିଏଫ୍‌ଓ ବିକ୍ରମ ଦେବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ପ୍ରଫେସର




ଇନ୍ଦ୍ରମଣି ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ପ୍ରାଣୀଧନ ମୁଖ୍ୟ ଡା. କ୍ଷୀରୋଦ ଚନ୍ଦ୍ର ପଟେଲ ଓ କୁଚିଣ୍ଡା ବିଦ୍ୟୁତ ବିଭାଗର ଏସ୍‌ଡିଓ ରାଜେଶ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟଥିଲା ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ସହ ମାନବ-ହାତୀ ସହଅସ୍ତିତ୍ୱକୁ ସୁଦୃଢ଼ କରିବା। ଏଥିପାଇଁ ବନ ବିଭାଗ ସହ ବିଦ୍ୟୁତ ବିଭାଗ, ପ୍ରାଣୀଧନ ବିଭାଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମନ୍ୱିତ ଭୂମିକା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ହାତୀ ସୁରକ୍ଷା ଓ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ ବିଭାଗର ପ୍ରଶାନ୍ତ କୁଜୁର, ଭୁବନେ କିଶାନ, ଥିଲୁ କିଶାନ, ଲୁକେଶ ନାୟକ, ପୌଲସ୍ତି ବିଶ୍ୱାଳ, ଫରେଷ୍ଟର ଅଦିତ କୁମାର ରାଉତଙ୍କ ସମେତ ବିଦ୍ୟୁତ ବିଭାଗର ପର୍ଶୁରାମ ନାୟକ, ସୁରେଶ ମିଞ୍ଜ, ଶଙ୍କର କିଶାନ, ସମ୍ବିତ ବାଗ ଓ ବିଜୟ ଏକ୍କା ଏବଂ ପ୍ରାଣୀଧନ ବିଭାଗର ଡାକ୍ତର କୁନାଲ ସାହୁ, ଏଲ୍‌ଆଇ କ୍ଷୀରୋଦ ବିଶ୍ୱାଳ ଓ ଜିତେନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଏଫ୍‌ଓ ଶ୍ରୀ ପଟ୍ଟନାୟକ ଅତିଥିମାନଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ। ଏସିଏଫ୍ ରେଶ୍ମା ଲାକ୍ରା ସଭା ପରିଚାଳନା କରିଥିବାବେଳେ ଏସିଏଫ୍ ଆଲୋକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ବାମରା ରେଞ୍ଜର ଦୀପକ ମହାନନ୍ଦ ଓ ଖଲାଶୁଣି ରେଞ୍ଜର ମହେନ୍ଦ୍ର ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗ, ବିଦ୍ୟୁତ ବିଭାଗ, ପ୍ରାଣୀଧନ ବିଭାଗର କର୍ମଚାରୀଙ୍କ ସହ ବିଭିନ୍ନ ରେଞ୍ଜରୁ ଆସିଥିବା ଗ୍ରାମବାସୀ ଉପସ୍ଥିତ ଥିଲେ।

# ପଶ୍ଚିମ ଜୋନ୍ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସମ୍ବଲପୁର, ୧୨।୮ (ସମିସ)

ଜାତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ଶାଖା ପକ୍ଷରୁ ସମ୍ବଲପୁର ଶିକ୍ଷା ଜିଲ୍ଲା ଅଧୀନରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୩ଦିନିଆ ଜୁନିୟର ରେଡ୍‌କ୍ରସ୍ (ଜେଆର୍‌ସି)ର ବ୍ଲକ କୋର୍ଡିନେଟର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପଶ୍ଚିମ ଜୋନ୍‌ର ପ୍ରାୟ ୮ଟି ଜିଲ୍ଲାର ୭୮ ଜଣ ବ୍ଲକ କୋର୍ଡିନେଟର ଯୋଗଦାନ କରିଥିଲେ। ପ୍ରଥମ ଦିବସରେ ସମ୍ବଲପୁର ଶିକ୍ଷା ଜିଲ୍ଲାର ଜେଆର୍‌ସି ଅଫିସର ରେଡ୍‌କ୍ରସ୍‌ର ଇତିହାସ ବିଷୟେର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଜ୍ୟ ଜୁନିୟର ରେଡ୍‌କ୍ରସ୍ ଅଫିସର ଲକ୍ଷ୍ମଣ ସ୍ୱାଇଁ ସଡ଼କ ସୁରକ୍ଷା, ସାପ କାମୁଡ଼ା, କୃତ୍ରିମ ବୁଦ୍ଧିମତ୍ତା, ଏଚ୍‌ଆଇଭି, ବିଦ୍ୟାଳୟସ୍ତରରେ ରେଡ୍‌କ୍ରସ୍‌ର କାର୍ଯ୍ୟ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ରାଜ୍ୟ ପ୍ରଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ ପ୍ରାଥମିକ ସହାୟତା ଓ ବିପର୍ଯ୍ୟୟ ପରିଚାଳନା; ପ୍ରଶିକ୍ଷକ ରାମନାରାୟଣ ଦାସ ବିପତ୍ତି ସମୟରେ ପ୍ରାଥମିକ ସହାୟତା ଓ ବିପର୍ଯ୍ୟୟ ପରିଚାଳନା ସମୟରେ ସହଭାଗୀତା ଭିତ୍ତି ଏବଂ ଡ. ଜ୍ଞାନରଞ୍ଜନ ମହାନ୍ତି ମାନସିକ ସ୍ୱାସ୍ଥ୍ୟ, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବିଷୟରେ ସଚେତନ କରାଇଥିଲେ। ଏହାସହ ସିପିଆର୍ ଓ ରିକଭରି ପଜିସନ ବିଷୟରେ ଉଦାହରଣ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା। ତୃତୀୟ ଦିବସରେ ରାଜ୍ୟ ଜେଆର୍‌ସି ଅଫିସର ଲକ୍ଷ୍ମଣ ସ୍ୱାଇଁ ବିଭିନ୍ନ ପ୍ରକାର ପ୍ରାଥମିକ ଉପଚାର ବିଷୟରେ ପ୍ରାକ୍ଟିକାଲ୍ କରାଇଥିଲେ। ପିଏମ୍‌ଶ୍ରୀ ବୁର୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କରନ ଶର୍ମା ଲିଡରସିପ୍ ବିଷୟରେ ତାଲିମ ଦେଇଥିଲେ।




ଆଜି ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ସମସ୍ତ ବ୍ଲକ କୋର୍ଡିନେଟର କିଭଳି ମାନବିକ ଆବେଗ ଓ ସହୃଦୟତାର ସହ ଆଗାମୀ ପିଢ଼ିକୁ ସେବା ବିଷୟରେ ଅନୁପ୍ରାଣିତ କରାଯିବ ତାହା ପରାମର୍ଶ ଦେଇଥିଲେ। ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଜିତ୍ ଲୁହା ଜେଆର୍‌ସି ମୂଳମନ୍ତ୍ର ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱ ବନ୍ଧୁତାର ବାର୍ତ୍ତା ସମାଜକୁ ଶିଖାଇବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ସମ୍ବଲପୁର ଜିଲ୍ଲା ଜେଆର୍‌ସି ଅଫିସର ବିଶ୍ୱାମିତ୍ର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ ଶିବିର ପରିଚାଳନା କରିଥିବାବେଳେ ତ୍ରିବିକ୍ରମ ରଣା, ଆନନ୍ଦ ଦଣ୍ଡସେନା, ପ୍ରତାପ ସେନାପତି, ଯୁଗଳ ପେରା ପ୍ରମୁଖ ସହଯୋଗ କରିଥିଲେ।

■ 'କୋଟପା' ଆଇନ ସଚେତନତା ଓ ମିଳିତ ଚଢ଼ଉ

# ୩୩ ଜଣଙ୍କଠାରୁ ୬, ୬୦୦ ଟଙ୍କା ଜରିମାନା ଆଦାୟ

**କୋକସରା, ୧୨।୮ (ସମିସ) :** କୋକସରା ବ୍ଲକର ବିଭିନ୍ନ ସ୍ଥାନରେ 'କୋଟପା' ଆଇନ ଅନୁଯାୟୀ ଏକ ମିଳିତ ଚଢ଼ଉ ଓ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅଭିଯାନ ସମୟରେ ଆଇନ ଉଲ୍ଲଂଘନ କରିଥିବା ୩୩ ଜଣ ବ୍ୟକ୍ତିଙ୍କଠାରୁ ମୋଟ ୬ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ବ୍ଲକର ଲଡୁଗାଁ, କଉଡୋଲା, କୁସୁମଖୁଣ୍ଟି, ମୋଟେର ଓ କୋକସରା ଆଦି ପ୍ରମୁଖ ବଜାର ଅଞ୍ଚଳରେ ଏହି ଚଢ଼ଉ କରାଯାଇଥିଲା। ଏଥିରେ ଖାଦ୍ୟ ନିରାପତ୍ତା ବିଭାଗ, ଡ୍ରଗ୍ସ ଇନ୍ସପେକ୍ଟର, ପୁଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ମିଳିତ ଭାବେ ସାମିଲ ହୋଇଥିଲେ। ଚଢ଼ଉ ସମୟରେ ବିଭିନ୍ନ ଖାଦ୍ୟ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ତମାଖୁ ସେବନର କୁପ୍ରଭାବ ଏବଂ 'କୋଟପା' ଆଇନର ବିଭିନ୍ନ ଧାରା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ତମାଖୁ ନିୟନ୍ତ୍ରଣ ସମ୍ପର୍କିତ ସମସ୍ତ ସରକାରୀ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବ୍ୟବସାୟୀମାନଙ୍କୁ ଚେତାବନୀ ଓ ପରାମର୍ଶ ଦିଆଯାଇଥିଲା। ଏହି ଅଭିଯାନରେ ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକ, ଡ୍ରଗ୍ ଇନ୍ସପେକ୍ଟର ଅଶ୍ୱିନ କୁମାର ଗଣ୍ଡ, କୋକସରା ଥାନା ଏଏସଆଇ ପବିତ୍ର ବିଶ୍ୱାଳ, ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, ଏଏମ୍-ଏନସିଡି ସଞ୍ଜୁକ୍ତା ବାଗ ଏବଂ ଖାଦ୍ୟ ନିରାପତ୍ତା ସହାୟକ ରାଜୀବ ଲୋଚନ ରଣାଙ୍କ ସମେତ ପୁଲିସ ଓ ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



ଗାଁକୁ ରାସ୍ତା ନାହିଁ

# ୮ କିମି ଖଟିଆରେ ବୁହାହେଲା ଶବ

**ଥୁଆମୂଳ ରାମପୁର, ୧୨।୮ (ସମିସ)**

ସରକାରଙ୍କ ବିକାଶର ଦାବି ମଧ୍ୟରେ ଦୁର୍ଗମ ଅଞ୍ଚଳର ଦାରୁଣ ଚିତ୍ର। ଗାଁକୁ ନାହିଁ ସବୁଦିନିଆ ରାସ୍ତା। ଫଳରେ ମୃତଦେହକୁ ଗାଁକୁ ନେବା ପାଇଁ ପ୍ରାୟ ୮ କିଲୋମିଟର ରାସ୍ତା ଖଟିଆରେ ବୋହିବାକୁ ପଡ଼ିଛି। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ପାଡେପଦର ପଞ୍ଚାୟତ ଅଧୀନ ଖମାରପଦର ଗାଁର ଭାଟିପାସ ଅଞ୍ଚଳରୁ। ପରିବାରର ପେଟକୁ ଦୁଇମୁଠା ଦାନା ଦେବା ଆଶାରେ ଦାଦନ ଖଟିବାକୁ ହାଇଦରାବାଦ ଯାଇଥିଲେ ଶିବ ମାଝୀ। କିନ୍ତୁ ଭାଗ୍ୟର ବିଡ଼ମ୍ବନା, ଜୀବିତ ଅବସ୍ଥାରେ ଆଉ ଫେରିପାରିଲେ ନାହିଁ। ସେଠାରେ ତାଙ୍କର ମୃତ୍ୟୁ ହେବାପରେ ଶବ ନିଜ ଗାଁକୁ ଫେରିଥିଲା। ତେବେ ଗାଁକୁ ରାସ୍ତା ନ ଥିବାରୁ ମୃତଦେହକୁ ଯାନବାହନରେ ନେବା ସମ୍ଭବ ହୋଇନଥିଲା। ଗାଁ ଠାରୁ ପ୍ରାୟ ୮ କିଲୋମିଟର ଦୂର ଦୁରେସପଦର ଡୁମୁନିନାଳା ଜଙ୍ଗଲୀ ରାସ୍ତାରେ ଏବେ ଆଣ୍ଠୁଏ କାଦୁଅ। ବର୍ଷା ଯୋଗୁଁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଫଳରେ ରାତିରେ ଶବକୁ ଗାଁକୁ ନିଆଯାଇ ନପାରି ରାସ୍ତାରେ ରଖିବାକୁ ପଡ଼ିଥିଲା। ପରଦିନ ସକାଳେ ଲୋକେ ଖଟିଆରେ ଶବକୁ ବୋହି ପ୍ରାୟ ୮ କିଲୋମିଟର ଦୂର ଗାଁକୁ ନେଇଥିଲେ। ଜୀବିତ ଥିବାବେଳେ ଯେଉଁ ରାସ୍ତା ଶିବଙ୍କୁ ଦାଦନ ଖଟିବା ପାଇଁ ଘରୁ ବାହାରିବାରେ ବାଧା ଦେଇପାରିଲା ନାହିଁ, ସେହି ରାସ୍ତା ମୃତ୍ୟୁ ପରେ ତାଙ୍କ ଶବକୁ ଘର ପର୍ଯ୍ୟନ୍ତ ପହଞ୍ଚିବାକୁ ଦେଲାନି। ଶିବଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କ ମୃତ୍ୟୁପରେ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼। ଶିବଥିଲେ ଦୁଇ ପରିବାରର ଏକମାତ୍ର ରୋଜଗାରିଆ। ତାଙ୍କ ମୃତ୍ୟୁପରେ ବୃଦ୍ଧା ମା' ଓ ପରିବାର ସଦସ୍ୟମାନେ ଅସହାୟ ହୋଇପଡ଼ିଛନ୍ତି। ଗାଁରେ ନାହିଁ ଭଲ ରାସ୍ତା, ନାହିଁ ମୌଳିକ ସୁବିଧା। ଏପରିକି ଜଣେ ମଣିଷର ମୃତଦେହକୁ ମଧ୍ୟ ତାଙ୍କ ନିଜ ଗାଁକୁ ନେବା ପାଇଁ ଖଟିଆର ଆଶ୍ରୟ ନେବାକୁ ପଡୁଛି। ଏହି ଦୃଶ୍ୟ ଦୁର୍ଗମ ଥୁଆମୂଳ ରାମପୁର ଅଞ୍ଚଳର





## ହାଇଦରାବାଦ ଯାଇ ଶବ ହୋଇ ଫେରିଲେ

ଯାତାୟାତ ବ୍ୟବସ୍ଥାର ଦୁରବସ୍ଥାକୁ ପଦାରେ ପକାଇଛି। ଗାଁକୁ ରାସ୍ତା କେବେ ହେବ? ଆଉ କେତେ ଦିନ ଲୋକଙ୍କୁ ଜୀବନ୍ତ ଥିବାବେଳେ ଦୁର୍ଗମତାର ଯନ୍ତ୍ରଣା ଓ ମୃତ୍ୟୁ ପରେ ଖଟିଆର ଯନ୍ତ୍ରଣା ଭୋଗିବାକୁ ପଡ଼ିବ? ଶିବଙ୍କ ଶବକୁ ୮ କିଲୋମିଟର ଖଟିଆରେ ବୋହି ନେବାର ଏହି ଦାରୁଣ ଚିତ୍ର ପ୍ରଶାସନର ବିକାଶ ଦାବି ଉପରେ ବଡ଼ ପ୍ରଶ୍ନଚିହ୍ନ ଠିଆ କରିଛି।

ଡକାୟତି ଉଦ୍ୟମ ବେଳେ ଦୁଇ ଯୁବକ ଗିରଫ

# ପିସ୍ତଲ, ଅଫୁଟା ଗୁଳି ଓ ବାଇକ୍ ଜବତ

**କୋକସରା, ୧୨।୮ (ସମିସ):** ୨୬ ନମ୍ବର ଜାତୀୟ ରାଜପଥରେ ଡକାୟତି କରିବାକୁ ଯୋଜନା କରୁଥିବାବେଳେ ଦୁଇଜଣ ଯୁବକଙ୍କୁ କୋକସରା ଥାନା ପୁଲିସ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଲେ କୋକସରା ଥାନା ଅଧୀନ ବଙ୍ଗୋମୁଣ୍ଡା ଗ୍ରାମର ଲୁଲୁ ଛତ୍ରିଆ ଓ ବିଶ୍ୱମିତ୍ର ନାଏକ। ପୁଲିସ ସେମାନଙ୍କ ନିକଟରୁ ପିସ୍ତଲ ସହ ବାଇକ୍ ଓ ମୋବାଇଲ୍ ଜବତ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଉଭୟ ଲୁଲୁ ଓ ବିଶ୍ୱମିତ୍ର ଏନଏଚ୍-୨୬ ରେଙ୍ଗାଲପାଲି ଛକ ନିକଟରେ ଡକାୟତି କରିବା ଉଦ୍ଦେଶ୍ୟରେ ଛକି ରହିଥିଲେ। ଏହି ସମୟରେ କୋକସରା ଥାନାର ଏକ ପାଟ୍ରୋଲିଂ ଦଳ ବିଶେଷ ସୂତ୍ରରୁ ଖବରପାଇ ଚଢ଼ଉ କରି ଦୁହିଁଙ୍କୁ କାବୁ କରିଥିଲେ। ଖାନତଲାସୀ ବେଳେ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ପିସ୍ତଲ, ତିନୋଟି ଅଫୁଟା ଗୁଳି, ଏକ ବାଇକ୍ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ କୋକସରା ଥାନାରେ ଏକ ମାମଲା ପଞ୍ଜୀକରଣ କରି ଉଭୟଙ୍କୁ ଗିରଫ କରିବା ସହ ଅଧିକ ପଚରାଉଚୁରା କରିଥିଲା। ବୁଧବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ନେଇ କୋକସରା ଥାନା ଅଧିକାରୀ ଡମ୍ବରୁଧର ଭରତିଆ ସୂଚନା ଦେଇଛନ୍ତି।



ସ୍କୁଲ୍ ପରିଚାଳନା କମିଟି ଗଠନରେ ଅନିୟମିତତା ଅଭିଯୋଗ

# ପ୍ରଧାନଶିକ୍ଷକଙ୍କ ବଦଳି ଦାବି

**ଧର୍ମଗଡ଼/ଗୋଲାମୁଣ୍ଡା, ୧୨।୮ (ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ବଣ୍ଡାଜୋର ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ୍ ପରିଚାଳନା କମିଟି ଗଠନ ଏବଂ ସ୍କୁଲର ପରିଚାଳନାରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଗ୍ରାମବାସୀ ଏବଂ ଅଭିଭାବକମାନେ ଏକତ୍ରିତ ହୋଇ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ସ୍ୱେଚ୍ଛାଚାରିତା ଓ ନିୟମ ଉଲ୍ଲଂଘନର ଗୁରୁତର ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମୁତାବକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗ୍ରାମବାସୀ କିମ୍ବା ଅଭିଭାବକମାନଙ୍କୁ କୌଣସି ପ୍ରକାର ସୂଚନା ନଦେଇ ଏକ ନୂତନ ସ୍କୁଲ୍ ପରିଚାଳନା କମିଟି ଗଠନ କରିଛନ୍ତି। ସ୍କୁଲ୍ ପରିଚାଳନା କମିଟି ଗଠନ ପାଇଁ କୌଣସି ସାଧାରଣ ସଭା କରାଯାଇ ନାହିଁ କିମ୍ବା ଅଭିଭାବକମାନଙ୍କ ସହମତି ନିଆଯାଇ ନାହିଁ। ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଜଣକ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ଏହି ବିଦ୍ୟାଳୟରେ ରହି ନିଜର ପ୍ରଭାବବିସ୍ତାର କରିଛନ୍ତି। ସେ ବିଦ୍ୟାଳୟକୁ ଠିକ୍ ସମୟରେ ଆସୁନାହାନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବର୍ତ୍ତମାନର ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ଏହି ବିଦ୍ୟାଳୟରୁ ବଦଳି କରିବାକୁ ଏବଂ ତାଙ୍କ ସ୍ଥାନରେ ଜଣେ ଦକ୍ଷ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ସରପଞ୍ଚଙ୍କ ସମେତ ଅଭିଭାବକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏହି ପତ୍ରର ଏକ ଜିଲ୍ଲାପାଳଙ୍କ ନିକଟକୁ ମଧ୍ୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି।

# ବନ ବିଭାଗ ପକ୍ଷରୁ ବଜ୍ରକାପ୍ତା ଉଦ୍ଧାର



**ଖଡ଼ିଆଳ, ୧୨।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନାଞ୍ଚଳ ଅଧୀନ ଦାବ୍ରି ପଞ୍ଚାୟତର ଭାଲୁଡୁଙ୍ଗୁରି ଗ୍ରାମ ନିକଟସ୍ଥ ପଖାନକଟା ପୋଖରୀନିକଟରୁ ବନ ବିଭାଗ ଏକ ବଜ୍ରକାପ୍ତ ଉଦ୍ଧାର କରିଛି। ବନବିଭାଗ ସୂତ୍ରରୁ ପ୍ରକାଶ ଯେ, ବୁଧବାର ସକାଳେ ପୋଖରୀ ନିକଟରେ ଏକ ବଜ୍ରକାପ୍ତ ବୁଲୁଥିବା ଦେଖି ଗ୍ରାମର ଯୁବକ ଗୋପାଳ ତାଣ୍ଡି, ଟିକଚନ ମାଝୀ, ଯଶୋବନ୍ତ ମାଝୀ ଓ ମୋହନ ତାଣ୍ଡି ଖଡ଼ିଆଳ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନପାଳ ସୁଦାମ କୁମାର ବାଗ ଓ ପରମାନନ୍ଦ ତାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବଜ୍ରକାପ୍ତଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଏହାକୁ ଖଡ଼ିଆଳ ପ୍ରାଣୀ ଚିକିତ୍ସାଳୟକୁ ନେଇ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ବନବିଭାଗର ସୂଚନା ଅନୁସାରେ ବଜ୍ରକାପ୍ତଟିର ଓଜନ ପ୍ରାୟ ୩.୩ କେଜି ଥିବାବେଳେ ଏହାର ଶାରୀରିକ ସ୍ଥିତି ସ୍ୱାଭାବିକ ରହିଛି।

# ଅନ୍ତର୍ଜାତୀୟ ଯୁବା ଦିବସ ପାଳିତ

**କେସିଙ୍ଗା, ୧୨।୮ (ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ବୁଧବାର ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ କେସିଙ୍ଗା ପରିସରରେ ଅନ୍ତର୍ଜାତୀୟ ଯୁବା ଦିବସ ପାଳନ କରାଯାଇଛି। ଏଥିରେ ଅଧକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଜିର ଦିବସର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ର, ବିଦ୍ୟାଳୟର କର୍ମଚାରୀ ଓ ଅଦାଲତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




# କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ଶିକ୍ଷାକେନ୍ଦ୍ରକୁ ତଦାରଖ କମିଟିର ପରିଦର୍ଶନ

**ଖଡ଼ିଆଳ, ୧୨।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଶିକ୍ଷାକେନ୍ଦ୍ର ତଦାରଖ କମିଟି ପକ୍ଷରୁ ବୁଧବାର ନୂତନ ବିଦ୍ୟାଳୟ କୋଠା ପରିଦର୍ଶନ କରାଯାଇଛି। କମିଟି ସଦସ୍ୟ ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ସାହୁ ଓ ସଦସ୍ୟ ତପନରଞ୍ଜନ ଦାଶ ବିଦ୍ୟାଳୟର ବିଭିନ୍ନ ସୁବିଧା ଓ ଭିତ୍ତିଭୂମି ତଦାରଖ କରିବା ସହ ବକେୟା ଥିବା ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପରିଦର୍ଶନ ସମୟରେ ଶିକ୍ଷକଙ୍କ ସରକାରୀ ବାସଭବନ ଓ ବିଦ୍ୟାଳୟ ମଧ୍ୟରେ ପାଚେରି ନିର୍ମାଣ, ଅତିରିକ୍ତ 'ସି-ଟାଇପ୍' କ୍ୱାର୍ଟର୍ସ ନିର୍ମାଣ, କମ୍ପ୍ୟୁଟର ଲାବ୍ ଓ ଅଧକ୍ଷଙ୍କ କୋଠରିରେ ଏସି ବ୍ୟବସ୍ଥା କରିବା ପାଇଁ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପରିସରକୁ ଆକର୍ଷଣୀୟ ଓ ପରିବେଶ ଅନୁକୂଳ କରିବା ପାଇଁ ବର୍ଜ୍ୟବସ୍ତୁରୁ ହାତୀ, ଜିରାଫ ଓ ଡାଇନୋସର ଆକୃତିର ମୂର୍ତ୍ତି ନିର୍ମାଣ ସହ ଚାରାରୋପଣ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ବିଦ୍ୟାଳୟର ଶିକ୍ଷା ପରିବେଶ ଓ ଛାତ୍ରଛାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା ପାଇଁ ଉକ୍ତ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପାଦନ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।



# ଧର୍ମଗଡ଼ ପଞ୍ଚାୟତ କଲେଜରେ ଅନ୍ତର୍ଜାତୀୟ ଯୁବ ଦିବସ

**ଧର୍ମଗଡ଼, ୧୨।୮ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ପଞ୍ଚାୟତ କଲେଜ ପରିସରରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବପିଢ଼ିଙ୍କ ଅଧିକାର, ଦାୟିତ୍ୱ, ଶିକ୍ଷା, ଆଇନ ସଚେତନତା ଏବଂ ସମାଜ ଗଠନରେ ସେମାନଙ୍କ ଭୂମିକା ନେଇ ଏହି ଅବସରରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତିର ଅଧକ୍ଷ ଗୁଣ୍ଡିଚା ସାମନ୍ତସିଂହାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ଆଇନ ସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସମ୍ବିଧାନ ପ୍ରଦତ୍ତ ଅଧିକାର ସମ୍ପର୍କରେ ଜାଣିବା ସହିତ ନିଜ ଦାୟିତ୍ୱ ପ୍ରତି ମଧ୍ୟ ସଚେତନ ହେବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ଡିଜେଏମ୍ ଶ୍ରୀକାନ୍ତ ପାଢ଼ୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚନ୍ଦନ ସେଠୀ, ପଞ୍ଚାୟତ କଲେଜର ଅଧକ୍ଷ ଏସ୍. ଜଗନ୍ନାଥ ରାଓ, ପ୍ୟାନେଲ କମଳିନୀ ରଥ, ଆଇନଜୀବୀ ମିହିର ରଞ୍ଜନ ପଟ୍ଟଯୋଶୀ, ପ୍ରାଧ୍ୟାପକ ନିମାୟୀ ଚରଣ ପାତ୍ର, ଓଡ଼ିଆ ଅଧ୍ୟାପକ ଗଣପତି ବାଗ ପ୍ରମୁଖ ମଞ୍ଚାସୀନ ଥିଲେ।

# ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

**ଖଡ଼ିଆଳ, ୧୨।୮ (ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅଧୀନ ଟେମରୀ ଗ୍ରାମର ଡିସମ ମାଝିଙ୍କ ଝିଅ ହେମଲତା ମାଝୀ (୧୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ରଞ୍ଜିତା ଘରେ ଶୋଇଥିବା ବେଳେ ସାପ କାମୁଡ଼ିଥିବା ପରିବାର ଲୋକେ ଜାଣିବା ପରେ ତାଙ୍କୁ ତୁରନ୍ତ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ରଞ୍ଜିତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ବୁଧବାର ଗ୍ରାମ୍ୟ ଶ୍ମଶାନରେ ରଞ୍ଜିତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ଉଦନ୍ତୀ ଯୁଥ କ୍ଲବ୍ ତରଫରୁ କେରମ ପ୍ରତିଯୋଗିତା



**ସିନାପାଲି, ୧୨।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଜଗନ୍ନାଥ ଛକ ପରିସରରେ କେରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ କ୍ଷୀରୋଦ ମେହେର, ନୂତନ ମେହେର, ଦେବୀପ୍ରସାଦ ମେହେର, ସୁନୀଲ ମେହେର, ଯତୀନ ମେହେର ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରମୋଦ ମେହେର ଓ ଅଭିନାଶ ସହିସ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଶିଶିର ମେହେର ଓ ଶୁଭେନ୍ଦୁ ମେହେର ଦ୍ୱିତୀୟ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ଉପସଭାପତି ସଂଗ୍ରାମ ମେହେର, କୋଷାଧକ୍ଷ ଭୀଷ୍ମରାଜ ମେହେର, ଜିତେନ ମେହେର, ହେମନ୍ତ ମେହେର, ନୀତିଶ ମେହେର, ହେମସାଗର ମେହେର, ଓମ୍ ମେହେର, ସୋହନ ମେହେର, ସୌରଭ ମେହେର, ରଞ୍ଜନ ମେହେର, ଜଗନ୍ୟ ମେହେର, ରାଜ ମେହେର, ଆୟୁଷ ମେହେର, ଶିବମ୍ ମେହେର, ଶୁଭମ୍ ମେହେର, ଚନ୍ଦନ ମେହେର, ଗଣେଶ ମେହେର, ଲୋହିତାକ୍ଷ ମେହେର, ସୁରେଶ ମେହେର ପ୍ରମୁଖଙ୍କ ସହ ହନୁମାନ ଯୁଥ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

ଚାଉଳଧୁଆ ଜଳପ୍ରପାତରେ ପର୍ଯ୍ୟଟକଙ୍କ ଭିଡ଼

# ସୋସିଆଲ ମିଡିଆରେ ଭାଇରାଲ ପରେ ଜମୁଛି ପିକନିକ୍ ମାହୋଲ

**କୋମନା, ୧୨।୮ (ସମିସ)**

ପ୍ରକୃତିର ଅପୂର୍ବ ଆଲେଖ୍ୟ ଓ ସବୁଜିମାର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଛି ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଞ୍ଚଳ। ଏହି ମନୋରମ ପରିବେଶ ମଧ୍ୟରେ ଲୁଚି ରହିଥିବା ଆକର୍ଷଣୀୟ 'ଚାଉଳଧୁଆ ଜଳପ୍ରପାତ' ଏବେ ସାଜିଛି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ। ସୁନାବେଡ଼ା ଗ୍ରାମଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଅବସ୍ଥିତ ଏହି ପ୍ରାକୃତିକ ନିରୋଳାସ୍ଥଳୀଟି ବର୍ତ୍ତମାନ ସୋସିଆଲ ମିଡିଆରେ ପ୍ରଚାରପ୍ରସାର ପରେ ଲୋକଲୋଚନକୁ ଆସିଛି, ଯାହାଫଳରେ ପ୍ରତିଦିନ ଏଠାରେ ଶହଶହ ପ୍ରକୃତିପ୍ରେମୀଙ୍କ ଜନସମାଗମ ଦେଖିବାକୁ ମିଳୁଛି। ସହରୀ କୋଳାହଳରୁ ଦୂରରେ ପ୍ରକୃତିର ଶାନ୍ତ ପରିବେଶକୁ ଉପଭୋଗ କରିବା ପାଇଁ ପରିବାର, ବନ୍ଧୁବାନ୍ଧବ ଓ ଯୁବପିଢ଼ିଙ୍କ ଭିଡ଼ ଜମୁଛି। ଏହାଏକ ପ୍ରମୁଖ ପିକନିକ୍ ସ୍ପଟ୍ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଲାଗିଛି। ଭିତ୍ତିଭୂମି ବିକାଶର ଆବଶ୍ୟକତା-ଚାଉଳଧୁଆ ଜଳପ୍ରପାତକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଥିବା ବେଳେ, ଏହାର ଆଶାନୁରୂପ ବିକାଶ ପାଇଁ ଦାବି ହେଉଛି। ଯଦି ପ୍ରଶାସନ ପକ୍ଷରୁ ଏଠାରେ ଯାତାୟାତ ସୁବିଧା ଓ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ପାନୀୟ ଜଳ ଓ ବିଶ୍ରାମାଗାର ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଏ, ତେବେ ଆଗାମୀ ଦିନରେ ଏହା ନୂଆପଡ଼ା ଜିଲ୍ଲାର ଅନ୍ୟତମ ଶ୍ରେଷ୍ଠ ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ରାଜ୍ୟ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିବ।



## ସେମାନେ ଯାହା କହନ୍ତି ....



ସୋସିଆଲ ମିଡିଆରୁ ଚାଉଳଧୁଆ ଜଳପ୍ରପାତ ବିଷୟରେ ଜାଣିବାକୁ ପାଇ ଏଠାକୁ ଆସିଥିଲୁ। ପାହାଡ଼ ଓ ଜଙ୍ଗଲ ମଝିରେ ଏହି ଜଳପ୍ରପାତର ଦୃଶ୍ୟ ସତରେ ଅତି ମନୋରମ। ତେବେ ଏଠାକୁ ଆସିବା ପାଇଁ ରାସ୍ତା ଘାଟର ଟିକିଏ ସୁଧାର ହେଲେ ପର୍ଯ୍ୟଟକମାନେ ଆହୁରି ସହଜରେ ପହଞ୍ଚିପାରନ୍ତେ।


**ଭାଗୀରଥି ଭୋଇ-ପର୍ଯ୍ୟଟକ**



ସୁନାବେଡ଼ା ଅଞ୍ଚଳରେ ପ୍ରକୃତିର ଅନେକ ଅଣଦେଖା ସୌନ୍ଦର୍ଯ୍ୟ ଭରି ରହିଛି। ଚାଉଳଧୁଆ ଜଳପ୍ରପାତ ଆମ ଅଞ୍ଚଳର ଏକ ଗର୍ବ। ସୋସିଆଲ ମିଡିଆ ଯୋଗୁଁ ଆଜି ଏହା ଲୋକଲୋଚନକୁ ଆସିଛି, ଯାହାଫଳରେ ସ୍ଥାନୀୟ ଯୁବକଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି।

**ଜୟଦେବ ପ୍ରଧାନ- ଭାଇସ ଚେୟାରମ୍ୟାନ କୋମନା**

ପ୍ରତ୍ୟେକ ଦିନ ଏଠାକୁ ହଜାର ହଜାର ପର୍ଯ୍ୟଟକ ଙ୍କ ଭିଡ଼ ହେଉଛି। ତେବେ ପର୍ଯ୍ୟଟକଙ୍କ ନିରାପତ୍ତା ଓ ପରିବେଶର ସ୍ୱଚ୍ଛତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଶାସନ ପକ୍ଷରୁ ଏଠାରେ ନିରାପତ୍ତା ବ୍ୟବସ୍ଥା, ପାନୀୟଜଳ ଓ ସୂଚନାଫଳକ ଲଗାଗଲେ ପର୍ଯ୍ୟଟକମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ।



**ସୋମନାଥ ଖମାରୀ- ସମାଜସେବୀ**

ନୂଆପଡ଼ା ଜିଲ୍ଲାରେ ସର୍ବମୋଟ ୧୨ଟି ଜଳପ୍ରପାତ କେବଳ ସୁନାବେଡ଼ା ଅଭୟାରଣ୍ୟରେ ଅଛି। କିଛି ଜଳପ୍ରପାତକୁ ଗମନାଗମନର ସୁବିଧା ଥିବାରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ଚଳିତବର୍ଷ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଚାଉଳ ଧୂଆ ଜଳ ପ୍ରପାତ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ହୋଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ସମ୍ବଲପୁର, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ଛତିଶଗଡ଼ ରାଜ୍ୟରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ଏହି ଜଳ ପ୍ରପାତକୁ ଯିବା ପାଇଁ ବ୍ୟବସ୍ଥିତ ରାସ୍ତା ନାହିଁ। ଏହି ଜଳ ପ୍ରପାତ ଓ ଅନ୍ୟ ଜଳ ପ୍ରପାତର ଆବଶ୍ୟକ ବ୍ୟବସ୍ଥା କଲେ ଆହୁରି ଅନେକ ପର୍ଯ୍ୟଟକ ଜଳ ପ୍ରପାତର ମଜା ନେଇ ପାରିବେ।



**ମାୟାଧର ସରାଫ- ୱାଇଲ୍ଡ ଲାଇଫ ୱାର୍ଡେନ୍, ନୂଆପଡ଼ା ଜିଲ୍ଲା**

ସକାଳ
THE SAKALA

# ସମ୍ପାଦକୀୟ



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

## ସଂରକ୍ଷଣର ସୁବିଧାବାଦୀଙ୍କୁ ସୁରକ୍ଷା!

ସରକାରୀ ଶିକ୍ଷା ଓ ଚାକିରିରେ ଦୀର୍ଘବର୍ଷ ଧରି ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ଅଧିକାର ଭୋଗ କରି ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଉନ୍ନତ ସ୍ଥିତିରେ ଥିବା(କ୍ରିମିଲେୟାର) ଅନୁସୂଚିତ ଜାତି ଓ ଜନଜାତି ବର୍ଗ(ଏସ୍‌ସି ଓ ଏସ୍‌ଟି)ର ପରବର୍ତ୍ତୀ ପିଢ଼ି ବା ପରିବାର ସଦସ୍ୟଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠ ମଧ୍ୟ ସମସ୍ତ ସଂରକ୍ଷିତ ବର୍ଗର କ୍ରିମିଲେୟାରଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ସପକ୍ଷରେ ରାୟ ଦେଇଛନ୍ତି। କିନ୍ତୁ ଏହି ମତକୁ ବିରୋଧ କରି କେନ୍ଦ୍ର ସରକାର ନିକଟରେ ସର୍ବୋଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ବର୍ଗର କ୍ରିମିଲେୟାରଙ୍କୁ ବାଦ୍ ଦିଆଯାଇପାରିବ ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ବିଧାନପାଳିକାର ନିଷ୍ପତ୍ତି ବୋଲି ଉକ୍ତ ସତ୍ୟପାଠରେ ଉଲ୍ଲେଖ ରହିଛି।

୨୦୨୪, ଅଗଷ୍ଟ ମାସରେ ସର୍ବୋଚ୍ଚ ଅଦାଲତଙ୍କ ସାତଜଣିଆ ଖଣ୍ଡପୀଠ ସଂଖ୍ୟାଗରିଷ୍ଠ ମତରେ କ୍ରିମିଲେୟାରଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦେବା ପ୍ରକ୍ରିୟା ସମସ୍ତ ସଂରକ୍ଷିତ ବର୍ଗଙ୍କ ପାଇଁ ସମ୍ପ୍ରସାରିତ କରିବାକୁ ରାୟ ଦେଇଥିଲେ। ସେହି ରାୟକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଜେପି ନେତା ତଥା ଆଇନଜ୍ଞ ଅଶ୍ୱିନୀ କୁମାର ଉପାଧ୍ୟାୟ ଅଦାଲତରେ ଏକ ଜନସ୍ୱାର୍ଥମାମଲା ଦାୟର କରିଥିଲେ। ଏହି ମାମଲାରେ ନିଜ ପକ୍ଷ ରଖି କେନ୍ଦ୍ର ସରକାର ଉପରୋକ୍ତ ସତ୍ୟପାଠ ଦାଖଲ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ବର୍ଗ ସହିତ ସଂରକ୍ଷଣର କ୍ରିମିଲେୟାର ଚିନ୍ତାଧାରା ନ ଯୋଡ଼ିବା ସମ୍ପର୍କରେ କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ ଏହି ଦୁଇବର୍ଗଙ୍କୁ କେବଳ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ଥିବା ଦୃଷ୍ଟିରୁ ସଂରକ୍ଷଣ ସୁବିଧା ଦିଆଯାଇନାହିଁ। ଏସ୍‌ସି ବର୍ଗ ଦୀର୍ଘକାଳ ଧରି ଅସ୍ପୃଶ୍ୟତତା ପରି ସାମାଜିକ ପାତରଅନ୍ତରର ଶିକାର ହୋଇଆସିଛନ୍ତି। ସେହିପରି ଏସ୍‌ଟି ବର୍ଗ ସାଂସ୍କୃତିକ, ଭୌଗୋଳିକ ଦୃଷ୍ଟିରୁ ପଛୁଆ ଏବଂ ସାମାଜର ମୁଖ୍ୟଧାରାରୁ ବିଚ୍ଛିନ୍ନ ରହିଛନ୍ତି। ଅପରପକ୍ଷରେ ଓବିସି(ଅନ୍ୟାନ୍ୟ ପଛୁଆ ବର୍ଗ) ଓ ଇବିସି(ଅର୍ଥନୈତିକ ପଛୁଆ ବର୍ଗ)ମାନେ କେବଳ ସମୟାନୁସାରେ ସାମାଜିକ, ଶିକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ହୋଇଛନ୍ତି। ତେଣୁ ଓବିସି ବର୍ଗ ପାଇଁ ସଂରକ୍ଷଣର କ୍ରିମିଲେୟାର ଅବଧାରଣା ଏସ୍‌ସି ଓ ଏସ୍‌ଟି ବର୍ଗରେ ଲାଗୁ ହୋଇପାରିବ ନାହିଁ। ଏସ୍‌ସି, ଏସ୍‌ଟି ବର୍ଗରେ କ୍ରିମିଲେୟାର ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସାମାଜିକ ବୈଷମ୍ୟ ଦୂରୀକରଣ ଲକ୍ଷ୍ୟ ସଫଳ ହେବନାହିଁ।

ଏସ୍‌ସି ଏସ୍‌ଟି ବର୍ଗଙ୍କୁ 'କ୍ରିମିଲେୟାର-ସଂକଟ'ରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ୧୯୯୨ ମସିହାରେ ଇନ୍ଦ୍ରା ସାହାଣୀ ଏବଂ ୨୦୦୮ ମସିହାରେ ଅଶୋକ କୁମାର ଠାକୁର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟକୁ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ମଧ୍ୟରୁ ଆର୍ଥିକ ଦୃଷ୍ଟିରୁ ଉନ୍ନତ ପରିବାରକୁ ସଂରକ୍ଷଣରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ଉଲ୍ଲେଖ ଥିଲା। ସେହିପରି ୨୦୦୫ରେ ଇ ଭି ଚେନ୍ନାୟା ରାୟକୁ ମଧ୍ୟ କେନ୍ଦ୍ର ସରକାର ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏସ୍‌ସି ବର୍ଗରେ କ୍ରିମିଲେୟାର ବ୍ୟବସ୍ଥା ଲାଗୁ କରିବାର ଅଧିକାର କେବଳ ବିଧାନପାଳିକାର ବୋଲି ଏହି ରାୟରେ ଉଲ୍ଲେଖ ରହିଛି। ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଆହୁରି ମଧ୍ୟ ସମ୍ବିଧାନର ଧାରା ୩୪୧ ଓ ୩୪୨କୁ ଉଦ୍ଧୃତି କରିଛନ୍ତି। ଏହି ଧାରା ଅନୁଯାୟୀ ଏସ୍‌ସି ଓ ଏସ୍‌ଟି ତାଲିକା ପ୍ରସ୍ତୁତ କରିବା ଭାରତର ରାଷ୍ଟ୍ରପତିଙ୍କ ଅଧିକାରଭୁକ୍ତ। ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ଏହି ତାଲିକାରୁ କାହାକୁ ବାଦ୍ ଦେବାକୁ ହେଲେ ବିଧାନପାଳିକା ବହୁମତରେ ସେ ନିଷ୍ପତ୍ତି ନେବ। କୌଣସି ରାଜ୍ୟ, ଅଦାଲତ କିମ୍ବା ଟ୍ରିବ୍ୟୁନାଲ୍ ସେଥିପାଇଁ ଅଧିକୃତ ନୁହନ୍ତି। ଜନସ୍ୱାର୍ଥ ସମ୍ବଳିତ ନୀତିଗତ ନିଷ୍ପତ୍ତି ଓ ନୀତି ନିର୍ଦ୍ଧାରଣରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ। ଅର୍ଥାତ୍ ପରୋକ୍ଷରେ କେନ୍ଦ୍ର ସରକାର ସତ୍ୟପାଠ ମାଧ୍ୟମରେ କହିବାକୁ ଚାହୁଁଛନ୍ତି ଯେ ରାୟ ଦେବା କାମ ନ୍ୟାୟପାଳିକାର; ତାହାକୁ କାର୍ଯ୍ୟକାରୀ କରାଯିବ କି ନାହିଁ ସେ ନିଷ୍ପତ୍ତି ବିଧାନପାଳିକାର ବା ସରକାରଙ୍କର।

କେନ୍ଦ୍ର ସରକାରଙ୍କ ଯୁକ୍ତି ସମ୍ବଳିତ ସତ୍ୟପାଠକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଇତିମଧ୍ୟରେ ସମୟ ଗଡ଼ିଛି। ସର୍ବୋଚ୍ଚ ନ୍ୟାୟାଳୟର ସାତଜଣିଆ ସମ୍ବିଧାନ ଖଣ୍ଡପୀଠ ଏସ୍‌ସି, ଏସ୍‌ଟି ବର୍ଗରେ କ୍ରିମିଲେୟାର କାର୍ଯ୍ୟକାରୀ ସପକ୍ଷରେ ରାୟ ଦେବା ପରେ ପୁରୁଣା ରାୟଗୁଡ଼ିକ ଆପେ ଆପେ ଅକାମୀ ହୋଇଯାଇଛି। ତେଣୁ ସରକାର ପୁରୁଣା ରାୟ ଆଧାରରେ ସତ୍ୟପାଠ ଦାଖଲ କରିବା କେବଳ ଭୋଟ ରାଜନୀତି ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏବେ ଯୁକ୍ତିତର୍କ ଛାଡ଼ି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ। ଉଦ୍ଦେଶ୍ୟମୂଳକ ପାତରଅନ୍ତରର ଯୁଗ ସମାପ୍ତ ହେବାକୁ ଯାଉଛି। ସମୟର ଗତିବିଧିକୁ ଠଉରାଇବା ହିଁ ବିଜ୍ଞତାର ପରିଚୟ। ଏହାର ପ୍ରତିକୂଳ ସ୍ରୋତରେ ଚାଲିଲେ ପରିମାଣ କ'ଣ ହେବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ସମ୍ପ୍ରତି ସଂରକ୍ଷଣ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ଯଦି ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଉପେକ୍ଷା କରନ୍ତି ତେବେ ଉଚ୍ଚବର୍ଗ ବା ଅଣସଂରକ୍ଷିତ ବର୍ଗର ଭୋଟ ହରାଇବା ସାର ହେବ। 'ଯଦି ଏସ୍‌ସି, ଏସ୍‌ଟି ବର୍ଗ କ୍ରିମିଲେୟାର ବ୍ୟବସ୍ଥାରୁ ବାଦ୍ ପଡ଼ିବେ ତେବେ ଆମେ କାହିଁକି ନୁହଁ?' ଏହି ପ୍ରଶ୍ନ ଓବିସି ବର୍ଗ ମଧ୍ୟ ପଚାରିବେ। ମାମଲା ପୁଣି ସର୍ବୋଚ୍ଚ ନ୍ୟାୟାଳୟକୁ ଯିବ। ସେତେବେଳେ କେନ୍ଦ୍ର ସରକାର ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ସାହାରା ନେବାକୁ ବାଧ୍ୟ ହେବେ।

ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ସଂରକ୍ଷଣରୁ ବାଦ୍ ଦେବା ପାଇଁ ଉପରୋକ୍ତ ଜନସ୍ୱାର୍ଥ ମାମଲାରେ ଦାବି/ଅନୁରୋଧ/ଆବେଦନ କରାଯାଇନାହିଁ। କେବଳ ସଂରକ୍ଷଣର ସୁବିଧାବାଦୀ ଗୋଷ୍ଠୀଙ୍କୁ ବାଦ୍ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କୁ ବିହିତ ନିର୍ଦ୍ଦେଶ ଦେବା ଲାଗି ଆବେଦନ କରାଯାଇଛି। ଏହି ଦାବି ଏସ୍‌ସି, ଏସ୍‌ଟି ବର୍ଗର ଆଭ୍ୟନ୍ତରୀଣ ସ୍ୱର। ସଂରକ୍ଷିତ ବର୍ଗର ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ତୁଷ୍ଟ କରିବାକୁ ଯାଇ ସରକାର ଅନୁସୂଚିତ ଜାତି ଓ ଜନଜାତିର ବୃହତ୍ତର ଅବହେଳିତ ବର୍ଗର ସ୍ୱରକୁ ଶୁଣିବାରେ ଅବହେଳା କଲେ ବିରୋଧାଭାସ ଉଠିବା ସ୍ୱାଭାବିକ। ●

## ଭିତ୍ତିଭୂମିରେ ଆଗୁଆ, ପ୍ରଦର୍ଶନରେ ପଛୁଆ

**ରଞ୍ଜନ କୁମାର ରାୟ**

ସଦ୍ୟସମାପ୍ତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ସଂସ୍କରଣ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପାଇଁ ଉତ୍ସାହଜନକ ଓ ସକାରାତ୍ମକ ସଙ୍କେତ ଆଣିଛି। କିନ୍ତୁ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ନୈରାଶ୍ୟଜନକ ଅନୁଭୂତି ଦେଇଛି। ଓଡ଼ିଶା ସରକାର ଗତ କିଛି ବର୍ଷ ହେବ ରାଜ୍ୟକୁ ବିଶ୍ୱର 'କ୍ରୀଡ଼ା ହବ୍' ଭାବେ ଗଢ଼ିତୋଳିବାର ପ୍ରଶଂସନୀୟ ଉଦ୍ୟମ କରିଚାଲିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଆ କ୍ରୀଡ଼ାବିତ୍‌ମାନଙ୍କର ପ୍ରଦର୍ଶନ ଅତି ନିମ୍ନମାନର ରହିଛି। ଏହା କ୍ରୀଡ଼ା ବିଶେଷଜ୍ଞଙ୍କ ସମେତ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କୁ ଯେତିକି ହତାଶ କରିଛି, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ ଓ ଚିନ୍ତିତ କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏଥର ମାତ୍ର ୪ ଜଣ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିମ୍ନାଷ୍ଟ ତପନ ମହାନ୍ତି କିଛିଟା ଆଖିଦୃଶିଆ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ୟମାନେ ଶୋଚନୀୟ ଭାବେ ବିଫଳ ହୋଇଥିଲେ। ଭାରତର ଉସେନ ବୋଲ୍ଟ କୁହାଯାଉଥିବା ଅନିମେଶ କୁଜୁର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ନପାରି ସେମିଫାଇନାଲରୁ ବାଦ୍ ପଡ଼ିଥିଲେ।

କଳିଙ୍ଗ ଷ୍ଟାଡିୟମରୁ ଆରମ୍ଭ କରି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଭିତ୍ତିଭୂମି, ବିଦେଶୀ କୋଚ୍ ଏବଂ ଶହ ଶହ କୋଟି ଟଙ୍କାର ବଜେଟ୍ ସତ୍ତ୍ୱେ କାହିଁକି ଆମର କ୍ରୀଡ଼ାବିତ୍‌ମାନେ ପଦକ ଦୌଡ଼ରୁ ବହୁ ଦୂରରେ ରହିଗଲେ - ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଛି। ଗ୍ଲାସଗୋରେ ଓଡ଼ିଆ ଆଥଲେଟଙ୍କ ପ୍ରଦର୍ଶନ କେବଳ ନିରାଶାଜନକ ନୁହେଁ, ବରଂ ରାଜ୍ୟର କ୍ରୀଡ଼ା ନୀତି ଓ ଯୋଜନାର ବାସ୍ତବତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ଛିଡ଼ା କରିଛି। ଗ୍ଲାସଗୋ ମହାକୁମ୍ଭ ଆରମ୍ଭ ହେବା ପୂର୍ବରୁ ଓଡ଼ିଶାର କ୍ରୀଡ଼ା ପ୍ରଶାସକମାନେ ବହୁ ଆଶା ଦେଖାଇଥିଲେ। ଦୌଡ଼କୁଦ, ହକି, ଭାରୋତ୍ତୋଳନ, ବ୍ୟାଡମିଣ୍ଟନ୍ ପରି କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀମାନେ ଭାରତୀୟ ଦଳର ନେତୃତ୍ୱ ନେଉଥିବା କୁହାଯାଉଥିଲା। ବିଶେଷକରି 'ଓଡ଼ିଶା ଆଥଲେଟିକ୍ସ ଏକାଡେମୀ' ଓ ବିଭିନ୍ନ 'ହାଇ-ପରଫର୍ମାନ୍ସ ସେଣ୍ଟର' (ଏଚ୍‌ପିସି) ରୁ ତାଲିମପ୍ରାପ୍ତ ଖେଳାଳିଙ୍କ ଉପରେ ସମସ୍ତଙ୍କର ନଜର ଥିଲା। କିନ୍ତୁ 'ଗ୍ରାଉଣ୍ଡ ଜିରୋ' ବା ବାସ୍ତବ କ୍ଷେତ୍ରରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଦୌଡ଼କୁଦରେ ଆମର ମାନ୍ୟତାପ୍ରାପ୍ତ କ୍ରୀଡ଼ାବିତ୍‌ମାନେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ଉପଲବ୍ଧି(ଟାଇମିଂ) ଛୁଇଁବାରେ ମଧ୍ୟ ବିଫଳ ହୋଇଥିଲେ। 'ହିଟ୍ସ' ଓ ପ୍ରାରମ୍ଭିକ ରାଉଣ୍ଡରୁ ହିଁ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ବିଦାୟ ନେଇଥିଲେ। ସେହିପରି ଯେଉଁ ହକି କ୍ରୀଡ଼ାକୁ ଓଡ଼ିଶା ସରକାର ଦୀର୍ଘବର୍ଷ ଧରି ପ୍ରାୟୋଜନ କରିଆସୁଛନ୍ତି, ସେଥିରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ହାରାହାରି ସ୍ତରର ଥିଲା। ଗତକାଲି ପର୍ଯ୍ୟନ୍ତ ଯେଉଁରାଜ୍ୟର ଖେଳାଳିମାନେ ଦେଶକୁ ଗୌରବାନ୍ୱିତ କରୁଥିଲେ, ଆଜି ଗ୍ଲାସଗୋରେ ସେମାନଙ୍କର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ବ୍ୟଥିତ କରିଛି।

ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର କୌଣସି ଅଭାବ ନାହିଁ। ଭୁବନେଶ୍ୱର ଓ ସୁନ୍ଦରଗଡ଼ରେ ଗଢ଼ିଉଠିଥିବା ଷ୍ଟାଡିୟମ୍‌ଗୁଡ଼ିକ ବିଶ୍ୱର ଯେକୌଣସି ବିକଶିତ ଦେଶ ସହ ସମକକ୍ଷ। କିନ୍ତୁ କେବଳ କଂକ୍ରିଟ୍‌ର ସୌଧ ଓ ଗ୍ଲାସ୍ ବିଲ୍ଡିଂ ଠିଆ କରିଦେଲେ ପଦକ ମିଳେନାହିଁ, ଏହା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ପୁଣି ଥରେ ପ୍ରମାଣିତ କରିଦେଲା। ଆମର ସମସ୍ତ ଧ୍ୟାନ ଏବେ ଇଭେଣ୍ଟ ମ୍ୟାନେଜମେଣ୍ଟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ଉପରେ ସୀମିତ ରହିଯାଇଛି। ଆମେ ବିଶ୍ୱକପ୍ ଓ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରି ପ୍ରଶଂସା ସାଉଣ୍ଟୁଛୁ ସତ, କିନ୍ତୁ ନିଜ ରାଜ୍ୟର ଗ୍ରାମାଞ୍ଚଳରୁ ପ୍ରତିଭା ସନ୍ଧାନ କରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀକ୍ଷମ କରିବାରେ ବଡ଼ ଧରଣର ଭୁଲ୍ ରହିଯାଉଛି। ତୃଣମୂଳ ସ୍ତରରେ ଯେଉଁ ଭଳି ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଆବଶ୍ୟକ, ତାହା କେବଳ କାଗଜପତ୍ର ଓ ସହରୀ ପରିସୀମା ମଧ୍ୟରେ ସୀମିତ ହୋଇରହିଛି।

କଳିଙ୍ଗ ଷ୍ଟାଡିୟମରେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ସହ ମିଶି ଦଶରୁ ଅଧିକ ହାଇ-ଏଚ୍‌ପିସି ସ୍ଥାପନ କରାଯାଇଛି। ସେଠାରେ ଅତ୍ୟାଧୁନିକ ବ୍ୟାୟାମଶାଳା, ସାଇଣ୍ଟିଫିକ୍ ଆନାଲିସିସ୍, ନିଉଟ୍ରିସନିଷ୍ଟ ଓ ବିଦେଶୀ କୋଚ୍ ରଖାଯାଇଛି। ଏହି କେନ୍ଦ୍ରଗୁଡ଼ିକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ପ୍ରଶ୍ନ ଉଠୁଛି, ଏଠାରୁ କେତେଜଣ ଓଡ଼ିଆ କ୍ରୀଡ଼ାବିତ୍ ବାହାରି ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତୁଛନ୍ତି? ଅନେକ ସମୟରେ ଅଭିଯୋଗ ହୁଏ ଯେ, ଏହି ଏଲିଟ୍ ଏକାଡେମୀଗୁଡ଼ିକରେ ଅନ୍ୟ ରାଜ୍ୟର ଖେଳାଳିମାନଙ୍କୁ ଆଣି ସୁବିଧା ସୁଯୋଗ ଦିଆଯାଉଛି, ଅଥଚ ଓଡ଼ିଶାର ଗ୍ରାମାଞ୍ଚଳରୁ ଆସୁଥିବା ଈଶ୍ୱରଦତ୍ତ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ସେହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଗ୍ଲାସଗୋରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କ ବ୍ୟର୍ଥତା ପରେ ଏବେ ଏହି ଏଚ୍‌ପିସିଗୁଡ଼ିକର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। ଅନ୍ତର୍ଜାତୀୟ କ୍ରୀଡ଼ାରେ କେବଳ ଶାରୀରିକ ଦକ୍ଷତା ଯଥେଷ୍ଟ ନୁହେଁ, ମାନସିକ ଦୃଢ଼ତା ଏବଂ ବାସ୍ତବିକ ପ୍ରତିଯୋଗିତାର ଅନୁଭୂତି ଅତ୍ୟନ୍ତ ଜରୁରୀ। ଗ୍ଲାସଗୋରେ ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଚାପ ବୋଝରେ ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରି ନ ଥିବା ମତ ପ୍ରକାଶ ପାଇଛି। ଅବଶ୍ୟ ବିଫଳତା ପଛର ଏହି କାରଣ ତର୍କସାପେକ୍ଷ।

ଆମର କ୍ରୀଡ଼ାବିତ୍‌ମାନଙ୍କୁ ଦେଶ ମଧ୍ୟରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ବଛାଯାଉଛି ସତ, କିନ୍ତୁ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗୀଙ୍କ ସହ ଲଢ଼ିବା ପାଇଁ ଯେଉଁ 'ଏକ୍ସପୋଜର' ବା ଦକ୍ଷତା/କୌଶଳ ଆବଶ୍ୟକ ହେଉଛି ତାହା ମିଳୁନାହିଁ। ବିଦେଶୀ ଜଳବାୟୁ, ପ୍ରତିଯୋଗୀଙ୍କ ରଣନୀତି ଏବଂ ବଡ଼ ମଞ୍ଚର ଚାପକୁ ସାମ୍ନା କରିବାରେ ଆମ ଖେଳାଳିମାନେ ଦୁର୍ବଳ ପ୍ରମାଣିତ ହୋଇଛନ୍ତି। 'ସ୍ପୋର୍ଟ୍ସ ସାଇକୋଲୋଜି'(କ୍ରୀଡ଼ା ମନସ୍ତତ୍ତ୍ୱ) ଏବଂ 'ବାୟୋମେକାନିକ୍ସ'(ଶାରୀରିକ ଜୈବରସାୟନ)ର ସଠିକ୍ ବ୍ୟବହାର କାଗଜପତ୍ରରେ ସୀମିତ ନ ରହି ବାସ୍ତବ କ୍ଷେତରେ ପ୍ରୟୋଗ ହେବା ଆବଶ୍ୟକ। ଗ୍ଲାସଗୋ କମନୱେଲଥ ଗେମ୍ସ ୨୦୨୬ର ବିଫଳତାକୁ ଏକ ଚେତାବନୀ ଓ ସଙ୍କେତ ଭାବେ ନେବାକୁ ପଡ଼ିବ। ଯଦି ଆମେ ଏବେ ବି ଆତ୍ମସମୀକ୍ଷା ନ କରିବା, ତେବେ ଆଗାମୀ ଏସିଆନ୍ ଗେମ୍ସ ଓ ଅଲିମ୍ପିକ୍ସରେ ମଧ୍ୟ ସମାନ ପରିଣାମ ଭୋଗିବାକୁ ପଡ଼ିବ।

ଭୁଲରୁ ଶିଖିପାରିଲେ ସଫଳତା ନିଶ୍ଚୟ ମିଳିବ। ଏଥିପାଇଁ ରଣନୀତିରେ କେତେକ ସମୟୋପଯୋଗୀ ପରିବର୍ତ୍ତନ କରିବାକୁ ପଡ଼ିବ। ପ୍ରଥମତଃ, ତୃଣମୂଳସ୍ତର ଅର୍ଥାତ ଜିଲ୍ଲା ଓ ବ୍ଲକସ୍ତରରେ ପ୍ରତିଭା ସନ୍ଧାନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସକ୍ରିୟ କରିବା ଆବଶ୍ୟକ। ସ୍କୁଲ୍ ଓ କଲେଜସ୍ତରରୁ ହିଁ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରି ସେମାନଙ୍କୁ ଦୀର୍ଘକାଳୀନ ପ୍ରଶିକ୍ଷଣ ଦିଆଗଲେ ଭବିଷ୍ୟତରେ ସେମାନେ ନିଜକୁ ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିପାରିବେ। କେବଳ ବିଦେଶୀ କୋଚ୍‌ଙ୍କ ଉପରେ ନିର୍ଭର ନକରି ଓଡ଼ିଶାର ସ୍ଥାନୀୟ କୋଚ୍‌ମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ତାଲିମ୍ ଦିଆଗଲେ ସେମାନେ ତୃଣମୂଳ ସ୍ତରରୁ ଖେଳାଳି ଗଢ଼ିପାରିବେ। ଏଚ୍‌ପିସି ଓ କ୍ରୀଡ଼ା ଏକାଡେମୀଗୁଡ଼ିକର ପ୍ରଦର୍ଶନର ବାର୍ଷିକ ସମୀକ୍ଷା କରାଯାଉ। କୋଟି କୋଟି ଟଙ୍କାର ସରକାରୀ ଓ କର୍ପୋରେଟ୍ ଫଣ୍ଡ କେଉଁଠି ଖର୍ଚ୍ଚ ହେଉଛି ଏବଂ ଫଳାଫଳ କ'ଣ, ତାହାର ହିସାବ ସାର୍ବଜନିନ କରାଯାଉ। ଦଳ ଚୟନ ଏବଂ ଏକାଡେମୀ ପ୍ରବେଶରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ଜରୁରୀ, ଯେପରି କୌଣସି ଯୋଗ୍ୟ ପ୍ରତିଭା ସୁଯୋଗରୁ ବଞ୍ଚିତ ନହୁଅନ୍ତି।

ଖେଳରେ ଜୟ-ପରାଜୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିନ୍ତୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆତ୍ମସମର୍ପଣ କରିବା ଗ୍ରହଣଯୋଗ୍ୟ ନୁହେଁ। ଓଡ଼ିଶା ସରକାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯେଉଁ ନିଷ୍ଠା ଓ ଆନ୍ତରିକତା ଦେଖାଇଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ବର୍ତ୍ତମାନ ସମୟ ଆସିଛି 'ପରିମାଣ'ରୁ ବାହାରି 'ଗୁଣବତ୍ତା' ଉପରେ ଧ୍ୟାନ ଦେବାର। କ୍ରୀଡ଼ା ଭିତ୍ତିଭୂମି ଏବଂ ବଡ଼ ବଡ଼ ଇଭେଣ୍ଟର ବ୍ରାଣ୍ଡିଂ ମାଧ୍ୟମରେ ନୁହେଁ, ବରଂ ପଦକ ତାଲିକାରେ ନିଜର ସ୍ଥାନ ସୁନିଶ୍ଚିତ କରିବା ଦ୍ୱାରା ହିଁ ଓଡ଼ିଶା ପ୍ରକୃତରେ ବିଶ୍ୱର କ୍ରୀଡ଼ା ହବ୍ ଭାବେ ପରିଗଣିତ ହେବ। ଗ୍ଲାସଗୋ-କାହାଣୀରୁ ଶିକ୍ଷା ନେଇ ଆମକୁ ଆମର ରଣନୀତି ବଦଳାଇବାକୁ ପଡ଼ିବ। ନଚେତ୍ କ୍ରୀଡ଼ାର ଏହି ଚମକପ୍ରଦ ଦୁନିଆରେ ଓଡ଼ିଶା କେବଳ ଜଣେ ଆୟୋଜକ ହୋଇରହିଯିବ, ବିଜେତା ହୋଇପାରିବ ନାହିଁ। ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ଜନ୍ତର ମନ୍ତର: ବିଜ୍ଞାନ, ଇତିହାସ ଓ ଗଣତନ୍ତ୍ରର ପ୍ରତୀକ

**ବିଦ୍ୟାଧର ମହାରଣା**

ରାଜଧାନୀ ନୂଆଦିଲ୍ଲୀର କନଟ୍ ପ୍ଲେସ୍ ନିକଟରେ ଅବସ୍ଥିତ ଜନ୍ତର ମନ୍ତର କେବଳ ପ୍ରାଚୀନ ଭାରତର ଏକ ପ୍ରସିଦ୍ଧ ଐତିହାସିକ ଓ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣ କେନ୍ଦ୍ର ନୁହେଁ, ବରଂ ଏହା ଭାରତର ବୈଜ୍ଞାନିକ ଚିନ୍ତାଧାରା ଓ ଗଣତାନ୍ତ୍ରିକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଜନ୍ତର ମନ୍ତରରେ ନିର୍ମିତ ବିଶାଳ ଯନ୍ତ୍ରଗୁଡ଼ିକ ଅତୀତରେ ସମୟ ନିର୍ଣ୍ଣୟ, ଗ୍ରହମାନଙ୍କର ସ୍ଥିତି ନିର୍ଦ୍ଧାରଣ ଏବଂ ଖଗୋଳୀୟ ପର୍ଯ୍ୟବେକ୍ଷଣରେ ଅତ୍ୟନ୍ତ ସଠିକ୍ ଭୂମିକା ନିର୍ବାହ କରୁଥିଲେ। ଆଧୁନିକ ପ୍ରଯୁକ୍ତିର ଯୁଗରେ ମଧ୍ୟ ଏହା ଆମ ପୂର୍ବପୁରୁଷମାନଙ୍କର ବୈଜ୍ଞାନିକ ଦକ୍ଷତା ଓ ସୃଜନଶୀଳତାର ଏକ ଅମୂଲ୍ୟ ନିଦର୍ଶନ। ପ୍ରତିବର୍ଷ ଦେଶ-ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସନ୍ତି। ରାଜସ୍ଥାନ ଜୟପୁର ସହରରେ ମଧ୍ୟ ଆଉ ଏକ ଜନ୍ତର ମନ୍ତର ଅଛି, ଯାହା ଦିଲ୍ଲୀର ଜନ୍ତର ମନ୍ତର ଠାରୁ ବଡ଼। ଦିଲ୍ଲୀ ଜନ୍ତର ମନ୍ତରକୁ ୧୭୨୪ ମସିହାରେ ଜୟପୁରର ମହାରାଜା ସାୱାଇ ଜୟସିଂହ(ଦ୍ୱିତୀୟ) ନିର୍ମାଣ କରିଥିଲେ। ସୂର୍ଯ୍ୟ, ଚନ୍ଦ୍ର ଏବଂ ଗ୍ରହମାନଙ୍କ ଗତିବିଧିକୁ ଜାଣିବା, ସଠିକ୍ ସମୟ ମାପିବା ଏବଂ ଗ୍ରହଣ ଆକଳନ କରିବା ପାଇଁ ଏଠାରେ ବଡ଼ ବଡ଼ ୧୩ ଗୋଟି ଜ୍ୟୋତିଷ ମାପ ଯନ୍ତ୍ର (ଯଥା- ରାମ ଯନ୍ତ୍ର, ସମ୍ରାଟ ଯନ୍ତ୍ର, ମିଶ୍ର ଯନ୍ତ୍ର, ଜୟପ୍ରକାଶ ଯନ୍ତ୍ର, ରାଶି ବଳୟ ଯନ୍ତ୍ର ଆଦି) ରହିଛି।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ଖଗୋଳୀୟ ପ୍ରେକ୍ଷାଳୟ ଗଣତାନ୍ତ୍ରିକ ଆନ୍ଦୋଳନ, ଶାନ୍ତିପୂର୍ଣ୍ଣ ଧାରଣା ଓ ଜନପ୍ରତିବାଦର ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ ହୋଇଛି। ଆଗରୁ ବୋଟ କ୍ଲବଠାରେ ଦେଶର ବଡ଼ବଡ଼ ପ୍ରତିବାଦ ସଭା ହେଉଥିଲା। ୧୯୮୮ କୃଷକ ଆନ୍ଦୋଳନ ପରେ ସରକାର ସୁରକ୍ଷା କାରଣରୁ ଏହା ଉପରେ କଟକଣା ଲଗାଇବାରୁ ଏହାର ସ୍ଥାନ ନେଲା ଜନ୍ତର ମନ୍ତର। ଆଜିର ଦିନରେ ଏହା ଭାରତର ସବୁଠାରୁ ପ୍ରସିଦ୍ଧ ଶାନ୍ତପୂର୍ଣ୍ଣ 'ପ୍ରତିବାଦ ସ୍ଥଳ' ଭାବେ ପରିଚିତ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଛାତ୍ର, କୃଷକ, ମହିଳା, ସାମାଜିକ ସଂଗଠନ ଓ ଅନ୍ୟାନ୍ୟ ନାଗରିକ ଗୋଷ୍ଠୀ ନିଜ ଦାବି ଓ ସମସ୍ୟାକୁ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଏହି ସ୍ଥାନକୁ ବାଛିଛନ୍ତି। ଏହି କାରଣରୁ ଜନ୍ତର ମନ୍ତରକୁ ଭାରତୀୟ ଗଣତନ୍ତ୍ରର 'ଜନସ୍ୱରର ମଞ୍ଚ' ବୋଲି କୁହାଯାଏ।

ଜନ୍ତର ମନ୍ତର ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ଜଡ଼ିତ ରହିଛି। ଦୁର୍ନୀତି ବିରୋଧୀ ଅଭିଯାନ, କୃଷକଙ୍କ ଦାବି, ସାମାଜିକ ନ୍ୟାୟ ଓ ବିଭିନ୍ନ ଜନସ୍ୱାର୍ଥ ସମ୍ପର୍କିତ ପ୍ରତିବାଦ ଏହି ସ୍ଥାନକୁ ଜାତୀୟ ଆଲୋଚନାର କେନ୍ଦ୍ରବିନ୍ଦୁ କରିଛି। ଦିଲ୍ଲୀର ଜନ୍ତର ମନ୍ତର ଏବଂ ରାମଲୀଳା ମଇଦାନରେ 'ଜନ ଲୋକପାଳ ବିଲ୍' ପାଇଁ ଆନ୍ନା ହଜାରେ ଆମରଣ ଅନଶନ କରିଥିଲେ। ଆନ୍ନାଙ୍କ ସହିତ ଅରବିନ୍ଦ କେଜରିୱାଲ, ପ୍ରଶାନ୍ତ ଭୂଷଣ ଓ କିରଣ ବେଦୀ ମଧ୍ୟ ଯୋଗ ଦେଇଥିଲେ। ଏହି ଅନଶନକୁ ଓଡ଼ିଶା ସମେତ ସମଗ୍ର ଦେଶରେ ବ୍ୟାପକ ଜନସମର୍ଥନ ମିଳିଥିଲା। ଆନ୍ନା ହଜାରେଙ୍କ ୧୨ ଦିନର ଅନଶନ ପରେ ସଂସଦରେ ଲୋକପାଳ ବିଲ୍ ଗୃହୀତ ହୋଇଥିଲା ଏବଂ ସେ ଅନଶନ ଭାଙ୍ଗିଥିଲେ।

୨୦୧୨ ମସିହା ଡିସେମ୍ବର ୧୬ ତାରିଖରେ ନୂଆଦିଲ୍ଲୀରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ ( ନିର୍ଭୟା) ବଡ଼ ରାଷ୍ଟ୍ରୀୟ ଆନ୍ଦୋଳନର ରୂପ ନେଇଥିଲା। ଏହି ଦୁଃଖଦ ଘଟଣା ପରେ ସମଗ୍ର ଦେଶରେ ତୀବ୍ର ପ୍ରତିବାଦ ଏବଂ ନାରୀ ସୁରକ୍ଷା ପାଇଁ କଡ଼ା କାନୁନ ଦାବି ହୋଇଥିଲା। ଦିଲ୍ଲୀର ଇଣ୍ଡିଆ ଗେଟ୍ ଏବଂ ସଂସଦ ଭବନ ଆଗରେ ହଜାର ହଜାର ଯୁବକଯୁବତୀ ଓ ସାଧାରଣ ଲୋକ ଏକାଠି ହୋଇ କୋହଭରା ପ୍ରତିବାଦ କରିଥିଲେ ଏହି ଜନଆନ୍ଦୋଳନର ଚାପରେ ସରକାର ଜଷ୍ଟିସ୍ ଜେ.ଏସ୍. ବର୍ମା କମିଟି ଗଠନ କରିଥିଲେ। ଫଳସ୍ୱରୂପ ଦେଶରେ ଦୁଷ୍କର୍ମ ବିରୋଧୀ ଆଇନକୁ ଅଧିକ କଡ଼ାକଡ଼ି କରାଯାଇଥିଲା ଏବଂ 'ନିର୍ଭୟା ପାଣ୍ଠି' ସୃଷ୍ଟି କରାଯାଇଥିଲା। ତାମିଲନାଡୁର କୃଷକମାନେ ୨୦୧୭ ମସିହାରେ କୃଷକମାନଙ୍କ ପାଇଁ ମରୁଡ଼ି ସହାୟତା, କୃଷିଋଣ ଛାଡ଼ ଏବଂ ଅନ୍ୟାନ୍ୟ ସାହାଯ୍ୟ ପାଇଁ ଧର୍ମଘଟ କରିଥିଲେ। ୨୦୧୯ ମସିହାରେ ନାଗରିକ ସଂଶୋଧନ ଆଇନ୍ ବିରୁଦ୍ଧରେ ଜନ୍ତରମନ୍ତର ଠାରେ ଧର୍ମଘଟ ହୋଇଥିଲା। ୨୦୨୩ ମସିହାରେ ପ୍ରଖ୍ୟାତ କୁସ୍ତିଯୋଦ୍ଧାମାନେ ଭାରତୀୟ କୁସ୍ତି ମହାସଂଘ ବିରୁଦ୍ଧରେ ଧର୍ମଘଟ କରିଥିଲେ।

ନିକଟରେ ଜନ୍ତର ମନ୍ତରକୁ 'କକ୍ରୋଚ ଜନତା ପାର୍ଟି' ପକ୍ଷରୁ ନିଟ୍ ପେପର ଲିକ୍ ବିରୋଧ ପ୍ରଦର୍ଶନ ପାଇଁ ବାଛିବାର କିଛି ପ୍ରମୁଖ କାରଣ ଥିଲା। ଜନ୍ତର ମନ୍ତର ସଂସଦ ଭବନ ଓ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ ନିକଟରେ ଥିବାରୁ ସେଠାରେ ପ୍ରତିବାଦ କଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହଜ ହୁଏ। ଦିଲ୍ଲୀରେ ଆୟୋଜିତ ପ୍ରତିବାଦକୁ ଜାତୀୟ ଗଣମାଧ୍ୟମ ବ୍ୟାପକ ଭାବେ ଗୁରୁତ୍ୱ ଦିଏ। ଫଳରେ ନିଟ୍ ପେପର ଲିକ୍ ମାମଲା ସାରା ଦେଶରେ ଆଲୋଚନାର ବିଷୟ ହୋଇପାରିଥିଲା। ସୋନମ ୱାଙ୍ଗଚୁକ୍ ମଧ୍ୟ ଜୁନ ମାସରେ ଏଠାରେ ଆମରଣ ଅନଶନ ଆରମ୍ଭ କରିଥିଲେ। ଜନ୍ତର ମନ୍ତର ପ୍ରମାଣ କରେ ଯେ ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ମତପ୍ରକାଶ ଓ ସଂଳାପର ଗୁରୁତ୍ୱ କେତେ ଅଧିକ।

ଆଜିର ପିଢ଼ି ପାଇଁ ଜନ୍ତର ମନ୍ତର ଏକ ଦ୍ୱିମୁଖୀ ଶିକ୍ଷା ଦିଏ। ଏକପଟେ ବୈଜ୍ଞାନିକ ଚେତନାକୁ ସମ୍ମାନ କରିବାର ପ୍ରେରଣା, ଅନ୍ୟପଟେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବାର ସନ୍ଦେଶ। ଏହି ଐତିହାସିକ ସ୍ଥାନର ସଂରକ୍ଷଣ ଏବଂ ଏହାର ଐତିହ୍ୟ ସମ୍ପର୍କରେ ଯୁବପିଢ଼ିକୁ ସଚେତନ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଜନ୍ତର ମନ୍ତର ଆମକୁ ସ୍ମରଣ କରାଏ ଯେ ଜ୍ଞାନ, ବିଜ୍ଞାନ ଓ ଗଣତନ୍ତ୍ର - ଏହି ତିନୋଟି ହେଉଛି ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳଭିତ୍ତି। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ପଞ୍ଚକୋଷ: ମଣିଷ ଗଠନର ଦର୍ଶନ

**ନିର୍ମଳ କୁମାର ରଣା**

ଶିକ୍ଷାର ଉଦ୍ଦେଶ୍ୟ କେବଳ ସୂଚନା ପ୍ରଦାନ କିମ୍ବା ଜୀବିକା ଅର୍ଜନର ଉପାୟ ସୃଷ୍ଟି କରିବା ନୁହେଁ; ବରଂ ଏପରି ଜଣେ ମଣିଷ ଗଢ଼ି ତୋଳିବା, ଯିଏ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ସନ୍ତୁଳିତ, ବୌଦ୍ଧିକ ଭାବେ ପ୍ରଖର, ନୈତିକ ଭାବେ ଦୃଢ଼ ଏବଂ ଆଧ୍ୟାତ୍ମିକ ଭାବେ ସଚେତନ ହୋଇଥିବ। ଏହି ସର୍ବାଙ୍ଗୀଣ ମାନବ ବିକାଶର ଧାରଣା ଭାରତୀୟ ଜ୍ଞାନ ପରମ୍ପରାରେ ହଜାର ହଜାର ବର୍ଷ ପୂର୍ବରୁ ତୈତ୍ତିରୀୟ ଉପନିଷଦରେ 'ପଞ୍ଚକୋଷ ତତ୍ତ୍ୱ' ରୂପେ ପ୍ରତିପାଦିତ। ଆଜିର 'ଜାତୀୟ ଶିକ୍ଷାନୀତି ୨୦୨୦' ମଧ୍ୟ ଏହି ସମନ୍ୱିତ ଶିକ୍ଷାଦର୍ଶନକୁ ନୂତନ ପ୍ରସଙ୍ଗରେ ପୁନଃସ୍ଥାପିତ କରିଛି।

ଉପନିଷଦ କହେ, ମଣିଷ କେବଳ ଶରୀର ନୁହେଁ; ତାହାର ଅସ୍ତିତ୍ୱ ପାଞ୍ଚଟି ଆବରଣ ବା କୋଷରେ ବିକଶିତ। ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ। ଏହି ପାଞ୍ଚଟିସ୍ତରର ସୁସମ ବିକାଶ ହିଁ ପ୍ରକୃତ ଶିକ୍ଷା ଓ ପ୍ରକୃତ ମାନବ ଗଠନର ମୂଳମନ୍ତ୍ର। ପ୍ରଥମ ସ୍ତର ଅନ୍ନମୟ କୋଷ। ଏହା ମଣିଷର ସ୍ଥୂଳ ଶରୀର। ଅନ୍ନରୁ ଶରୀରର ଜନ୍ମ, ବୃଦ୍ଧି ଓ ପୋଷଣ ହୁଏ। ସେଥିପାଇଁ ସୁସ୍ଥ ଶରୀର ବିନା କୌଣସି ଉଚ୍ଚତର ବିକାଶ ସମ୍ଭବ ନୁହେଁ। ପୌଷ୍ଟିକ ଖାଦ୍ୟ, ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ଯୋଗାଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ଏହି କୋଷକୁ ସୁଦୃଢ଼ କରେ। ଆଜି ବିଦ୍ୟାଳୟରେ କ୍ରୀଡ଼ା, ଯୋଗ ଓ ସ୍ୱାସ୍ଥ୍ୟ ଶିକ୍ଷାକୁ ଯେଉଁ ଗୁରୁତ୍ୱ ଦିଆଯାଉଛି, ତାହାର ମୂଳ ଏହି ଦର୍ଶନରେ ନିହିତ। ଦ୍ୱିତୀୟ ସ୍ତର ପ୍ରାଣମୟ କୋଷ। ଏହା ଜୀବନଶକ୍ତିର ଆଧାର। ଶ୍ୱାସ-ପ୍ରଶ୍ୱାସ, ରକ୍ତସଞ୍ଚାଳନ, ପାଚନ ଓ ସମସ୍ତ ଜୀବନକ୍ରିୟା ଏହି ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହୁଏ। ଯୋଗ, ପ୍ରାଣାୟାମ, ଶୁଦ୍ଧ ବାୟୁ, ଶୃଙ୍ଖଳିତ ଦୈନନ୍ଦିନ ଜୀବନ ଏହି କୋଷକୁ ସକ୍ରିୟ ରଖେ। ଦ୍ରୁତଗତିର ଆଧୁନିକ ଜୀବନରେ ଶାରୀରିକ କ୍ଳାନ୍ତି ସହ ମାନସିକ ଅବସାଦ ବଢ଼ୁଥିବା ବେଳେ ପ୍ରାଣମୟ କୋଷର ସନ୍ତୁଳନ ଅଧିକ ପ୍ରାସଙ୍ଗିକ।

ତୃତୀୟ ସ୍ତର ମନୋମୟ କୋଷ। ମଣିଷର ମନ, ଭାବନା, କଳ୍ପନା, ସମ୍ବେଦନଶୀଳତା ଓ ମୂଲ୍ୟବୋଧ ଏହି ସ୍ତର ସହ ଜଡ଼ିତ। ଆଜିର ସମାଜରେ ଚାପ, ପ୍ରତିଯୋଗିତା ଓ ଡିଜିଟାଲ ନିର୍ଭରତା ମଣିଷର ମାନସିକ ସନ୍ତୁଳନକୁ ପ୍ରଭାବିତ କରୁଛି। ଏପରି ସମୟରେ ସାହିତ୍ୟ, ସଙ୍ଗୀତ, କଳା, ଧ୍ୟାନ, ପ୍ରାର୍ଥନା, ପରିବାରିକ ସଂସ୍କାର ଓ ସକାରାତ୍ମକ ପରିବେଶ ମନୋମୟ କୋଷକୁ ସୁସ୍ଥ ରଖିବାର ଶ୍ରେଷ୍ଠ ଉପାୟ। ଚତୁର୍ଥ ସ୍ତର ବିଜ୍ଞାନମୟ କୋଷ। ଏହା ବୁଦ୍ଧି, ବିବେକ, ବିଚାରଶକ୍ତି ଓ ଜ୍ଞାନର କେନ୍ଦ୍ର। କେବଳ ତଥ୍ୟ ସଂଗ୍ରହ କରିବା ଶିକ୍ଷା ନୁହେଁ; ସଠିକ୍ ନିଷ୍ପତ୍ତି ନେବା, ସତ୍ୟ-ଅସତ୍ୟର ବିଚାର କରିବା ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ହେଉଛି ପ୍ରକୃତ ଜ୍ଞାନ। ତେଣୁ ଶିକ୍ଷାରେ ପ୍ରଶ୍ନ କରିବାର ସ୍ୱାଧୀନତା, ସୃଜନଶୀଳତା, ଗବେଷଣାମନସ୍କତା ଓ ସମସ୍ୟା ସମାଧାନର କୌଶଳକୁ ଗୁରୁତ୍ୱ ଦେବା ଆବଶ୍ୟକ। ସବୁଠାରୁ ଅନ୍ତର୍ନିହିତ ସ୍ତର ଆନନ୍ଦମୟ କୋଷ। ଏହା ମଣିଷର ଅନ୍ତର୍ଶାନ୍ତି, କରୁଣା, ସେବାଭାବ, ସତ୍ୟନିଷ୍ଠା ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ। ବାହ୍ୟ ସଫଳତା କ୍ଷଣସ୍ଥାୟୀ ଆନନ୍ଦ ଦେଇପାରେ; କିନ୍ତୁ ସ୍ଥାୟୀ ଶାନ୍ତି ଆସେ ଅନ୍ତରର ପରିଶୁଦ୍ଧତାରୁ। ତେଣୁ ଭାରତୀୟ ଦର୍ଶନ ସଦା କହିଆସିଛି, ଜ୍ଞାନର ଚରମ ଲକ୍ଷ୍ୟ କେବଳ ଜୀବିକା ନୁହେଁ, ଜୀବନର ପରିଷ୍କାର।

ପଞ୍ଚକୋଷ ତତ୍ତ୍ୱର ସବୁଠାରୁ ବଡ଼ ବିଶେଷତା ହେଉଛି ଏହା ମଣିଷକୁ ଖଣ୍ଡ ଖଣ୍ଡ ଭାବେ ନୁହେଁ, ଏକ ସମ୍ପୂର୍ଣ୍ଣ ସତ୍ତା ଭାବେ ଦେଖେ। ଏଠାରେ ଶରୀର, ପ୍ରାଣ, ମନ, ବୁଦ୍ଧି ଓ ଆତ୍ମଚେତନା ପରସ୍ପର ପୂରକ। ଏହି କାରଣରୁ ଆଜି ସାରା ବିଶ୍ୱରେ ସମଗ୍ର ଶିକ୍ଷା, ଯୋଗ, ଧ୍ୟାନ, ମୂଲ୍ୟବୋଧ ଶିକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବଢ଼ୁଥିବା ଗୁରୁତ୍ୱ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତାକୁ ପୁନଃ ପ୍ରତିଷ୍ଠିତ କରୁଛି। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷାକୁ କେବଳ ପରୀକ୍ଷା କୈନ୍ଦ୍ରିକ ନ କରି, ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ ଭାବେ ଦେଖିଛି। ଏହି ଦୃଷ୍ଟିରୁ 'ପଞ୍ଚକୋଷ ତତ୍ତ୍ୱ' କେବଳ ଆଧ୍ୟାତ୍ମିକ ଆଲୋଚନାର ବିଷୟ ନୁହେଁ; ଆଧୁନିକ ଶିକ୍ଷା, ପରିବାର, ସମାଜ ଓ ରାଷ୍ଟ୍ର ଗଠନର ଏକ ସମୟୋପଯୋଗୀ ଦିଗଦର୍ଶନ।

ଆଜି ଆବଶ୍ୟକ ଉଚ୍ଚଶିକ୍ଷିତ, ସୁସଂସ୍କୃତ, ସମ୍ବେଦନଶୀଳ, ଚରିତ୍ରବାନ୍ ଓ ଦାୟିତ୍ୱବାନ୍ ନାଗରିକ। 'ପଞ୍ଚକୋଷ ତତ୍ତ୍ୱ' ଆମକୁ ସେହି ମାର୍ଗ ଦେଖାଏ, ଯେଉଁଠାରେ ଶିକ୍ଷାର ଲକ୍ଷ୍ୟ କେବଳ ସଫଳତା ନୁହେଁ, ବରଂ ମଣିଷତ୍ୱର ପୂର୍ଣ୍ଣ ବିକାଶ। ●

ପୁରୁଣାକଟକ(ବୌଦ୍ଧ),
ମୋ: ୯୯୩୭୬୬୯୫୫୧

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଲିସ ଡିଜି ଚୟନରେ ସରକାରଙ୍କ ଆଚରଣ ଅକ୍ଷମଣୀୟ: ଭକ୍ତ

## ବଚସ୍କର ଖୋଜିବାକୁ ଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ଉପେକ୍ଷା କରନାହିଁ

ଭୁବନେଶ୍ୱର,୧୨।୮ (ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିଯିବା ପରେ ବି ଓଡ଼ିଶାର ବିଜେପି ସରକାରଙ୍କ ଚେତା ପଶୁନାହିଁ। ରାଜ୍ୟର ସ୍ୱାର୍ଥ ନୁହେଁ, ସଂପ୍ରତି ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ନିଜର ଓ ଦଳର ପସନ୍ଦ ଅପସନ୍ଦକୁ ପ୍ରାଥମିକତା ଦେଉଛନ୍ତି। ଏହା ରାଜ୍ୟରେ କେବଳ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇନାହିଁ, ବରଂ ଏକ ପ୍ରମୁଖ ଆଇନଗତ ଏବଂ ପ୍ରଶାସନିକ ବିବାଦକୁ ନିମନ୍ତ୍ରଣ କରିଛି। ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟା ପାଇଁ ସରକାର ଓ ୟୁପିଏସ୍‌ସିର ରହିଥିବା ନିୟମାବଳୀ, ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଦିକୁ ଉଲ୍ଲଂଘନ ନ କରି ସବୁଦୃଷ୍ଟିରୁ ଯୋଗ୍ୟତମ ବ୍ୟକ୍ତିଙ୍କୁ ହିଁ ଏହି ପଦରେ ଅବସ୍ଥାପିତ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଦାବି କରିଛନ୍ତି। ସରକାରଙ୍କ ବଦଳରେ ରାଜ୍ୟବାସୀଙ୍କ ପ୍ରତି ଆନୁଗତ୍ୟକୁ ଏହି ପଦବୀର ମାପକାଠି ବିବେଚନା କରାଯାଉ ବୋଲି ସେ କହିଛନ୍ତି।

ୟୁପିଏସ୍‌ସି ପ୍ୟାନେଲ୍ ତାଲିକାରେ ହେରଫେର ହୋଇଛି କାହିଁକି ବୋଲି ପ୍ରଶ୍ନ କରିବା ସହ ସୁପ୍ରିମକୋର୍ଟଙ୍କ ଐତିହାସିକ 'ପ୍ରକାଶ ସିଂ ଗାଇଡ୍‌ଲାଇନ୍' (ଦିଶାନିର୍ଦ୍ଦେଶ)କୁ ଓଡ଼ିଶା ସରକାର ସିଧାସଳଖ ଏଡ଼ାଇବାକୁ ଚେଷ୍ଟା କାହିଁକି କରୁଛନ୍ତି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। କେବଳ ୧୯୯୦ ଓ ୧୯୯୩-ବ୍ୟାଚ୍‌ର ଦୁଇ ବରିଷ୍ଠ ଯୋଗ୍ୟ ଦାବିଦାରମାନଙ୍କୁ ପଛରେ ପକାଇବା ଉଦ୍ଦେଶ୍ୟରେ ହିଁ ରାଜ୍ୟ ସରକାର ହଠାତ୍ ୧୯୯୪-ବ୍ୟାଚ୍‌ର ଦୁଇ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) ଅଫିସରଙ୍କୁ ଡିଜିପି ପାହ୍ୟାକୁ ପଦୋନ୍ନତି ଦେବା ନିନ୍ଦନୀୟ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣମନା ପଦକ୍ଷେପ ଯୋଗୁଁ ବର୍ତ୍ତମାନ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ଯଦି ୧୬ ଅଗଷ୍ଟ ସୁଦ୍ଧା ୟୁପିଏସ୍‌ସି ଏବଂ ସୁପ୍ରିମକୋର୍ଟ କୌଣସି ସର୍ବସମ୍ମତ ନିଷ୍ପତ୍ତିରେ ନ ପହଞ୍ଚନ୍ତି, ତେବେ ଓଡ଼ିଶା ସରକାର ଜଣେ ଅସ୍ଥାୟୀ ଡିଜିପି ନିଯୁକ୍ତ କରିବା ପରି ଅବାଞ୍ଛିତ ମାହୋଲ ରାଜ୍ୟବାସୀଙ୍କ ଉପରେ ଲଦିଦେବାକୁ ବାଧ ହୋଇପାରନ୍ତି। ଏହା ପରିସ୍ଥିତିକୁ ଆହୁରି ଜଟିଳ କରିଦେବ। ରାଜ୍ୟରେ ସ୍ୱାଭାବିକ ଆଇନଶୃଙ୍ଖଳା ପରିସ୍ଥିତି ଫେରାଇ ଆଣିବା ପାଇଁ, ରାଜ୍ୟବାସୀଙ୍କ ଆବେଗକୁ ବୁଝି, ନିୟମାନୁସାରେ ଯୋଗ୍ୟତମ ବ୍ୟକ୍ତିଙ୍କୁ ନ କରି, ଦଳର ସ୍ୱାର୍ଥ ପାଇଁ ଯିଏ ଉପଯୋଗୀ ହେବେ, ତାଙ୍କୁ ରାଜ୍ୟର ପୁଲିସ ମୁଖ୍ୟ କରିବାରେ ଶକ୍ତି ଖଟାଇ ପ୍ରକାରାନ୍ତରେ ସରକାର ପୁଲିସର ମନୋବଳ ହିଁ ଭାଙ୍ଗୁଛନ୍ତି। ଏହି ପ୍ରସଙ୍ଗରେ ଅନ୍ତିମ ନିର୍ଣ୍ଣୟ ଭୁଲ୍ ହେଲେ ରାଜ୍ୟବାସୀ ସରକାରଙ୍କୁ କେବେ କ୍ଷମା କରିବେନି ବୋଲି ସେ ଚେତାବନୀ ଦେଇଛନ୍ତି।

# ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ

ଭୁବନେଶ୍ୱର,୧୨।୮ (ସମିସ): ଓଡ଼ିଶାର ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀସ୍ଥିତ ନେସନାଲ ବୋର୍ଡ ଅଫ୍ ଏଗଜାମଇନନେସନ ଇନ ମେଡିକାଲ ସାଇନ୍ସ (ଏନବିଇଏମଏସ) ପକ୍ଷରୁ ରାଜ୍ୟର ୩ଟି ସରକାରୀ ମେଡିକାଲ କଲେଜରେ ୫ଟି ବ୍ରଡ୍ ସ୍ପେସିଆଲିଟିରେ ମୋଟ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ମାନ୍ୟତାପ୍ରାପ୍ତ ସିଟ୍‌ଗୁଡ଼ିକ ଶିଶୁ ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ, ଚକ୍ଷୁ ରୋଗ, ଟି.ବି. ଓ ଛାତି ରୋଗ ଏବଂ ନିଶ୍ଚେତନ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅନୁମୋଦନ ମିଳିଛି। ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବଲାଙ୍ଗିରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଏହି ସିଟକୁ ମାନ୍ୟତା ପ୍ରଦାନ କରାଯାଇଛି। ମୋଟ ୧୧ଟି ସିଟ୍ ମଧ୍ୟରୁ ୫ଟି ସିଟ୍ ଓଡ଼ିଶାର ଚାକିରିରେ ଥିବା ଡାକ୍ତରମାନଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ୬ଟି ସିଟ୍ ସର୍ବଭାରତୀୟ କୋଟା ଅଧୀନରେ ଉପଲବ୍ଧ ହେବ। ଏହି ନୂତନ ପୋଷ୍ଟ-ଡିପ୍ଲୋମା ଡିଏନବି ପ୍ରଶିକ୍ଷଣ ସୁଯୋଗ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରିବ। ଏହାଫଳରେ ରାଜ୍ୟବାସୀଙ୍କୁ ଉନ୍ନତମାନର ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଅଧିକ ସହଜରେ ଉପଲବ୍ଧ କରାଇବାରେ ସହାୟତା ମିଳିବ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଏହି ସିଟ୍ ଅନୁମୋଦନ ଫଳରେ ପୋଷ୍ଟ-ଡିପ୍ଲୋମା ଡିଏନବିର ସ୍ପେସିଆଲିଷ୍ଟ ଡାକ୍ତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ହସ୍ପିଟାଲଗୁଡ଼ିକର ସେବା ଯୋଗାଇଦେବା ସହଜ ହେବ।

**ପ୍ରଥମ ଥର ପାଇଁ ଏହି ସିଟ୍‌ଗୁଡ଼ିକରେ ଓଡ଼ିଶାରେ ହେବ କାଉନସିଲିଂ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ସରିବ...

ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା, ସରକାର ସେହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦିଅନ୍ତୁ। ଯଦି ଏହି ନିର୍ଦ୍ଦେଶ ଗୃହମନ୍ତ୍ରୀ ଦେଇଛନ୍ତି, ତେବେ ସେ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ। ଦୀର୍ଘଦିନ ଧରି ଚାଲିଥିବା ଏହି ବିବାଦ ଯୋଗୁଁ ସଂସଦର ମୌସୁମୀ ଅଧିବେଶନର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସରକାର ଓ ବିରୋଧୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥା ମଧ୍ୟରେ ସରକାର ବିନା ଆଲୋଚନାରେ କେତେକ ବିଲ୍ ପାସ୍ କରାଇ ନେଇଛନ୍ତି। ଆସନ୍ତାକାଲିଚଳିତ ମୌସୁମୀ ଅଧିବେଶନର ଶେଷ ଦିବସ ହୋଇଥିବା ବେଳେ ଏହା ଉପରେ ସମସ୍ତଙ୍କର ନଜର ରହିଛି।

### ଜେପିସିକୁ ଗଲା...

ବିଲ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହି ସଂଶୋଧନ ଜରିଆରେ ସାମାଜିକ ସଂଗଠନ ଓ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରାଯାଉଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ବିଲ୍‌ରେ ସଂଖ୍ୟାଲଘୁ ଅନୁଷ୍ଠାନ ବିରୋଧୀ କୌଣସି ବ୍ୟବସ୍ଥା ନାହିଁ। ବୈଦେଶିକ ଅନୁଦାନର ସଠିକ୍ ବିନିଯୋଗ ନିଶ୍ଚିତ କରିବା ପାଇଁ ଏହି ବିଲ୍ ଆଗତ କରାଯାଇଥିବା ସେ କହିଛନ୍ତି।

### ଜଷ୍ଟିସ ବର୍ମା...

ବହିଷ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜଷ୍ଟିସ ବର୍ମା ନିଜ ପଦବୀରୁ ଇସ୍ତଫା ଦେଇସାରିଛନ୍ତି। ସଂସଦୀୟ କମିଟି ନିଜ ରିପୋର୍ଟରେ ପୂର୍ବତନ ବିଚାରପତିଙ୍କ ଆଚରଣକୁ କଠୋର ଭାବେ ସମାଲୋଚନା କରିବା ସହ ଘଟଣାପରେ ଟଙ୍କା ଗାୟବ ହୋଇଯିବା ଏବଂ ପ୍ରମାଣ ନଷ୍ଟ ହେବା ନେଇ ତଦନ୍ତକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ଟଙ୍କା ମିଳିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବାରୁ ଜଷ୍ଟିସ ବର୍ମାଙ୍କୁ ଅହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ତେବେ ସେଠାରେ ତାଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଜଷ୍ଟିସ ବର୍ମା ଇସ୍ତଫା ଦେଇଥିଲେ ମଧ୍ୟ ଏହା ଗୃହୀତ ହୋଇନାହିଁ। ତେଣୁ ତାଙ୍କୁ ବହିଷ୍କାର ପାଇଁ ମହାଭିଯୋଗ ପ୍ରକ୍ରିୟା ଜାରି ରହିବ ବୋଲି ଜଣାପଡ଼ିଛି।

### କାର୍‌ରୁ ଭିଡ଼ିନେଇ...

ଥାନାରେ ଜଣେ ମହିଳା ଅଧିକାରୀ ଓ ଅନ୍ୟାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିବା ଗ୍ରାମାଞ୍ଚଳ ଏସ୍‌ପି ବିନିତ୍ ଅଗ୍ରୱାଲ୍ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଗୋହିରୀଆପଡା ଗ୍ରାମର ଯୁଧିଷ୍ଠିର ମାଝି (୨୬) ଭୁବନେଶ୍ୱର ପାତ୍ରପଡ଼ାରେ ରହି ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସେହିପରି କେନ୍ଦ୍ରାପଡା ସଦର ଥାନାଞ୍ଚଳର ଜଣେ ଯୁବତୀ ରସୁଲଗଡ଼ସ୍ଥିତ ଏକ ମଲ୍‌ରେ ସେଲ୍‌ସଉମ୍ୟାନ୍ ଭାବେ କାର୍ଯ୍ୟ କରନ୍ତି। ଉଭୟଙ୍କ ମଧ୍ୟରେ ପୂର୍ବରୁ ଘନିଷ୍ଠ ସମ୍ପର୍କ ରହିଥିଲା। ମଙ୍ଗଳବାର ରାତିରେ ଯୁବକ ଜଣକ ତାଙ୍କ କାର୍‌ରେ ଯୁବତୀଙ୍କୁ ନେଇ କେନ୍ଦ୍ରାପଡା ଆସୁଥିଲେ। କଟକ-ଚାନ୍ଦବାଲି ରାସ୍ତା ସୁକରପଡା ଡାକବଙ୍ଗଳା ନିକଟରେ ଥିବା ଏକ ଢାବାରେ ସେମାନେ ଖାଇଥିଲେ। ସେଠାରେ ଥିବା ତେଲଟାଙ୍କି ପାଖରେ ଗାଡି ରଖି ବିଶ୍ରାମ ନେଉଥିଲେ। ଏହି ସମୟରେ ହଠାତ୍ ୬ ଜଣ ଦୁର୍ବୃତ୍ତ ଆସି ଯୁବତୀଙ୍କୁ ଟାଣି ନେଇ ଗଣଦୁଷ୍କର୍ମ କରିଥିଲେ। ଖବର ପାଇ ପୁଲିସ ଦୁଇ ଜଣଙ୍କୁ ଉଦ୍ଧାର କରିବା ସହିତ କାର୍‌ଟିକୁ ଜବତ କରିଛି। ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି।

### ୧୦ ପ୍ରସ୍ତାବକୁ...

ସମସ୍ତ ଜିଲ୍ଲାରେ ୧୬୧ଟି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଅତିରିକ୍ତ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବ। ସେହିପରି ଜଳାଶୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ-ପର୍ଯ୍ୟାୟ ୩କୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ଯୋଜନା ୨୦୨୬-୨୭ରୁ ୨୦୨୯-.୩୦ ପର୍ଯ୍ୟନ୍ତ ଅର୍ଥାତ୍ ୪ ବର୍ଷ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ୩୮୯ କୋଟିର ବ୍ୟୟ ଅଟକଳ କରାଯାଇଛି। ଏହା ମାଧ୍ୟମରେ ପ୍ରାୟ ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର(ଆୟକଟ)ର ପୁନରୁଦ୍ଧାର କରାଯିବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁଯାୟୀ ଅନୁକମ୍ପାମୂଳକ ନିଯୁକ୍ତିରେ ପୂର୍ବରୁ ପ୍ରଚଳିତ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ୍ତପ୍ରତ୍ୟାହାର କରିନିଆଯାଇଛି। ଏହାସହ ପୁନର୍ବାସ ସହାୟତା ଯୋଜନା ଅଧିନରେ ମୂଳସ୍ତରର ଗ୍ରୁପ-ଡି ପଦବୀର ୫୦ ପ୍ରତିଶତ ସୀମା ମଧ୍ୟ ପ୍ରତ୍ୟାହୃତ ହୋଇଛି। ୨୦୨୦ ମସିହା ନିୟମାବଳୀ ଅନୁଯାୟୀ ୧୦୦ ପଏଣ୍ଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାତ ହୋଇଥିବା ଆବେଦନଗୁଡ଼ିକର ପୁନଃବିଚାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ପ୍ରମୁଖ କାର୍ଯ୍ୟାଳୟରୁ ପେପର ଲେସ୍ କରିବା ପାଇଁ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଓସ୍ୱାସ୍ ୨.୦କୁ ସଫଳତା ମିଳିବା ପରେ ଓସ୍ୱାସ୍ ୩.୦କୁ ଆଜି ରାଜ୍ୟ କ୍ୟାବିନେଟରେ ମୋହର ବାଜିଛି। ଓସ୍ୱାସ୍ ୩.୦ ପ୍ରକଳ୍ପ ପାଇଁ ନୂଆ ସିଷ୍ଟମ ଡେଭଲପ ପାଇଁ ଟିସିଏସର ୧୨୨ କୋଟି ୬୦ ଲକ୍ଷ ୨୫୪୩୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି।

ସେହିପରି ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶକଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ରାଜ୍ୟବାସୀଙ୍କ ପାଇଁ ସୁଲଭ ମୂଲ୍ୟରେ ସବୁଜ ବିଦ୍ୟୁତ୍ ଉପଲବ୍ଧ କରାଇବା ଲକ୍ଷ୍ୟରେ ଓଡ଼ିଶା ନବୀକରଣଯୋଗ୍ୟ ଶକ୍ତି ନୀତି, ୨୦୨୨ର କେତେକ ବ୍ୟବସ୍ଥାରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଶକ୍ତି ବିଭାଗର ଅନ୍ୟ ଏକ ପ୍ରସ୍ତାବକ୍ରମେ ରାଜ୍ୟରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ(ପିଏସପି)ର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ 'ଓଡ଼ିଶା ପିଏସପି ନୀତି,୨୦୨୫ ଏବଂ ଏହାର ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା ଆସନ୍ତା ୨୦୩୦ ମସିହା ମାର୍ଚ୍ଚ ୩୧ ତାରିଖ ଯାଏଁ ବଳବତ୍ତର ରହିବ। ୨୦୩୦ ସୁଦ୍ଧା ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି ଉତ୍ସରୁ ପ୍ରାୟ ୧୧ ହଜାର ମେଗାୱାଟ୍ କ୍ଷମତା ଯୋଗ କରିବାକୁ ଓଡ଼ିଶାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପଗୁଡ଼ିକ ଗୁରୁତ୍ୱ ବହନ କରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ 'ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍‌ଚରିଂ ଆଣ୍ଡ ଫ୍ୟାବ୍‌ଲେସ୍ ପଲିସି'ର ତୃତୀୟ ସଂଶୋଧନକୁ ମୋହର ମାରିଛି କ୍ୟାବିନେଟ୍। ନୂଆ ବ୍ୟବସ୍ଥାରେ ସେମିକଣ୍ଡକ୍ଟର ଉପକରଣ, ସେମିକଣ୍ଡକ୍ଟର-ଗ୍ରେଡ୍ କେମିକାଲ୍, ସ୍ପେସିଆଲିଟି ଗ୍ୟାସ୍, ଆଡଭାନ୍ସଡ୍ ମ୍ୟାଟେରିଆଲ୍ ଓ ସପ୍ଲାଇ ଚେନ୍‌ର ବିଭିନ୍ନ ଅଂଶକୁ ପ୍ରୋତ୍ସାହନ ମିଳିବ।

ଅସହାୟ ଶିଶୁମାନଙ୍କ ପାଇଁ ରାଜ୍ୟ ସ୍ତରୀୟ ଯୋଜନା 'ଯଶୋଦା' ଏବଂ ଉପ-ଯୋଜନା 'ଆଶୀର୍ବାଦ'କୁ ଆଗାମୀ ୫ ବର୍ଷ ପାଇଁ ଜାରି ରଖିବାକୁ ନିଷ୍ପତ୍ତି ନେଇଛି କ୍ୟାବିନେଟ। ଏଥିପାଇଁ ୨୯୬.୯୯ କୋଟିର ବ୍ୟୟବରାଦ କରାଯାଇଛି। ପୁନଶ୍ଚ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାକୁ ମଧ୍ୟ ଆଉ ୫ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ବାଜିଛି। ଏଥିପାଇଁ ୫୮୬ କୋଟି ୫୦ ଲକ୍ଷ ୭୫୪୮୦ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହାଦ୍ୱାରା ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୧୪.୬୭ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ଉପକୃତ ହେବେ।

### ବଦଳିଲା ଏଗ୍ରିଷ୍ଟାକ୍...

ସ୍ପଷ୍ଟ କରାଯାଇଛି ଯେ, ଏଗ୍ରିଷ୍ଟାକ୍‌ରେ କୃଷକ ପଞ୍ଜୀକରଣ ଏବଂ ଧାନ କିଣା ପାଇଁ 'ପିପିଏସ୍' ପଞ୍ଜୀକରଣ ପରସ୍ପର ସହ ସଂଯୁକ୍ତ ନୁହେଁ। ତେଣୁ ଏଗ୍ରିଷ୍ଟାକ୍ କୃଷକ ରେଜିଷ୍ଟ୍ରିରେ ପଞ୍ଜୀକରଣ ହୋଇନଥିବା କିମ୍ବା ଏଥିରେ କୌଣସି ସମସ୍ୟା ଥିବା କାରଣରୁ କୃଷକମାନେ ଧାନ ବିକ୍ରି ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ।

ସୂଚନା ଥାଉ କି ଚଳିତ ବର୍ଷ ଚାଷୀଙ୍କୁ ପଞ୍ଜିକରଣ କରିବା ପାଇଁ ସମୟରେ ଏଗ୍ରିଷ୍ଟାକ୍ ଆଇଡି ମଗାଯାଉଥିଲା। ଏହି ଆଇଡି କେବଳ ନିଜ ନାମରେ ଥିବା ଜମି ମାଲିକମାନେ ହିଁ ସୃଷ୍ଟି କରିବାରେ ସଫଳ ହେଉଥିଲେ। ମାତ୍ର ଯେଉଁମାନଙ୍କର ବାପା କିମ୍ବା ଜେଜେବାପାଙ୍କ ନାମରେ ଜମି ଅଛି, ସେମାନେ ଏହି ଆଇଡି ପ୍ରସ୍ତୁତ କରିବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନେ ପଞ୍ଜିକରଣରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏହି କାରଣ ପାଇଁ ଚାଷୀ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ। ଓଡ଼ିଶାର ପ୍ରାୟ ୭୦ ଭାଗ ଚାଷୀଙ୍କ ନାମରେ ନିଜସ୍ୱ ଜମି ପଟ୍ଟା ନାହିଁ। ଜମି ସେମାନଙ୍କ ବାପା କିମ୍ବା ଜେଜେବାପାଙ୍କ ନାମରେ ରହିଛି। ଏହି କାରଣରୁ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଯୋଗାଡ଼ କରିବା ପାଇଁ ଚାଷୀଙ୍କୁ ଆର୍‌ଆଇ ଅଫିସକୁ ଦୌଡ଼ିବାକୁ ପଡୁଥିଲା। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରି ଖରିଫ ପଞ୍ଜିକରଣ କରିବା ମଧ୍ୟ ଚାଷୀଙ୍କ ପାଇଁ କାଠିକର ପାଠ ହୋଇଥାନ୍ତା। ଏହାକୁ ନେଇ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟ ଅସନ୍ତୋଷ ବଢ଼ିବା ସହ ଉଭୟ ବିଜେଡି ଓ କଂଗ୍ରେସ ମଧ୍ୟ ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଥିଲେ।

### ପ୍ରବଳ ବର୍ଷା...

ଉତ୍ତର ଓଡ଼ିଶାରେ ଲଘୁଚାପର ସର୍ବାଧିକ ପ୍ରଭାବ ପଡ଼ିପାରେ ବୋଲି ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଉତ୍ତର ଓଡ଼ିଶାରେ ବର୍ଷାର ଅଧିକ ପ୍ରଭାବ ରହିବା ସହ କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ କେନ୍ଦୁଝର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗିର ଆଦି ୧୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ କାଁ ଭାଁ ବର୍ଷା ନେଇ ଆକଳନ କରାଯାଇଛି। ଲଘୁଚାପଟି ଓଡ଼ିଶା ଆଡ଼କୁ ବିଶେଷ ନ ଆସିବା ହେତୁ ୧୩ ପରେ ବର୍ଷାର ପ୍ରଭାବ କମିଯିବ। ଯଦିଓ ୧୪ ଓ ୧୫ରେ ବର୍ଷା କିଛି ପରିମାଣରେ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି, ମାତ୍ର ଏହାର ପ୍ରଭାବ ଯଥେଷ୍ଟ କମ୍ ରହିବା ନେଇ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍‌ରେ ଦର୍ଶାଯାଇଛି।

ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ମେଘୁଆ ପାଗ ବର୍ଷା ସହ ସମୁଦ୍ର ମଧ୍ୟରେ ୪୦-୫୦ କିମି ବେଗରେ ପବନ ବହିବ। ଏହା ବୃଦ୍ଧି ପାଇ ସର୍ବାଧିକ ୬୦ କିମି ବେଗରେ ମଧ୍ୟ ବହିପାରେ। ପବନର ବେଗ ଅଧିକ ରହିବା ହେତୁ ସମୁଦ୍ର ଅଶାନ୍ତ ରହିବ। ଏଥିପାଇଁ ୧୨ରୁ ୧୪ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏହାସହ ସମସ୍ତ ବନ୍ଦର ଗୁଡ଼ିକୁ ପାଇଁ ମଧ୍ୟ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଦେବଗଡ଼ ଜିଲ୍ଲାର ବାରକୋଟରେ ୭୫.୨ ମିମି ସର୍ବାଧିକ ବର୍ଷା ରେକର୍ଡ ହୋଇଛି।

### କର୍ପୋରେଟ ସଂସ୍ଥାର...

କିନ୍ତୁ ବାସ୍ତବରେ ଏହାର କୌଣସି କାର୍ଯ୍ୟାନ୍ୱୟନ ହେଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି କର୍ପୋରେଟ ସଂସ୍ଥାର ଆବଶ୍ୟକତା ପାଇଁ ଏହି ଜମି ଉଚ୍ଛେଦ କରାଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାକୁ ଦୀର୍ଘକାଳୀନ ଲିଜ୍ ମାଧ୍ୟମରେ ପ୍ରଦାନ କରାଯାଇପାରେ ବୋଲି ଅନେକ ଆଶଙ୍କା ପ୍ରକାଶ କରିଛନ୍ତି।

# ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦିଶ କାନୁନ୍‌ଗୋଙ୍କ ପରଲୋକ



ପୁରୀ,୧୨।୮ (ସମିସ): ଓଡ଼ିଶାର ଚାରୁକଳା କ୍ଷେତ୍ରର ବିଶିଷ୍ଟ ଚିତ୍ରଶିଳ୍ପୀ, ସଂଗଠକ ତଥା କଳାପ୍ରେମୀ ଜଗଦିଶ ଚନ୍ଦ୍ର କାନୁନ୍‌ଗୋଙ୍କ ପରଲୋକରେ ରାଜ୍ୟର କଳା ଜଗତରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ କାନୁନ୍‌ଗୋଙ୍କ ପୈତୃକଗ୍ରାମଜଗତସିଂହପୁରହୋଇଥିଲେମଧ୍ୟତାଙ୍କଜନ୍ମପୁରୀଦୋଳମଣ୍ଡପ ସାହିରେ ହୋଇଥିଲା। ପିଲାଦିନରୁ କଳା ପ୍ରତି ଆକୃଷ୍ଟ ହୋଇଥିବା ଶ୍ରୀ କାନୁନ୍‌ଗୋଖଲିକୋଟସ୍ଥିତସରକାରୀଚାରୁଓକାରୁକଳାବିଦ୍ୟାଳୟରୁଚିତ୍ରକଳାଶିକ୍ଷାଗ୍ରହଣକରିଥିଲେ। ଚାରୁକଳା କ୍ଷେତ୍ରରେ ଶିକ୍ଷା ସମାପ୍ତ ପରେ ସେ ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରୀ ସୁପରଭାଇଜର ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ଲଳିତ କଳା ଏକାଡେମୀର ସମ୍ପାଦକ ଏବଂ ପରେ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରରେ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ର ପ୍ରତିଷ୍ଠାରେ ମଧ୍ୟ ତାଙ୍କ ଅବଦାନ ସ୍ମରଣୀୟ। ଲଳିତ କଳା ଏକାଡେମୀ, ନୂଆଦିଲ୍ଲୀର ସାଧାରଣ ପରିଷଦର ସଦସ୍ୟ ଭାବେ ମନୋନୀତ ହୋଇ ସେ ଓଡ଼ିଶାର ଯୁବ କଳାକାରଙ୍କ ପାଇଁ ବିଭିନ୍ନ ସୁଯୋଗ ସୃଷ୍ଟି କରିବାରେ ଉଦ୍ୟମ କରିଥିଲେ। ତାଙ୍କର ଦୂରଦୃଷ୍ଟି, ସାଂଗଠନିକ ଦକ୍ଷତା ଓ କଳା ପ୍ରତି ନିଷ୍ଠା ଯୋଗୁଁ ଓଡ଼ିଶାର ଅନେକ କଳାକାର ଜାତୀୟ ମଞ୍ଚରେ ସୁଯୋଗ ପାଇଥିଲେ। ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଓଡ଼ିଶାର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। ଏଥିସହ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ମଧ୍ୟ ତାଙ୍କୁ ଚିତ୍ରକଳା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ସେ ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ପୁଅ ଜୟସୂର୍ଯ୍ୟ କାନୁନ୍‌ଗୋ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାମାଧବ କର, କେଦାର ପଟ୍ଟନାୟକ, ଭବାନୀ ପଟ୍ଟନାୟକ, ଆଶିଷ ପଟ୍ଟନାୟକ, ଅମିୟ ଶର୍ମା, ଲଳିତ ମୋହନ, ସୌମ୍ୟରଞ୍ଜନ ସ୍ୱାଇଁ, ସନ୍ଦୀପ ଦାଶ, ପ୍ରଦୀପ ରାଉତ, ସଞ୍ଜୀବ ମହାନ୍ତି, ସତ୍ୟଜିତ୍ ମହାନ୍ତି, ରମାକାନ୍ତ ସ୍ୱାଇଁ, ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସଂସ୍କୃତି ଭବନରେ ଆୟୋଜିତ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ସ୍ୱର୍ଗତ କାନୁନ୍‌ଗୋଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ପୂର୍ବତନ ମେଡିକାଲ ଅଫିସର ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର, ୧୨।୮ (ସମିସ): ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି। ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସି.ଏଚ୍.ସି ଡାକ୍ତରଖାନାର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ପତିତପାବନ ବାରିକ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସି.ଏଚ୍.ସିରେ କାର୍ଯ୍ୟରତ ଅଛନ୍ତି।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

ନଂ.: W/623/5/1/NIT, ତାରିଖ- ୧୧.୦୮.୨୦୨୬

**ଇ-ଟେଣ୍ଡରିଂ ବିଜ୍ଞପ୍ତି**

ମଣ୍ଡଳ କାର୍ଯ୍ୟାଳୟ, ରତଲାମ କାର୍ଯ୍ୟାଳୟ (କାର୍ଯ୍ୟ ଶାଖା), ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଖୋଲା ଟେଣ୍ଡର" ଇ-ଟେଣ୍ଡର ମାଧ୍ୟମରେ ୱେବସାଇଟ୍ www.ireps.gov.in ରେ ଆମନ୍ତ୍ରଣ କରାଯାଉଛି। କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-44, କାର୍ଯ୍ୟର ନାମ: Godhra - Nagda Section - Br. No. 169, 195, 302, 306 (UP/DN) ଠାରେ ଷ୍ଟିଲ୍ ଗର୍ଡରଗୁଡ଼ିକୁ PSC ସ୍ଲାବ୍‌ରେ ପରିବର୍ତ୍ତନ କରିବା ସମ୍ବନ୍ଧରେ ବିଦ୍ୟମାନ ଷ୍ଟିଲ୍ ଗର୍ଡର ବ୍ରିଜ୍‌ଗୁଡ଼ିକର ପିଅର୍/ଆବଟମେଣ୍ଟରେ ଜ୍ୟାକେଟିଂ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୫,୦୫,୦୭,୨୪୦.୩୨/-, ବଯନା ରାଶି: ଟ. ୧୦,୧୦,୨୦୦/-, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୦.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୨.୦୯.୨୦୨୬। କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-85, କାର୍ଯ୍ୟର ନାମ: ରତଲାମ - ନାଗଦା ଷ୍ଟେସନର PF ନଂ. ୨, ୩, ୪ ଏବଂ ୫ ଏବଂ ଦାହୋଦର PF ନଂ. ୧ ଠାରେ Ballast-less Track ବ୍ୟବସ୍ଥା କରିବା। ଆନୁମାନିକ ମୂଲ୍ୟ: ଟ. ୩୦,୫୦,୫୪,୮୯୯.୦୦/-, ବଯନା ରାଶି: ଟ. ୬୧,୦୦,୧୦୦/-, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୧.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୪.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ଏବଂ ନିୟମ ଓ ସର୍ତ୍ତାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

AK/5/1/201

Like us on: facebook.com/WesternRly



13001/1510/2627

REDHAKHOL N.A.C.

**OFFICE OF THE NOTIFIED AREA COUNCIL, REDHAKHOL. (ODISHA), DIST- SAMBALPUR**
E-mail:- eonacrdl@gmail.com

No. 2701 /NAC Dated. 11.08.2026

**NOTICE INVITING SHORT QUOTATIONS**

Sealed quotations are hereby invited from interested parties/suppliers having valid GSTIN for the renovation of the Council Hall for conversion into a Video Conferencing Room, including panelling with ply and Sunmica including electrical items, at Redhakhol NAC. The sealed quotations should reach the undersigned on or before 11:30 A.M. on 17.08.2026. The quotations shall be opened on the same day at 12:00 Noon in the presence of the quotationers or their authorized representatives/agents. The successful quotationer shall be required to complete the work within 04 (four) days from the date of issue of the work order, failing which the work order shall stand cancelled. The cost of transportation of all materials shall be borne by the supplier.

The undersigned reserves the right to accept or reject any or all quotations, either in full or in part, without assigning any reason thereof.

Executive Officer,
NAC, Redhakhol.

OIPR-13001/13175/1/26-27/0013



**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1097, dated 07.08.2026, I, RAJKISHOR SOURA, Son of - Ganga Soura, permanent resident of Village - Tumberla, PO - Tumberla, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from RAJAKISWARI SOURA to RAJKISHOR SOURA. Henceforth, I shall be known as **RAJKISHOR SOURA** for all purposes.

Sd/- Rajkishor Soura

**AFFIDAVIT**

By virtue of an affidavit no. 19 before Addl. Executive Magistrate, Phiringia, Kandhamal, dtd.12.08.2026, I, Pitabas Kanhar, At-Similisha, Po-Phiringia, Dist-Kandhamal-762011do hereby declare that I have changed the name of my minor son from Antish Kanhar to Hardip Kanhar. Henceforth, he shall be known as **Hardip Kanhar** for all purposes.

Sd/-PITABAS KANHAR

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1098, dated 10.08.2026, I, MANAMADA DORA, Son of - P Ramurty Dora, Resident of Village - Dungriguda, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from MANMADA DORA to MANAMADA DORA. Henceforth, I shall be known as **MANAMADA DORA** for all purposes.

Sd/- Manamada Dora

**AFFIDAVIT**

I, Stithi Prajna, D/o - Prashanta Kumar Sahoo, resident of Flat No- 502, Banalata Appartment, Saheed Nagar, Bhubaneswar, Dist-Khorda, Pin- 751007, Odisha declare by this affidavit No- 3500, dated- 11.08.2026 that now onwards I shall be known as **STITHI PRAJNA SAHOO** for all future purposes.

**AFFIDAVIT**

By virtue of an affidavit before Executive Magistrate, Bhadrak vide affidavit No-8482 on dtd 20.07.26. I, Ajaya Kumar Mohanty, S/o.- Late Laxmidhar Mohanty, R/o Vill- Bandiarisahi, P.o-Biradia, Dist- Bhadrak, Odisha -756129, declare that my name has been wrongly mentioned as "ajay Kumar Mohanty "in the class 10 educational records of my daughter, Sushmita Mohanty. My correct name is **"Ajaya Kumar Mohanty "**, which may kindly be read and amended accordingly.

Sd/- Ajaya Kumar Mohanty



ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
(ଭାରତ ସରକାରଙ୍କ ଏକ ଉପକ୍ରମ)
ଭୁବନେଶ୍ୱର ଶାଖା, ୧୦୮, ସୂର୍ଯ୍ୟ ନଗର, ୟୁନିଟ୍-୭
ଭୁବନେଶ୍ୱର-୭୫୧୦୦୩, ମୋବାଇଲ: ୭୩୮୧୦୧୦୨୩୪
ଇମେଲ୍: bmbhub1234@centralbank.bank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା **ଗଠନାତ୍ମକ/ସାଙ୍କେତିକ ଦଖଲ** ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ ବକେୟା ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟରେ ସମ୍ପତ୍ତିକୁ ବିକ୍ରୟ କରାଯିବ। ସମ୍ପୃକ୍ତ ସମ୍ପତ୍ତିଗୁଡିକ ନିମନ୍ତେ ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ନିମ୍ନରେ ଦର୍ଶାଯାଇଛି।

| ଭୁବନେଶ୍ୱର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ରାଶି/ ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ୧) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍,** ସା: ପ୍ଲଟ୍ ନଂ.: ୧୬, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୬, **୨) ଶ୍ରୀ ରଞ୍ଜନ କୁମାର ନନ୍ଦ (ପରିଚାଳନା ନିର୍ଦ୍ଦେଶକ),** ପିତା: ୰ ଯୁଗଳ କିଶୋର ନନ୍ଦ, **୩) ଶ୍ରୀମତୀ ରଞ୍ଜନା ଷଡଙ୍ଗୀ (ନିର୍ଦ୍ଦେଶକ),** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ନନ୍ଦ, **୪) ଶ୍ରୀମତୀ ରେଣୁବାଳା ନନ୍ଦ (ନିର୍ଦ୍ଦେଶକ),** ସ୍ୱାମୀ: ୰ ଯୁଗଳ କିଶୋର ନନ୍ଦ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୧୧/ ୨୧୬୧, ନୀଳାଦ୍ରି ବିହାର, ମେନ୍ ରୋଡ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୧ | **ଜାମିନଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ରଞ୍ଜନ କୁମାର ନନ୍ଦ (ପରିଚାଳନା ନିର୍ଦ୍ଦେଶକ),** ପିତା: ୰ ଯୁଗଳ କିଶୋର ନନ୍ଦ, **୨) ଶ୍ରୀମତୀ ରଞ୍ଜନା ଷଡଙ୍ଗୀ (ନିର୍ଦ୍ଦେଶକ),** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ନନ୍ଦ, **୩) ଶ୍ରୀମତୀ ରେଣୁବାଳା ନନ୍ଦ (ନିର୍ଦ୍ଦେଶକ),** ସ୍ୱାମୀ: ୰ ଯୁଗଳ କିଶୋର ନନ୍ଦ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩୧୧/୨୧୬୧, ନୀଳାଦ୍ରି ବିହାର, ମେନ୍ ରୋଡ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୨୧, **୪) ଶ୍ରୀ ଅରବିନ୍ଦ କୁମାର ଛୋଟରାୟ,** ପିତା: ସୁରେନ୍ଦ୍ରନାଥ ଛୋଟରାୟ, ସା: ତରାପି, ପୋ: ସୋରଣ, ଥାନା: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, **୫) ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି,** ପିତା: ୰ ଲକ୍ଷ୍ମୀଧର ମହାନ୍ତି, ସା: ପ୍ଲଟ୍ ନଂ.: ୨୬୧(ଅଂଶ), ନୀଳାଦ୍ରି ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **୬) ଶ୍ରୀ ଅଶୋକ କୁମାର ମହାନ୍ତି,** ପିତା: ସର୍ବେଶ୍ୱର ମହାନ୍ତି, ସା: ପ୍ଲଟ୍ ନଂ.: ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | **(୧) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁମୁଡୁମା, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଥାନା: ଖଣ୍ଡଗିରି, ଥାନା ନଂ. ୪, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୩୨/୧୮୭୮, ପ୍ଲଟ୍ ନଂ.: ୫୬୪/୩୭୭୪, କ୍ଷେତ୍ର: ଏକର୦.୦୭୫ ଡିସିମିଲି, ଖାତା ନଂ.: ୪୩୨/୧୮୮୫, ପ୍ଲଟ୍ ନଂ.: ୫୬୫/୩୭୭୭, କ୍ଷେତ୍ର: ଏକର୦.୧୨୫ ଡିସିମିଲି, ଖାତା ନଂ.: ୪୩୨/୧୮୮୬, ପ୍ଲଟ୍ ନଂ.: ୫୬୪, କ୍ଷେତ୍ର: ଏକର୦.୧୨୫ ଡିସିମିଲି, ଖାତା ନଂ.: ୨୩୯୫, ପ୍ଲଟ୍ ନଂ.: ୫୫୯/୫୯୪୭, କ୍ଷେତ୍ର: ଏକର୦.୦୨୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୫୬୮, ୫୬୫ ଏବଂ ୫୬୬, ପଶ୍ଚିମ: ପ୍ଲଟ୍ ନଂ. ୫୬୪, ୫୬୫(ଅଂଶ), ଉତ୍ତର: ପ୍ଲଟ୍ ନଂ. ୫୭୦, ଦକ୍ଷିଣ: ରାସ୍ତା | ଟ.୭,୯୬,୩୭,୨୮୫/- ଯୁକ୍ତ ସୁଧ ଏବଂ ସେବାବନ୍ଦ ଖର୍ଚ୍ଚ / ୨୭.୦୪.୨୦୨୬ / ୨୮.୦୭.୨୦୨୬ | ଟ.୧୯,୩୨,୮୭,୦୦୦/- / ଟ.୧,୯୩,୨୮,୭୦୦/- / ଟ.୫୦,୦୦୦/- |
| | | **(୨) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିର୍ମଳା, ତହସିଲ: ପିପିଲି, ଥାନା: ପିପିଲି, ଥାନା ନଂ. ୧୫୬, ଜିଲ୍ଲା: ପୁରୀ, ଖାତା ନଂ.: ୩୨୨/୨୦୩, ପ୍ଲଟ୍ ନଂ.: ୨୮୬, କ୍ଷେତ୍ର: ଏକର୧.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୁଦ ସେଠୀ ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ଉତ୍ତର: ଚକ ନାଳି, ଦକ୍ଷିଣ: ସୂର୍ଯ୍ୟମଣୀ ସାହୁ | | ଟ.୨,୧୯,୪୧,୦୦୦/- / ଟ.୨୧,୯୪,୧୦୦/- / ଟ.୫୦,୦୦୦/- |
| | | **(୩) ମେସର୍ସ ଓଡିଆଇ ଟେକ୍ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସହଜପୁର, ତହସିଲ: ପିପିଲି, ଜିଲ୍ଲା: ପୁରୀ, ଖାତା ନଂ.: ୩୬୮/୧୪୭, ପ୍ଲଟ୍ ନଂ.: ୩୬୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ପ୍ଲଟ୍ ନଂ.: ୪୨୮, କ୍ଷେତ୍ର: ଏକର୦.୧୩୦ ଡିସିମିଲି, ପ୍ଲଟ୍ ନଂ.: ୩୬୩, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଖାତା ନଂ.: ୩୬୮/୧୪୮, ପ୍ଲଟ୍ ନଂ.: ୩୫୮/୯୮୧, କ୍ଷେତ୍ର: ଏକର୦.୧୬୦ ଡିସିମିଲି, ପ୍ଲଟ୍ ନଂ.: ୩୬୧, କ୍ଷେତ୍ର: ଏକର୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୩୬୪, କ୍ଷେତ୍ର: ଏକର୦.୧୫୦ ଡିସିମିଲି, ପ୍ଲଟ୍ ନଂ.: ୩୫୯/୯୮୯, କ୍ଷେତ୍ର: ଏକର୧.୦୦ ଡିସିମିଲି, ଖାତା ନଂ.: ୩୬୮/୧୪୯, ପ୍ଲଟ୍ ନଂ.: ୩୫୭, କ୍ଷେତ୍ର: ଏକର୨.୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ମୌଜା ଜନାର୍ଦ୍ଦନପୁର ସରହଦ, ପଶ୍ଚିମ: ଚକ ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୫୫, ଦକ୍ଷିଣ: କ୍ରେତା | | ଟ.୨,୬୦,୪୬,୦୦୦/- / ଟ.୨୬,୦୪,୬୦୦/- / ଟ.୫୦,୦୦୦/- |

**୧. ଇ-ନିଲାମ ତାରିଖ ଏବଂ ସମୟ: ୧୮.୦୯.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକ ୧୦ ମିନିଟ୍‌ର ସ୍ୱତଃ ବର୍ଦ୍ଧିତ ସମୟ ସହିତ**
**୨. ଅମାନତ ଜମା ରାଶି ଅନ୍‌ଲାଇନ୍‌ରେ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ୧୮.୦୯.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା**
**୩. ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୩.୦୮.୨୦୨୬ରୁ ୧୭.୦୯.୨୦୨୬, ଭୁବନେଶ୍ୱର ଶାଖା ମୁଖ୍ୟଙ୍କ ପରାମର୍ଶରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ**
୪. ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, ଇଚ୍ଛୁକ ନିଲାମଧାରୀମାନେ ସେବା ପ୍ରଦାନକାରୀଙ୍କୁ ସେମାନଙ୍କର ବିବରଣୀ **https://baanknet.com/eauction-psb/bidder-registration** ରେ ସଠିକ ଭାବେ ପଞ୍ଜିକୃତ କଲାପରେ, ୟୁଜର ଆଇଡ଼ି ଏବଂ ପାସୱାର୍ଡ ପାଇପାରିବେ। ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://baanknet.com** ରେ ପ୍ରଦତ୍ତ ଲିଙ୍କକୁ ଅନୁସରଣ କରନ୍ତୁ ଏବଂ ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ ଯଥା **www.centralbankofindia.bank.in** ଦେଖନ୍ତୁ। ଆଗ୍ରହୀ ନିଲାମଧାରୀମାନେ ଯେଉଁମାନେ ଲଗଇନ୍ ଆଇଡ଼ି ଏବଂ ପାସୱାର୍ଡ ସୃଷ୍ଟି କରିବାରେ, ଡାଟା ଅପଲୋଡ୍ କରିବାରେ ସହାୟତା ଆବଶ୍ୟକ କରନ୍ତି, ଦୟାକରି URL: **https://baanknet.com**ରେ **USER MANUAL** ଦେଖନ୍ତୁ। ଯେକୌଣସି ସହାୟତା ନିମନ୍ତେ ଦୟାକରି **ମୋବାଇ ନଂ.: ୮୨୯୧୨୨୦୨୨୦**ରେ କଲ କରନ୍ତୁ କିମ୍ବା ମେଲ୍ ଆଇଡ଼ି: **support.baanknet@psballiance.com** କୁ ମେଲ କରନ୍ତୁ।
୫. ସମ୍ପତ୍ତି ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଥିଲେ, ନିଲାମଧାରୀମାନେ: **ଶ୍ରୀ ରୋହିତ କୁମାର ଝା, ଶାଖା ମୁଖ୍ୟ, ଭୁବନେଶ୍ୱର ଶାଖା, ମୋବାଇଲ ନଂ.: ୭୩୮୧୦୧୦୨୩୪, ଇମେଲ୍ ଆଇଡ଼ି: bmbhub1234@centralbank.bank.in** ରେ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।
୬. କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ସମସ୍ତ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଟିଡିଏସ୍, ରେଟ୍ସ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ ତାହା ବହନ କରିବେ।
୭. ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିଲାମ ସାଇଟ୍‌ରେ ଉପଲବ୍ଧ।

**ସରଫେଶୀ ଆକ୍ଟ ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬** — **କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ସକାଳ THE SAKALA



# ତ୍ରିରଙ୍ଗା ଶୋଭାଯାତ୍ରାରେ ଦେଶପ୍ରେମର ବାର୍ତ୍ତା














ଝାରସୁଗୁଡ଼ା,୧୨।୮ (ସମିସ)

"ହର୍ ଘର୍ ତିରଙ୍ଗା-୨୦୨୬' ଅଭିଯାନ ଉପଲକ୍ଷେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଏକ ଭବ୍ୟ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଥିଲା। ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ବିଶାଳ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଭବ୍ୟ ସମାରୋହର ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୩୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା। ସ୍କୁଲ-କଲେଜର ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ନଭଲ ଅଗ୍ରୱାଲ, ରଘୁନନ୍ଦନ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଏବଂ ଓଏସଏପି ଦ୍ୱିତୀୟ ବାହିନୀର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିଆରସିଂହ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ନିହାଲ ଭୋଇ, ରବୀନ୍ଦ୍ର ନିଆଲ ଏବଂ ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ଏଲିସ୍ ପଟେଲ, ଧୀରଜ ରୋଷନ୍ ପ୍ରଧାନ ଓ ରାଜେଶ ସେଠ ପ୍ରମୁଖ ସହଯୋଗ କରିଥିଲେ।

**ଜହ୍ନାପଙ୍କ:** ବୌଦ୍ଧ ଗ୍ରାମୀଣ ମଣ୍ଡଳ ତରଫରୁ ବଡ଼ିଗାଁ ପଞ୍ଚାୟତ ଅହଲ୍ୟାଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ତେଲିବନ୍ଧ ମଣ୍ଡଳ ସଭାପତି ସୁନୀଲ ହୋତା ଅଧ୍ୟକ୍ଷତା କରିଥିଲେ। ସଭାରେ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ମଣ୍ଡଳ ପ୍ରଭାରୀ ରବୀନ୍ଦ୍ର ଦେଓ, ପୂର୍ବତନ ମଣ୍ଡଳ ସଭାପତି ନବୀନ ହୋତା, ଆଶିଷ ଖୁଣ୍ଟିଆ, ମୋତିଲାଲ ମେହେର, ବିକ୍ରମ ପ୍ରଧାନ, ସୁମନ୍ତ ପ୍ରଧାନ, ପ୍ରଦୀପ ବାରିକ, ଧନଞ୍ଜୟ ଶତପଥୀ, ରଂଜିତ ପଟ୍ଟନାୟକ, ରାଜେଶ ସାହୁ ପ୍ରମୁଖ ମଣ୍ଡଳର ଶତାଧିକ ବିଜେପି କର୍ମୀ ସାମିଲ ହୋଇଥିଲେ। ସେହିଭଳି ବୌଦ୍ଧ ଗ୍ରାମୀଣ ମଣ୍ଡଳ ତରଫରୁ ମୁଣ୍ଡାପଡାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାରପୁଡୁଗଠାରୁ ଏହି ଶୋଭାଯାତ୍ରା ବାହାରି ମୁଣ୍ଡାପଦା ହାଟପଦାଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ମୁଣ୍ଡାପଡା ମଣ୍ଡଳ ସଭାପତି ରଞ୍ଜନ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ପ୍ରଭାରୀ ଦୀପିକା ନାଏକ, ସାଧାରଣ ସମ୍ପାଦକ ତଥାଗତ କର୍ଣ୍ଣ, ଅଜିତ ବାଘ, ବିଜୟ ପଲିଆ, ଅଲେଖ ଭୋଇ, ସନ୍ତୋଷ ପ୍ରଧାନ, ରଞ୍ଜନ ବାରିକଙ୍କ ସହ ମଣ୍ଡଳର ବିଜେପି କର୍ମୀ ସାମିଲ ହୋଇଥିଲେ।

**ଦେବଗଡ:** ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ଗର୍ବର ଭାବନାରେ ଆଜି ଦେବଗଡ ସହର ଉତ୍ସବମୁଖର ହୋଇ ଉଠିଥିଲା। "ହର୍ ଘର୍ ତିରଙ୍ଗା' ଅଭିଯାନର ଅଂଶସ୍ୱରୂପ ଦେବଗଡରେ ଆୟୋଜିତ ଏକ ବିଶାଳ ତିରଙ୍ଗା ପଦଯାତ୍ରାରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଶତାଧିକ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ସକାଳ ୮ଟାରେ ଉପଜିଲ୍ଲାପାଳଙ୍କ କାର୍ଯାଳୟଠାରୁ ଇନଡ଼ୋର ଷ୍ଟାଡିୟମ ପର୍ଯ୍ୟନ୍ତ ଏହି ତିରଙ୍ଗା ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳ କବିନ୍ଦ୍ର ସାହୁ, ଏସ୍‌ପି କିଶୋରଚନ୍ଦ୍ର ମୁଣ୍ଡ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ବିଜେପି ସଭାପତି ଅରୁଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଓ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ମାନେ ୧୨୦ ଫୁଟ୍ ଲମ୍ବ ବିଶିଷ୍ଟ ଆକର୍ଷଣୀୟ ବିଶାଳ ଜାତୀୟ ପତାକା ଧରି ଦେଶପ୍ରେମର ନାରା ଦେଇ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ଅବସରରେ ଜାତୀୟ ପତାକା ଧରି ଶତାଧିକ ଲୋକଙ୍କ ଏକତ୍ର ଉପସ୍ଥିତି ସହରରେ ଏକ ଅନନ୍ୟ ଦେଶପ୍ରେମର ପରିବେଶ ସୃଷ୍ଟି କରିଥିଲା। ସେହିଭଳି ତିଳେଇବଣି ବ୍ଲକ୍ ପକ୍ଷରୁ ସୁଗୁଡାରେ ତିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିଏମ୍ ଶ୍ରୀ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ସୁଗୁଡା ସରପଞ୍ଚ କୁନୁ ବେହେରା, ଦେବଗଡ଼ ଥାନା ଏସ୍‌ଆଇ ଅସିତ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ତିଳେଇବଣି ବ୍ଲକ୍‌ର ବିଓ ଅଧିକାରୀ ସୁମନ୍ତ ସିଂ, ଏମ୍‌ଆଇ ସୁନୀଲ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ନୀଳକଣ୍ଠ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶାନ୍ତନୁ ସାହୁ, ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ପ୍ରମୁଖ ଯୋଗ ଦେଇଥିଲେ। ୫୦ ଫୁଟ୍ ଲମ୍ବ ବିଶିଷ୍ଟ ଆକର୍ଷଣୀୟ ବିଶାଳ ଜାତୀୟ ପତାକା ଆକର୍ଷଣ ସୃଷ୍ଟି କରିଥିଲା।

**ତରଭା:** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ମେରା ଯୁବା ଭାରତ ତରଫରୁ ବଘିଆ ଛକରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେରା ଯୁବା ଭାରତର କୃପାସିନ୍ଧୁ ସାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଘିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଦିବ୍ୟ କୁଅଁର, ବଘିଆ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷିକ ପ୍ରମୋଦ ସାମନ୍ତରାୟ, ସାଧୁଚରଣ ଛାତ୍ରିଆ, ପରେଶ ଚୌହାନ, ଅମରିଷ ନାଏକ ପ୍ରମୁଖଙ୍କ ସହ ଦେଶପ୍ରେମ ଓ ଜାତୀୟବାଦୀ ଭାବନା ନେଇ ଶତାଧିକା ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଯୁବକ, ଯୁବତୀ ଯୋଗ ଦେଇଥିଲେ। ଏହି ତ୍ରିରଙ୍ଗା ଯାତ୍ରା ବଘିଆ ପଞ୍ଚାୟତ ହାଇସ୍କୁଲରୁ ବାହାରି ବଘିଆ ଛକ, ପଞ୍ଚାୟତ ଅଫିସ ଦେଇ ବଘିଆ ହାଟପଦାଠାରେ ଶେଷ ହୋଇଥିଲା। ପ୍ରକାଶ ରଣା, ବିଦୁର ରାଉତ, ନିରଞ୍ଜନ ପ୍ରଧାନ, ସାରଥୀ ବଗର୍ତ୍ତି, ସତ୍ୟ ରଣା, ଅଶ୍ୱିନୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ମଦ କାରବାରରେ ୩ ଗିରଫ

ଇବ୍‌ଥର୍ମାଲ,୧୨।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୮୨ ଲିଟର ବେଆଇନ ଦେଶୀମଦ ଜବତ କରିଛି। ରତନଖଣ୍ଡାରୁ ୩୮ ଲିଟର ମଦ ଜବତ କରିଛି। ସେହିଭଳି ପ୍ରଦୀପ ଓରାମ ନାମକ ଜଣେ ବ୍ୟକ୍ତିଠାରୁ ୨୧ ଲିଟର ମଦ ଜବତ ହୋଇଛି। ଅନ୍ୟପକ୍ଷେ ଖଡାମର ବିକାଶ ପ୍ରଧାନଠାରୁ ୨୩ ଲିଟର ଦେଶୀ ମଦ ଜବତ ହୋଇଛି। ଏମାନେ ଗିରଫ ହୋଇଛନ୍ତି ବୋଲି ଥାନା ଅଧିକାରୀ ବିନୋଦ ରାଓ ପ୍ରକାଶ କରିଛନ୍ତି।

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା

ଝାରସୁଗୁଡ଼ା,୧୨।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରିଥିଲେ। ଗ୍ରାମୀଣ ଆବାସ ଯୋଜନା, ଭିବି-ଜି ରାମ୍ ଜି, କେନ୍ଦ୍ରୀୟ ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ, ବି.ଜି.ବି.ଓ, ବିଭିନ୍ନ ନିର୍ମାଣଧୀନ ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ, ଏସ.ଆର.ସି କାର୍ଯ୍ୟକ୍ରମ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଏବଂ ଏକ୍ ପେଡ୍ ମା' କେ ନାମ୍ ଆଦି ପ୍ରମୁଖ କାର୍ଯ୍ୟକ୍ରମର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଲକ୍ଷ୍ୟ ପୂରଣ କରିବା ସହ ପ୍ରକଳ୍ପଗୁଡ଼ିକର ନିୟମିତ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବ୍ଲକ୍ ଏବଂ ପଞ୍ଚାୟତ ସ୍ତରରେ ବାକି ଥିବା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ଏବଂ କାର୍ଯ୍ୟଦକ୍ଷତାରେ ସୁଧାର ଆଣିବା ପାଇଁ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

## ନିଶା ବିରୋଧୀ ସଚେତନତା ଶିବିର

ଜହ୍ନାପଙ୍କ,୧୨।୮ (ସମିସ): ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ବ୍ରାହ୍ମଣପାଳି ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୌଦ୍ଧ ପୁଲିସ ପକ୍ଷରୁ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ, ବଘିଆପଡା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁ, ସ୍ଥାନୀୟ ନାଏକ ସରପଞ୍ଚ ପଦ୍ମିନୀ ପ୍ରଧାନ




ପ୍ରମୁଖ ଯୋଗ ଦେଇଥିଲେ। ନିଶାମୁକ୍ତ ସମାଜ ଗଠନ କରିବା, ନିଶାକୁ ନା କହିବା ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବପିଢ଼ି ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁଲିସ ଅଧିକାରୀମାନେ ନିଶାଦ୍ରବ୍ୟର ବେଆଇନ କାରବାର ଓ ସେବନ ବିରୋଧରେ କଡ଼ା ଆଇନ ରହିଥିବା ନେଇ ଲୋକଙ୍କୁ ଅବଗତ କରିଥିଲେ। ଏଥିସହ ନିଶା କବଳରୁ ଯୁବପିଢ଼ିକୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନରଜନସାଧାରଣଙ୍କ ଭୂମିକା ଉପର ଗୁରତ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀଙ୍କ ସମେତ ସ୍ଥାନୀୟ ଲୋକେ ଓ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ସହ ସ୍ଥାନୀୟ କଲେଜ ଛାତ୍ରଛାତ୍ରୀ ଯୋଗଦେଇ ନିଶା ବିରୋଧରେ ସଚେତନତା ସୃଷ୍ଟି ପାଇଁ ଶପଥ ନେଇଥିଲେ।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୨।୮ (ସମିସ): ଝାରସୁଗୁଡ଼ା ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟବଳୀ ଓ ସରକାରୀ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏଥିସହ ସରକାରୀ ରାଜସ୍ୱ ବୃଦ୍ଧି ଓ ସେବାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ରାଜସ୍ୱ, ଅବକାରୀ, ଆରଟିଓ, ପଞ୍ଜୀକରଣ କାର୍ଯ୍ୟାଳୟ, ଖଣି ଓ ଜଳକର ବାବଦକୁ ଆଦାୟ ହେଉଥିବା ରାଜସ୍ୱର ସ୍ଥିତି ନେଇ ଆଲୋଚନା କରାଯାଇଥିଲା। ଏହା ସହ କୃଷକ ପଞ୍ଜୀକରଣ, ମ୍ୟୁଟେସନ, ଓଆରଟିପିଏସ ସେବା, ବିଭିନ୍ନ ସାର୍ଟିଫିକେଟ୍ ମାମଲା, ଜବରଦଖଲ ଉଚ୍ଛେଦ ମାମଲା ଏବଂ ପୁରୁଣା ଅଭିଲେଖଗୁଡ଼ିକର ସ୍କାନିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ଜଙ୍ଗଲ ଜମି ଚିହ୍ନଟ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ପଟ୍ଟା ପ୍ରଦାନ, ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ଉପଯୁକ୍ତ ଜମି ଚିହ୍ନଟ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହିସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ସମସ୍ତ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ରାଜସ୍ୱ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ଜିଲ୍ଲା ଆପାତକାଳୀନ ବୈଠକ




ତରଭା,୧୨।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲିନା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାସାୟନିକ ଦୁର୍ଘଟଣା ଓ ଏହାର ଠିକ ପରିଚାଳନା ନିମିତ୍ତ ପ୍ରସ୍ତୁତି ଏବଂ ମୁକାବିଲା ପଦକ୍ଷେପ ବିଷୟରେ ସମୀକ୍ଷା କରଯାଇଥିଲା। ଜିଲ୍ଲା ଆପାତକାଳୀନ ଦଳର କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଜିଲ୍ଲାରେ ଥିବା କ୍ଷୁଦ୍ର ଫ୍ୟାକ୍ଟ୍ରି ଗୁଡିକର ପରିଚାଳକ ବା ମାଲିକମାନେ ଆପାତକାଳୀନ ପରିସ୍ଥିତି ଉପୁଜିଲେ ବା ଆପାତକାଳୀନ ରାସାୟନିକ ଦୁର୍ଘଟଣା ପରିଚାଳନା ପାଇଁ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କି ପଦକ୍ଷେପ ନେଇଛନ୍ତି ବା କ'ଣ ପଦକ୍ଷେପ ଗ୍ରହଣ କରିବେ ତାହା ଉପସ୍ଥାପନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ଅଧୀନ ସଡକ ପଥରେ ପରିବହନ ହେଉଥିବା ରାସାୟନିକ ପଦାର୍ଥ ଓ ବିପଦପୂର୍ଣ୍ଣ ଗ୍ୟାସ୍ ଗାଡ଼ି ଦୁର୍ଘଟଣା ଘଟିଲେ ତାହାର ସୁପରିଚାଳନା କିପରି କରାଯାଇପାରିବ ସେଥି ନିମିତ୍ତ ଏକ ଆଦର୍ଶ କାର୍ଯ୍ୟ ନିର୍ବାହ ନିୟାମକ ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଛି। ରାସାୟନିକ ପଦାର୍ଥ ଓ ବିପଦପୂର୍ଣ୍ଣ ଗ୍ୟାସ ଦୁର୍ଘଟଣା ଗୁଡିକର ତ୍ୱରିତ ପରିଚାଳନା ନିମିତ୍ତ ଆଞ୍ଚଳିକ ଆପାତକାଳୀନ ଦଳ ଗଠନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଫ୍ୟାକ୍ଟ୍ରି ଗୁଡିକ କେଉଁ କେଉଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନିତାନ୍ତ ଜରୁରୀ ତାହା ଉପରେ ପରାମର୍ଶ ଦିଆଯାଇଥିଲା। ଶ୍ରୀମତୀ ପ୍ରଧାନ ସମସ୍ତ ବିଭାଗୀୟ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ପରାମର୍ଶ ଦେଇଥିଲେ। ଡା ଦେବୀ ପ୍ରସାଦ ମହାପାତ୍ର, ରାଜେଶ ସାହୁ, ଜିଲ୍ଲା ଜରୁରୀ ଅଧିକାରୀ ବିଶ୍ୱନାଥ ନାୟକ, ସୁଶ୍ରୀ ପ୍ରୀତି ସୁନାଙ୍କ ସମେତ ଜିଲ୍ଲାରେ ଥିବା କ୍ଷୁଦ୍ର ଫ୍ୟାକ୍ଟ୍ରିର ପରିଚାଳକ ବା ମାଲିକମାନେ ଉପସ୍ଥିତ ଥିଲେ।



ଧାନ ବିକ୍ରି ପଞ୍ଜୀକରଣ ସରଳୀକରଣ କରିବାକୁ ଦାବି କରି ଦେବଗଡ଼ ଜିଲ୍ଲା କୃଷକ ସଂଘ କର୍ମକର୍ତ୍ତା ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ଦାବିପତ୍ର ଦେଉଛନ୍ତି।

## ଲାଞ୍ଚ ନଦେବାରୁ ମହିଳା ସରପଞ୍ଚଙ୍କୁ ବଦନାମ

ମନମୁଣ୍ଡା,୧୨।୮ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ସରପଞ୍ଚ ସୁଶ୍ରୀ ରଞ୍ଜୁ ବେହେରାଙ୍କୁ ଜାତିଆଣ ଆକ୍ଷେପ ସହ ଜଣେ ବ୍ୟକ୍ତି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସେ ଥାନାରେ ଏତଲା ଦେଇଛନ୍ତି। ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ଘଟଣା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି। କିଛି ଦିନ ତଳେ ସୁବର୍ଣ୍ଣପାଲି (ମନମୁଣ୍ଡା)ର ଅବୁ ବକ୍କର ସିଦ୍ଦିକି ଖାଁ ନାମକ ଜଣେ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ତାଙ୍କୁ ୧ ବସ୍ତା ଚାଉଳ ଏବଂ ୧୦ ହଜାର ଟଙ୍କା ଚାନ୍ଦା ମାଗିଥିଲା। ସେ କିନ୍ତୁ ଦେବାକୁ ମନା କରିଥିଲେ। ଏତିକିରେ ଅବୁ ତାଙ୍କ ଜାତିକୁ ନେଇ ଆକ୍ଷେପ କରିଥିଲା। 'ଛୋଟ ଜାତି। ସଂରକ୍ଷଣରେ ସରପଞ୍ଚ ହୋଇ ବେଶୀ ଫୁଟାଣି ହୋଇ ଗଲାଣି। ରହ ଦେଖିବୁ ତୋତେ କେମିତି ବଦନାମ କରି ଫସାଉଛି। ମୋ ସାମ୍ବାଦିକତାର ଦମ୍ଭ ଦେଖିବୁ' ଇତ୍ୟାଦି କହିଥିଲା। ଏହାସହ ଅଫିସ କାଗଜପତ୍ର ଫିଙ୍ଗାଫିଙ୍ଗି କରିଥିଲା। ପ୍ରତିବାଦ କରିବାରୁ ତାଙ୍କୁ ଠେଲି ଦେଇ ଅସଦାଚରଣ କରିଥିଲା। ରଞ୍ଜୁ କିନ୍ତୁ ଜଣେ ଜନ ପ୍ରତିନିଧି ହୋଇଥିବାରୁ କଥାକୁ ଆଗକୁ ନ ବଢ଼ାଇ ଚୁପ୍ ଥିଲେ। ଏହି ନିରବତାକୁ ଦୁର୍ବଳତା ଭାବି ଅବୁ ତାଙ୍କ ବିରୋଧରେ ସେ ଯୋଜନାବଦ୍ଧ ଭାବେ ବଦନାମ କରିବା ଉଦ୍ଦେଶ୍ୟରେ ଚକ୍ରାନ୍ତ କରିଥିଲା। ସୁଯୋଗକୁ ଗୁହାଳ ବିଲ୍ ଟଙ୍କା ପାଇ ନ ଥିବା ୨ଜଣ ହିତାଧିକାରୀଙ୍କ ସହ ଅବୁର ଭେଟ ହୋଇଥିଲା। ଗୁହାଳ ବିଲ୍ ପାଇଁ ସରପଞ୍ଚ ଲାଞ୍ଚ ନେଇଛନ୍ତି ବୋଲି ପ୍ରମାଣ ନ ଥାଇ ମିଥ୍ୟା ଖବର ପରିବେଷଣ ପୂର୍ବକ ବଦନାମ କରିଛି। ଏ ନେଇ ସରସ୍ୱତୀପୁରର ହିତାଧିକାରୀ ମକରନ୍ଦ ଡାଙ୍ଗ ଏବଂ କପାଶିରାର କଳ୍ପନିଧି ପ୍ରଧାନ ଶିଖାଇ ପ୍ରତିକ୍ରିୟା ନେଇଥିଲା; ହେଲେ ସରପଞ୍ଚଙ୍କ ପ୍ରତିକ୍ରିୟା ନେଇ ନ ଥିଲା। ଦୁଇ ହିତାଧିକାରୀଙ୍କୁ ପଚାରିବାରୁ ଗୁହାଳ ବିଲ୍ ଟଙ୍କା ମିଳିବ ବୋଲି ପ୍ରଲୋଭିତ କରିଥିଲା ବୋଲି କହିଛନ୍ତି। ସେହିପରି ଅବୁ ଜଣେ ସାମ୍ବାଦିକଙ୍କୁ ଭିଡିଓ ଦେଇ ଖବର ପରିବେଷଣ କରାଇବା ସହ ନିଜେ ମଧ୍ୟ ଖବର ପରିବେଷଣ କରିଥିଲା। ଏପରିକି ତାଙ୍କ ପ୍ରରୋଚନାରେ ଏକ ଦୈନିକ ଖବର କାଗଜ (ସକାଳ ନୁହେଁ)ରେ ମଧ୍ୟ ସରପଞ୍ଚଙ୍କ ବିରୋଧରେ ମିଥ୍ୟା ଖବର ପ୍ରକାଶ କରିବାରେ ସଫଳ ହୋଇଥିଲା। କୌଣସିଥିରେ ସରପଞ୍ଚଙ୍କ ପ୍ରତିକ୍ରିୟା ନିଆ ଯାଇନି। ଏକତରଫା ଏବଂ ଉଦ୍ଦେଶ୍ୟମୂଳକଭାବେ ବଦନାମ କରିବା ପାଇଁ ଖବର ପରିବେଷଣ ଓ ପ୍ରକାଶ କରାଯାଇଛି। ଏହା ଦ୍ୱାରା ସରପଞ୍ଚଙ୍କ ମାନ ସମ୍ମାନ କ୍ଷୁର୍ଣ୍ଣ ହେବା ସହ ସେ ବହୁତ ଲଜ୍ଜିତ ଅନୁଭବ କରୁଥିବା ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରଛନ୍ତି।

## ଡୁଙ୍ଗୁରିପାଲି ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୧୨।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ଉପଜିଲ୍ଲାପାଳ ସୌମ୍ୟରୂପା ମିଶ୍ର, ଏସ୍‌ପି ନାରାୟଣ ନାୟକ, ପିଡି ଅଶ୍ୱିନୀ ମେହେର, ଅତିରିକ୍ତ ତହସିଲଦାର ରୋହିତ ଭୋଇ, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ପ୍ରତି ବୁଧବାର ଜଣେ ଅତିରିକ୍ତ ତହସିଲଦାର ସେବା ଯୋଗାଇ ଦେବେ। ଉଦ୍‌ଘାଟନୀ ଉତ୍ସବରେ ଓକିଲ ସଂଘର ଜଗନ୍ନାଥ ତ୍ରିବେଦୀ, ନବୀନ ରଣା, ସୁବାସ ଭୋଇ, ଲକ୍ଷ୍ମଣ ଭରାସାଗର, ହରେକୃଷ୍ଣ ବେହେରା, ଡୁଙ୍ଗୁରିପାଲି ସଚେତନ ନାଗରିକ ପକ୍ଷରୁ ଗୋପାଳ ବାରିକ, ବିପ୍ରଚରଣ ସାହୁ, ଅଶୋକ ଶତପଥୀ, କନ୍ଦର୍ପ ସାହୁ, ଗାନ୍ଧୀ ସାହୁ, ଦଶରଥ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ରୁଦ୍ରକିଶୋର ମହଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ପହଞ୍ଚିଥିଲେ। ଶେଷରେ ପଞ୍ଚାୟତ ସମିତି ସଭାଗୃହରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ବିଡିଓ ମହେଶ୍ୱର ପଧାନ, ହସ୍ପିଟାଲ ଇନଚାର୍ଜ ସରୋଜ ସେଠ, ଆରଡବ୍ଲୁଏସଏସ ଜେଇ ହିମାଦ୍ରୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ହାଇସ୍କୁଲ ଛାତ୍ରୀ ଗୁରୁତର

ଦେବଗଡ଼,୧୨।୮ (ସମିସ)





ବାରକୋଟ ବ୍ଲକ୍ ବିଜୟନଗର ହାଇସ୍କୁଲର ୪ ଜଣ ଛାତ୍ରୀ ଆଜି ହଠାତ ଅସୁସ୍ଥ ହୋଇପଡିଛନ୍ତି। ଏମାନେ ହେଲେ ୮ମ ଶ୍ରେଣୀର ଶ୍ରାବଣୀ ପ୍ରଧାନ, ୭ମ ଶ୍ରେଣୀର ଲକ୍ଷ୍ମୀପ୍ରିୟା କୁଅଁର, ଐଶ୍ୱର୍ଯ୍ୟା ବେହେରା ଓ ରାଜଲକ୍ଷ୍ମୀ ଜେନା। ସେମାନେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟାଳ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ ବାରକୋଟ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲଙ୍କ ସମେତ ଅନ୍ୟ ଶିକ୍ଷକମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହିଥିଲେ। ଚିକିତ୍ସାଧୀନ ଛାତ୍ରୀମାନେ ବିପଦମୁକ୍ତ ଥିବା ଡାକ୍ତର ପ୍ରକାଶ କରିଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟରେ ସଫେଇ ଓ ଚାରା ରୋପଣ




**ପଦ୍ମପୁର, ୧୨।୮ (ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ 'ସ୍ୱଚ୍ଛତା ପକ୍ଷ' ପାଳନ ଅବସରରେ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦିଗମ୍ବର ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯୁବ ରେଡକ୍ରସ୍, ଏନ୍ଏସ୍ଏସ୍ ଏବଂ ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ପ୍ରଥମେ ସମଗ୍ର ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା। ଏହାପରେ ଛାତ୍ରାବାସ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

### ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତିଙ୍କୁ ଆକ୍ରମଣ ଘଟଣା

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର

**ବରଗଡ଼, ୧୨।୮ (ସମିସ)**

ବରଗଡ଼ ଜିଲ୍ଲା ଓକିଲସଂଘ ସଭାପତି ଭୀଷ୍ମଦେବ ସରାଫଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ଅନୁସନ୍ଧାନ ପାଇଁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ବରଗଡ଼ ଆସି ପ୍ରଥମେ ଶ୍ରୀ ସରାଫଙ୍କୁ ତାଙ୍କ ବାସ ଭବନରେ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ପରେ ସେମାନେ ଜିଲ୍ଲା ଓକିଲ ସଂଘରେ ପହଞ୍ଚି କାର୍ଯ୍ୟକାରୀ କମିଟି ସହ ଆଲୋଚନା କରିଥିଲେ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲ୍ଲା ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ, ଉପ ସଭାପତି ଉତ୍ତର ସାହୁ, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡ଼ଙ୍ଗୀ, ବରିଷ୍ଠ ସଦସ୍ୟ ଶିରିଶ ବଲ୍ଲଭ ମିଶ୍ର, ଅଶୋକ କୁମାର ଯୋଶୀ, ଅନୁପ ଶତପଥୀ, ଜୟଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଏସ୍‌ପି ରବୀନ୍ଦ୍ରନାଥ ଶତପଥୀଙ୍କୁ ସାକ୍ଷାତ୍ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର (ପିନା), ଅନୁଗୋଳ ଓକିଲସଂଘ ସଭାପତି ଦିଲ୍ଲୀପ କୁମାର ସାହୁ, ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ସମ୍ବଲପୁର ଜିଲ୍ଲା ଓକିଲସଂଘ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ଆଇନଜୀବୀ ତାରିଣୀ ପାଣିଗ୍ରାହୀ, ବରଗଡ଼ ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

**ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ନିନ୍ଦା**

ପ୍ରତିନିଧି ଦଳ ସୂଚନା ଦେଇଥିଲେ ଯେ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଖୁବ୍‌ଶୀଘ୍ର ବରଗଡ଼ ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସହ ମୁଖ୍ୟମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଇନମନ୍ତ୍ରୀ, ଆଡଭୋକେଟ ଜେନେରାଲ ତଥା ବାର କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତିରେ କିଭଳି ସୁଧାର ଆସିବ ଆଲୋଚନା କରିବେ।

## ଚୋରି ମୋବାଇଲ ଜବତ; ଅଭିଯୁକ୍ତଙ୍କୁ ଗିରଫ

**ପାଇକମାଳ, ୧୨।୮ (ସମିସ):** ପାଇକମାଳ ପୁଲିସ ଚୋରି ମୋବାଇଲ ଫୋନ ଓ ଟାବ୍ ଜବତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପାଇକମାଳ ସଡ଼କପଡ଼ା ସ୍ଥିତ ସତ୍ୟ ମାଇକ୍ରୋ ଫାଇନାନ୍ସ କାର୍ଯ୍ୟାଳୟ ବୁଧବାର ସକାଳେ ଖୋଲିବା ସମୟରେ ଜଣେ ବ୍ୟକ୍ତି କୌଶଳକ୍ରମେ ଅଫିସରେ ପଶି ଏକ ମୋବାଇଲ ଫୋନ ଓ ସାମସଙ୍ଗ ଟାବ୍ ଚୋରି କରି ନେଇଯାଇଥିଲେ। ଏନେଇ ପାଇକମାଳ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ବିକ୍ରମନଗର ଛକ ନିକଟରେ ଚୋରି ସାମଗ୍ରୀ ବିକ୍ରି କରିବାକୁ ଉଦ୍ୟମ କରୁଥିବା ପଦ୍ମପୁର ରଜାପଡ଼ାର ଡାକ୍ତର ବାଗ (୨୩)କୁ ଗିରଫ କରି ପଦ୍ମପୁର କୋର୍ଟକୁ ଚାଲାଣ କରିଛି।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ନାକଟିଦେଉଳ, ୧୨।୮ (ସମିସ):** ନାକଟିଦେଉଳ ବ୍ଲକରେ ବ୍ଲକ ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅମର ଜେ ଡୁଙ୍ଗ ଡୁଙ୍ଗ, ବିଡ଼ିଓ ଆକାଶ ରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ଆଶୁତୋଷ ରାଉତ, ଏବିଡ଼ିଓ ପ୍ରଜ୍ଞା ପାଣିଗ୍ରାହୀ, ଏପିଓ ସୂର୍ଯ୍ୟମଣି ସେଠ, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ମନୋଜ କୁମାର ସାହୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ପଞ୍ଚାୟତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ଭଟଲି, ୧୨।୮ (ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଟଲି ଶାଖାର ମିଳିତ ସହଯୋଗରେ ଏକ ନିଶାମୁକ୍ତ ଭାରତ ଅଭିଯାନ ଶୀର୍ଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ବିରଞ୍ଚି ସାହୁ ଓ ପ୍ରଜାପିତା ବ୍ରହ୍ମକୁମାରୀ ଶାଖାରୁ ଆସିଥିବା ନମିତା ଓ ମିତା ଭଉଣୀ ମଞ୍ଚାସୀନ ଥିଲେ। ଅଧ୍ୟାପକ ବିରାଟ ପଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଅଧ୍ୟକ୍ଷ ଦାଶ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ନିଶାମୁକ୍ତ ଜୀବନ ଓ ସମାଜକୁ ନିଶାମୁକ୍ତ କରିବା ଦିଗରେ ପ୍ରତିବଦ୍ଧ ଭୂମିକା ନେବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଉଣୀ ନମିତା ନିଶାମୁକ୍ତ ଆଧ୍ୟାତ୍ମିକ ଜୀବନ ଓ ଦୃଢ଼ପ୍ରତିଜ୍ଞ ହେବା ସକାଶେ ମତ ଦେଇଥିଲେ। ଭଉଣୀ ମିତା ପ୍ରତିଜ୍ଞା ପାଠ କରାଇଥିଲେ।

## ଝାରବନ୍ଧ ପୁଲିସର ସାଇବର୍ ସୁରକ୍ଷା ସଚେତନତା

**ଝାରବନ୍ଧ, ୧୨।୮ (ସମିସ):** ଝାରବନ୍ଧ ପୁଲିସ ପକ୍ଷରୁ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ସଭା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅନଲାଇନ୍ ଠକେଇରୁ କିପରି ବର୍ତ୍ତିବେ ଓ ବ୍ୟାଙ୍କ ଖାତା ସମ୍ପର୍କିତ ତଥ୍ୟ, ଓଟିପି, ପାସୱାର୍ଡ ଓ ଅନ୍ୟାନ୍ୟ ଗୋପନୀୟ ସୂଚନା କାହା ସହିତ ଅନଲାଇନ୍‌ରେ ଅଂଶୀଦାର ନକରିବାକୁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ସଭାରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସଙ୍ଗୀତା ବରିହା, ଅଧ୍ୟାପିକା ସରିତା ମିଶ୍ର ଓ ପୁଣ୍ୟପ୍ରଭା ଗଡ଼ତିଆ, ଅଧ୍ୟାପକ ଉମେଶ ସାହୁ, ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ।

## ସାଇବର ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୧୨।୮ (ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଇକମାଳ ପୁଲିସ ପକ୍ଷରୁ ଓଆଇସି କୈଳାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ଥାନା ଏସ୍ଆଇ ବୀଣା ତିର୍କୀ, ଶିକ୍ଷାକେନ୍ଦ୍ର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ଓ ଅଧ୍ୟକ୍ଷ ଗଙ୍ଗାଧର ରଣା ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ଗିରୀଶ ଚନ୍ଦ୍ର ମାଝୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍ଆଇ ବୀଣା ତିର୍କୀ ଛାତ୍ରଛାତ୍ରୀଙ୍କୁ ସାଇବର ଠକଙ୍କ ଠାରୁ କିପରି ଦୂରେଇ ରହିବେ କହିଥିଲେ।

## ଭେଡେନ କଲେଜରେ ସାଇବର୍ ସୁରକ୍ଷା ଓ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

**ଭେଡ଼େନ, ୧୨।୮ (ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟଠାରେ ଚାଲିଥିବା ଶକ୍ତିଶ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ ତଥା ସାଇବର ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଡେନ ଥାନା ଅଧିକାରୀ ଅରୂପ ରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଆଇ ଦୀପକ ସାହୁ, ସୁରେଖା ତାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଇବର ସଚେତନତା ତଥା ଆତ୍ମ ସୁରକ୍ଷା ପାଇଁ ସଚେତନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପିକା ଡ଼ ଅନୁକମ୍ପା ନାଏକ କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିବା ବେଳେ ଛାତ୍ରୀ ଶକ୍ତିମୟୀ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଗ୍ରିଷ୍ଟାକ୍ ପ୍ରତ୍ୟାହାର ଦାବିରେ ପାକ୍ସ ସଭାପତି ସଂଗଠନର ରଣହୁଙ୍କାର

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଆର୍‌ସିଏସ୍‌ଙ୍କୁ ଦାବିପତ୍ର

**ବରଗଡ଼, ୧୨। ୮(ସମିସ):** ବରଗଡ଼ ଉପଖଣ୍ଡସ୍ତରୀୟ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବରଗଡ଼ ଅଗ୍ରଗାମୀ ଯୁବକସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ପ୍ରାଥମିକ କୃଷିସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ଆବାହକତ୍ୱ ଓ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭେଡେନ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ହରିଶଙ୍କର ବେହେରା ସ୍ୱାଗତ ଭାଷଣ ସହ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅଡଗାଁ ପ୍ରାଥମିକ କୃଷିସମବାୟ ସମିତି ସଭାପତି ଅଶ୍ୱିନୀ ତ୍ରିପାଠୀ, ରବିଶଙ୍କର ପଧାନ ସଭାପତି ସରକଣ୍ଡା ପାକ୍ସ ସଭାପତି, ଜୟ ନାରାୟଣ ଅଗ୍ରୱାଲ ସଭାପତି ଭୁକ୍ତାପାକ୍ସ, ମନୋହର ମାଝି ସଭାପତି ସୋହେଲା ପାକ୍ସ, ଗଇଧଲ ରଣା ସଭାପତି ସିଆଲଖଣ୍ଡହଥା ପାକ୍ସ, ହେମନ୍ତ ପଣ୍ଡା ସଭାପତି କେଶେଇପାଲି ପାକ୍ସ, ବିରାସେନ ସାହୁ ସଭାପତି ଆଗଲପୁର ପାକ୍ସ, ସତ୍ୟନାରାୟଣ ହୋତା ପ୍ରତିନିଧି ପାହାଡଶିର୍ଗିଡା ପାକ୍ସ, ଜୟଦେବ ଗଡ଼ତିଆ ସଭାପତି ସରସରା ପାକ୍ସ ପ୍ରମୁଖ ଚାଷୀମାନଙ୍କ ବିବିଧ ସମସ୍ୟା ତଥା ପାକ୍ସମାନଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ।

ଏଗ୍ରିଷ୍ଟାକ୍‌ର ସମ୍ପୂର୍ଣ୍ଣ ପ୍ରତ୍ୟାହାର ନହେଲେ ଦୁର୍ବାର ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଥିଲା। ସାର, କୀଟନାଶକର ଅହେତୁକ ଦରବୃଦ୍ଧି ତଥା ବରଗଡ଼ରେ ଦିନକୁ ଦିନ ନକଲି କୀଟନାଶକ ବିକ୍ରି ଉପରେ ରୋକ ଲଗାଇବାକୁ ସରକାର ପଦକ୍ଷେପ ନେବାକୁ ଦାବି ହୋଇଥିଲା। ପାକ୍ସରେ ଗଛିତ ଥିବା ଧାନବିକ୍ରୟ କମିସନ ଟଙ୍କାକୁ ପାକ୍ସର ବିଭିନ୍ନ ଉନ୍ନୟନ କାମ ତଥା ଭିତ୍ତିଭୂମିର ବିକାଶରେ ଖର୍ଚ୍ଚ କରିବାକୁ ଅନୁମତି ଦେବା, ପାକ୍ସରେ ବିଭିନ୍ନ ପଦବୀ ନିଯୁକ୍ତିପାଇଁ ପାକ୍ସକୁ କ୍ଷମତାଦେବା ପାଇଁ ସରକାରଙ୍କ ଠାରେ ଦାବି ରଖିବାକୁ ପ୍ରସ୍ତାବ ନିଆଯାଇଛି। ୧୯ ତାରିଖ ଦିନ ବରଗଡ଼ ଜିଲ୍ଲାର ସମସ୍ତ ପାକ୍ସ ସଭାପତିଙ୍କୁ ନେଇ ବୈଠକ କରିବା ଏବଂ ଏ ସମ୍ବନ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ନିଷ୍ପତ୍ତି ନିଆଗଲା। ଏଥିପାଇଁ ପ୍ରତ୍ୟେକ ବ୍ଲକରୁ ଦୁଇଜଣ ସଭାପତିଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଛି।

## କୁନାଲଙ୍କ ଡାକ୍ତରୀ ପଢ଼ା ପାଇଁ ଗଣ୍ଡା ସମାଜର ସହଯୋଗ



**ଝାରବନ୍ଧ, ୧୨।୮ (ସମିସ):** ଅଭାବକୁ ପଛରେ ପକାଇ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲି ଗ୍ରାମର କୁନାଲ ଲୁହାର। ଡାକ୍ତରୀ ପାଠପଢ଼ା ପାଇଁ ନାମଲେଖାର ସୁଯୋଗ ମିଳିଥିଲେ ମଧ୍ୟ ଅର୍ଥ ବାଧକ ସାଜିଛି। ଏଭଳି ସମୟରେ ଲକ୍ଷେ ଘର ସମାଜ ଝାରବନ୍ଧ ବ୍ଲକ ପକ୍ଷରୁ କୁନାଲଙ୍କ ଡାକ୍ତରୀ ଶିକ୍ଷାର ନାମଲେଖା ଖର୍ଚ୍ଚରେ ସହାୟତା ଉଦ୍ଦେଶ୍ୟରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବ୍ଲକ ସଭାପତି ଭୋଜରାଜ ବାଗ ଓ ସମ୍ପାଦକ ରସିକ କୁମ୍ଭାର କୁନାଲଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ଆଗାମୀ ଦିନରେ କୁନାଲ ଜଣେ ଦକ୍ଷ ଡାକ୍ତର ଭାବେ ଅଞ୍ଚଳର ଗରିବ ଓ ଅସହାୟ ଲୋକଙ୍କ ସେବା କରନ୍ତୁ ବୋଲି ସମାଜ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ଶ୍ରୀରାମ ଶିକ୍ଷାନୁଷ୍ଠାନ ସମୂହର ଚାରାରୋପଣ

**ସୋହେଲା, ୧୨।୮ (ସମିସ):** ସୋହେଲା ଶ୍ରୀରାମ ଶିକ୍ଷାନୁଷ୍ଠାନ ସମୂହର ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠାନର ନିର୍ଦ୍ଦେଶିକା ମଞ୍ଜୁ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ଡ. ଡୋଲାମଣୀ ଶତପଥି, ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଟେକଚାନ୍ଦ ଦୁଆନ, ସିଆରସିସି କେଦାରନାଥ ସାହୁ, ଡା ଆଦିତ୍ୟ ଖାଡ଼ଙ୍ଗା, ଜଙ୍ଗଲ ବିଭାଗରୁ ଗଯାଧର ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ଗୀର୍ଜେଶ ଖାଡ଼ଙ୍ଗା ସମସ୍ତ ପ୍ରକୃତି ବନ୍ଧୁମାନଙ୍କୁ ସ୍ମୃତି ଫଳକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଅଧ୍ୟାପିକା ମିଳନ ନାୟକ ସ୍ୱାଗତ ଭାଷଣ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ନୀଳାଞ୍ଚଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀରାମ କିଡ୍‌ସର କୁନିକୁନି ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ।



# ସୋହେଲାରେ ଉଡ଼ିଲା ୧ କିମି ଲମ୍ବା ତ୍ରିରଙ୍ଗା



**ସୋହେଲା, ୧୨।୮ (ସମିସ):** ସୋହେଲାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋହେଲା କଲେଜ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ର, ସୋହେଲା ପବ୍ଲିକ ସ୍କୁଲ, ବାଳକ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ଆଖ ପାଖଗ୍ରାମରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଦୁର୍ଗାପୂଜା କମିଟି, ଜୟଦୁର୍ଗା ଏସୋସିଏସନ, ମାରୱାଡି ଯୁବାମଞ୍ଚ ସମେତ ବିଭିନ୍ନ ସଂଗଠନର ସମେତ ସୋହେଲା ସମେତ ଆଖପାଖ ଗ୍ରାମର ଜନ ସାଧାରଣ ପ୍ରାୟ ଏକ କିଲୋମିଟର ଲମ୍ବର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ଦୁର୍ଗା ମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋହେଲା ବିଡ଼ିଓ କରିସ୍ମା ବେସ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଥାନା ଆଇଆଇସି ହରିଶଙ୍କର ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର, ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ବଳବୀର ସିଂ ଠାକୁର, ଗିରିଜେଶ ଖାଡ଼ଙ୍ଗା ଉପସ୍ଥିତ ଥିଲେ।

## 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ



**ପଦ୍ମପୁର, ୧୨।୮ (ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦିଗମ୍ବର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଜାତୀୟ ପତାକା ଧରି ଏକ ବିଶାଳ ପଦଯାତ୍ରା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଏବଂ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ■ ତାଳପଦର ସାପ୍ତାହିକ ବଜାର ଶୌଚାଳୟ

# ନିର୍ମାଣର ୨ ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଉନି

**ବିଜେପୁର, ୧୨।୮ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ସାପ୍ତାହିକ ବଜାର ପରିସରରେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ ହେବାର ୨ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଏହି ଶୌଚାଳୟ ଆଜି ପର୍ଯ୍ୟନ୍ତ ଲୋକଙ୍କ ବ୍ୟବହାର ପାଇଁ ଖୋଲାଯାଇନାହିଁ। ଶୌଚାଳୟର ମୁଖ୍ୟ ଫାଟକରେ ତାଲା ଝୁଲୁଛି। ଫଳରେ ତାଳପଦର ବଜାରକୁ ପ୍ରତି ସପ୍ତାହରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ବହୁ ସଂଖ୍ୟାରେ ବ୍ୟବସାୟୀ ଗ୍ରାହକ ଶୌଚ ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ବିଶେଷକରି ମହିଳା, ବୃଦ୍ଧ ଓ ଦୂରଦୂରାନ୍ତରୁ ଆସୁଥିବା ବ୍ୟବସାୟୀଙ୍କ ଅଧିକ ହଇରାଣ ହେଉଛନ୍ତି। କିନ୍ତୁ ଲୋକଙ୍କ ସୁବିଧା ପାଇଁ ତିଆରି ହୋଇଥିବା ଶୌଚାଳୟଟି କାହିଁକି ବନ୍ଦ ପଡ଼ିଛି ଜଣାପଡୁନାହିଁ। ଏହାର ରକ୍ଷଣାବେକ୍ଷଣ ଓ ଦାୟିତ୍ୱ କାହାର, ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ଦୀର୍ଘ ସମୟ ଧରି ବନ୍ଦ ରହିବା ଯୋଗୁଁ ନଷ୍ଟ ହେବାକୁ ମଧ୍ୟ ବସିଲାଣି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।



### ପ୍ରତି ଶନିବାର 'ନୋ ବ୍ୟାଗ୍ ଡେ'

# ଖେଳି ଖେଳି ଶିଖୁଛନ୍ତି ଛାତ୍ରଛାତ୍ରୀ

**ବରଗଡ଼, ୧୨।୮ (ସମିସ):** ଶିକ୍ଷା କେବଳ ପାଠ୍ୟପୁସ୍ତକର ପୃଷ୍ଠା ମଧ୍ୟରେ ସୀମିତ ନୁହେଁ। ଖେଳ, ସୃଜନଶୀଳତା, ପ୍ରୟୋଗ, ଅନୁଭବ ଓ ଆନନ୍ଦ ମାଧ୍ୟମରେ ଶିଶୁମାନେ ଅନେକ କିଛି ଶିଖିପାରନ୍ତି। ଏହି ଚିନ୍ତାଧାରାକୁ ଆଧାର କରି ସୂର୍ଯ୍ୟଶ୍ରୀ ଟ୍ରିନିଟି ସ୍କୁଲ୍ ପକ୍ଷରୁ ଗତ ଏକ ବର୍ଷ ଧରି ପ୍ରତି ଶନିବାର 'ନୋ ବ୍ୟାଗ୍ ଡେ' ପାଳନ କରାଯାଉଛି। ଏହି ଦିନ ଛାତ୍ରଛାତ୍ରୀମାନେ କେବଳ ଟିଫିନ୍ ଓ ପାଣି ବୋତଲ ଧରି ଆସି ସାରାଦିନ ବିଭିନ୍ନ ମଜାଦାର, ସୃଜନଶୀଳ ଓ ଅନୁଭବଭିତ୍ତିକ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି। ଗତ ଏକବର୍ଷ ଧରି ଚାଲିଥିବା ଏହି ଅଭିନବ ପ୍ରୟାସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ, ଆତ୍ମବିଶ୍ୱାସ, ଦଳଗତ ଭାବନା, ସୃଜନଶୀଳତା ଓ ନୂଆ କିଛି ଜାଣିବାର ଆଗ୍ରହ ବୃଦ୍ଧିରେ ସହାୟକ ହୋଇଛି।



### ବର୍ଷାରେ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି

# କ୍ଷତିପୂରଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଚକରକେନ୍ଦ ଗ୍ରାମବାସୀ

**ବରଗଡ଼, ୧୨।୮ (ସମିସ)**

ଗତ ୨୮ ତାରିଖରେ ବରଗଡ଼ ଜିଲ୍ଲାରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଚକରକେନ୍ଦ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଗ୍ରାମର ଅନେକ ଘର ଭାଙ୍ଗିଯିବା ସହ ବହୁ କ୍ଷୟକ୍ଷତି ଘଟିଛି। ମଙ୍ଗଳବାର ଚକରକେନ୍ଦ ଗ୍ରାମବାସୀ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କ୍ଷତିପୂରଣ ସହ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ଘର ଭାଙ୍ଗିଯିବା ପରେ ବର୍ତ୍ତମାନ ଗ୍ରାମର ପ୍ରଭାବିତ ପରିବାରଗୁଡ଼ିକ ନିକଟସ୍ଥ କଲ୍ୟାଣମଣ୍ଡପରେ ଆଶ୍ରୟ ନେଇଛନ୍ତି। ଘରଦ୍ୱାର ହରାଇ ଅସ୍ଥାୟୀ ଭାବେ ରହୁଥିବା ପରିବାରଗୁଡ଼ିକଙ୍କ ସମସ୍ୟାର ତୁରନ୍ତ ସମାଧାନ ସହ ଆବାସ ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆବଶ୍ୟକ ସର୍ଭେ କରାଯାଇ ଯୋଗ୍ୟ ପରିବାରଙ୍କୁ ଆବାସ ଯୋଜନାରେ ସହାୟତା ଏବଂ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ କହିଛନ୍ତି।



## ଗୁଦେରପାଲି କଲେଜର ପ୍ରତିଷ୍ଠା ଦିବସ



**ଗାଇସିଲେଟ, ୧୨।୮ (ସମିସ):** ଗାଇସିଲେଟ ବ୍ଲକ ଗୁଦେରପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରୀତିଶ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି କିଶୋର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସରପଞ୍ଚ ରାମଚନ୍ଦ୍ର ପାତ୍ର, ଚାଷୀ ନେତା କିଶୋର ଚନ୍ଦ୍ର ଦେବତାଙ୍କ ସମେତ ପିଏସ ମେମ୍ବର ସରୋଜ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି ଅବସରରେ କାନ୍ଥ ପତ୍ରିକା 'ସୀମା' ଉନ୍ମୋଚିତ ହୋଇଥିଲା। କଲେଜ ପରିସରରେ ନୂତନ ଭାବେ ନିର୍ମିତ ଉପର ମହଲା କୋଠା ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା।

# ତ୍ରିରଙ୍ଗା ଶୋଭାଯାତ୍ରାରେ ଦେଶଭକ୍ତିର ବାର୍ତ୍ତା






**ଭବାନୀପାଟଣା, ୧୨।୮ (ସମିସ)**

ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶଭକ୍ତି, ଜାତୀୟ ଏକତା ଓ ଅଖଣ୍ଡତା ର ରାଷ୍ଟ୍ରପ୍ରେମର ବାର୍ତ୍ତା ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଏକ ଭବ୍ୟ ତ୍ରିରଙ୍ଗା ଶୋଭଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭଯାତ୍ରାରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଏବିଭିପିର କାର୍ଯ୍ୟକର୍ତ୍ତା ଛନ୍ଦାଚରଣ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଦେବାଶିଷ୍ ପଟ୍ଟନାୟକ, ଭୋଜରାଜ ସାହୁ, ବିଦ୍ୟାଧର ଭୋଇ, ହିତେଶ ସାହୁ, ନିତେଶ, ଅଭୟ, ସତ୍ୟମ୍, ବିଶ୍ୱରଞ୍ଜନ ସିଂ, ମଞ୍ଜିତ୍ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାରେ ଏବିଭିପି କାର୍ଯ୍ୟକର୍ତ୍ତାମାନେ କହିଲେ ଭାରତ ଛାତ୍ର ଶକ୍ତି ହିଁ ରାଷ୍ଟ୍ରର ଶକ୍ତି ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ଗ୍ରହଣରେ ସୀମିତ ନ ରହି ସମାଜ ଓ ରାଷ୍ଟ୍ର ନିର୍ମାଣରେ ନିଜର ଭୂମିକା ନିଭାଇବା ଆବଶ୍ୟକ। ଜାତୀୟ ପତାକା ଆମର ଗୌରବର, ଆମ ସ୍ୱାଧୀନତା ସଂଗ୍ରାମ, ବଳିଦାନ, ଏକତା ଓ ଗୌରବର ପ୍ରତୀକ। ତେଣୁ ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଦେଶପ୍ରତି କର୍ତ୍ତବ୍ୟବୋଧ ପ୍ରତ୍ୟେକ ଛାତ୍ରଛତ୍ରୀମାନଙ୍କର ଦ୍ୱାରା ମତପ୍ରକାଶ କରିଥିଲେ।

**ଖଡ଼ିଆଳ :** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନଗର ମଣ୍ଡଳ ପକ୍ଷରୁ 'ହର ଘର ତ୍ରିରଙ୍ଗା' ଅଭିଯାନ ଅବସରରେ ଏକ ବାଇକ୍ ଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ମାଧ୍ୟମରେ ଖଡ଼ିଆଳ ଏନ୍ଏସିର ୧୩ଟି ୱାର୍ଡ ପରିକ୍ରମା କରି ଘରେଘରେ ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଥିଲା। ଏହି ତ୍ରିରଙ୍ଗା ଯାତ୍ରାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ଜୟରାମ କୈବର୍ତ୍ତ, ବିଜେପି ଜିଲ୍ଲା ଯୁବ ସଭାପତି ଜ୍ଞାନ ରଞ୍ଜନ ମେଘ, ବରିଷ୍ଠ ନେତା ଅଭିନନ୍ଦନ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ମନୋଜ ପଟ୍ଟନାୟକ, ଦେବଦେବ ସିଂଦେଓ, ଶୁକ୍ରୁ ବାଗ, ସଦାନନ୍ଦ ଯୋଶୀଙ୍କ ସମେତ ୱାର୍ଡ ସଭ୍ୟମାନେ ଯୋଗ ଦେଇଥିଲେ।

**ଧର୍ମଗଡ଼/ଗୋଲାମୁଣ୍ଡା :** ଦେଶପ୍ରେମର ଭାବନା ଏବଂ ଜାତୀୟତା ବୋଧକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ଓ ଜନତାଙ୍କ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ବାଇକ ଆରୋହୀ ସାମିଲ ହୋଇଥିଲେ। ଏହି ବିଶାଳ ବାଇକ ଶୋଭାଯାତ୍ରାଟି ଗୋଲାମୁଣ୍ଡା ସଦର ମହକୁମାରୁ ବାହାରି ବୃନ୍ଦାବାହାଲ ଦେଇ କେଗାଁ ପର୍ଯ୍ୟନ୍ତ ଦୀର୍ଘ ପଥ ଅତିକ୍ରମ କରିଥିଲା। ଏହି ଅବସରରେ ରାଜ୍ୟ ବିଜେପି ଯୁବ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଶ୍ୱନାଥ ରାଉତ, ତହସିଲଦାର ଚନ୍ଦନ ନାୟକ ଏବଂ ଏବିଡିଓ ବିଜୟ କୁମାର ନାୟକ, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ଶେଳମା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ମନୋଜ କୁମାର ମେହେର, ପୂର୍ବତନ କଳାହାଣ୍ଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ବୈଶାଖୁ କେତକୀ, ଜୟନ୍ତ ସିଂ, ପ୍ରସନ୍ନ ରାଉତ, ପ୍ରମୋଦ ପ୍ରଧାନ, ଭାଗ୍ୟବାନ ବାଗ, ଜୟକୃଷ୍ଣ ସାହୁ, ମନୋଜ ଅଗ୍ରୱାଲ, ଅନନ୍ତରାମ ବେହେରା, ଜନକ ସା, ଶ୍ୟାମସୁନ୍ଦର ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ଆଶୁତୋଷ ରାଉତ, ପ୍ରସନ୍ନ ରାଉତ, ମାଣିକ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଏବିଭିପିର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀଙ୍କ ନିନ୍ଦା

**ଭବାନୀପାଟଣା, ୧୨।୮ (ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ଚିଠି ଅନୁସାରେ ଅଗଷ୍ଟ ୧୩ ତାରିଖରେ ଜିଲ୍ଲା ପ୍ରଶାସନ ତରଫରୁ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ସରକାରୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଯୋଗଦେବା ପାଇଁ ଚିଠି କରିଛନ୍ତି। କିନ୍ତୁ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ କାର୍ଯ୍ୟକ୍ରମର ଠିକ୍ ଗୋଟିଏ ଦିନ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କିଛି ଛାତ୍ର ଓ କର୍ମକର୍ତ୍ତା ବିନା ଅନୁମତିରେ ଶୃଙ୍ଖଳା ଭଙ୍ଗ ସହ ଅନଧିକୃତ କାର୍ଯ୍ୟକ୍ରମ କରିବାର ଅଭିଯୋଗ ହୋଇଛି। ଏନେଇ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଲିଖିତ ଭାବରେ କୁଳସଚିବ ଡ. ଗୁଣନିଧି ନାୟକଙ୍କ ପାଖରେ ଫେରାଦ ହୋଇଛନ୍ତି। ବିନା ଅନୁମତିରେ ପାଠପଢ଼ା ଚାଲିଥିବା ସମୟରେ କିଭଳି ଏକ ଛାତ୍ର ସଂଗଠନ ନିଜର ବ୍ୟାନର, ପତାକା ଓ ସାଉଣ୍ଡ ସିଷ୍ଟମ ବ୍ୟବହାର କରି ବିଶ୍ୱବିଦ୍ୟାଳୟ ଭିତରେ ହୋହାଲ୍ଲା କଲେ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିଛନ୍ତି। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ଏହା ଉପରେ ବିହିତ ପଦକ୍ଷେପ ନ ନେଲେ ଖୁବ୍ଶୀଘ୍ର ଆନ୍ଦୋଳନ କରାଯିବ ବୋଲି ଛାତ୍ର ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ର ନେତା ମୁରଲୀଧର ସାହୁ, ସିଦ୍ଧାର୍ଥ ନାଏକ, କଲ୍ୟାଣ ସାହୁ, ସାସ୍ୱତ ପାଢ଼ି, ବିଶ୍ୱ ବିଶି, ସୁରଜ ହରପାଲ, ଆଦିତ୍ୟ ରାଉତ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଏବିଭିପି ଛାତ୍ରନେତାଙ୍କୁ ପଚାରିବାରୁ ସେ କହିଛନ୍ତି ପୁଲିସ ଏବଂ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ପୂର୍ବରୁ ନେବାପରେ ଏହି ରାଲି ବାହାରିଛି। କିଛି ବିରୋଧୀ କାର୍ଯ୍ୟକ୍ରମକୁ ବିରୋଧ କରିବା କିଛି ନୂଆକଥା ନୁହେଁ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**ଜୁନାଗଡ଼, ୧୨।୮ (ସମିସ):** ଜୁନାଗଡ଼ ଥାନା ଅଧୀନ ଦାସିଗାଁ ପଞ୍ଚାୟତର ଚିଲକପୁର ବସ୍ଷ୍ଟାଣ୍ଡ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୋଟିଏ ବାଇକ୍‌ରେ ଦୁଇଜଣ ଏବଂ ଅନ୍ୟ ଏକ ବାଇକ୍‌ରେ ଜଣେ ଯାଉଥିଲେ। ଚିଲକପୁର ବସ୍ଷ୍ଟାଣ୍ଡ ସମ୍ମୁଖରେ ଉଭୟ ବାଇକ୍ ମଧ୍ୟରେ ହଠାତ୍ ଧକ୍କା ହେବାରୁ ତିନିଜଣ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ଚିଲକପୁର ଗ୍ରାମର ପ୍ରଦୀପ ଚଣ୍ଡୀ (୨୬), ଚିଲକପୁର ଲେଞ୍ଜାପଡ଼ାର କୁଶ ସୁନାନୀ (୨୬) ଏବଂ ମହିଚଲା ଗ୍ରାମର ଖୁସିରାମ ମାଝୀ (୪୫) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟଲୋକଙ୍କ ସହଯୋଗରେ ତିନିଜଣଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା। ଖୁସିରାମ ମାଝୀଙ୍କୁ ଚିଲିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ କୁଶ ସୁନାନୀ ଓ ପ୍ରଦୀପ ଚଣ୍ଡୀଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପ୍ରଦୀପ ଚଣ୍ଡୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ମାଲିକଙ୍କ ଅଜାଣତରେ ଜମି ଚୋରି ଅଭିଯୋଗ



**କୋମନା, ୧୨।୮ (ସମିସ):** ପ୍ରକୃତ ଜମି ମାଲିକଙ୍କ ଅଜାଣତରେ ଚୋରି ହୋଇ ଯାଇଛି ୪ ଏକର ୪୦ ଡିସିମିଲ ଜମି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଧୀନରେ ଥିବା ଚାନ୍ଦୋପଲା ଗାଁରେ। ପ୍ରକୃତ ଜମି ମାଲିକ ଜାଣି ପାରିବା ପରେ କୋମନା ତହସିଲଦାର ତଥା ସବ ରେଜିଷ୍ଟ୍ରାରଙ୍କ ପାଖରେ ଅଭିଯୋଗ କରିଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଧୀନ ଚାନ୍ଦୋପଲା ଗାଁରେ ସତ୍ୟନାରାୟଣ ପ୍ରଧାନୀଙ୍କ ନାମରେ ୪ ଏକର ୪୦ ଡିସିମିଲ ଚାଷ ଜମି ଥିଲା। କିନ୍ତୁ ସତ୍ୟନାରାୟଣ ପ୍ରଧାନୀ ଏବେ ଫସଲବୀମା କରିବା ପାଇଁ ତାଙ୍କ ଜମି ପଟ୍ଟା ଧରି ସମବାୟ ସମିତିକୁ ଯାଇଥିଲେ। ସେଠାରୁ ଜଣାପଡ଼ିଲା ଯେ ତାଙ୍କ ନାମରେ ଆଉ ଜମି ନାହିଁ, ସବୁ ବିକ୍ରି ହୋଇଯାଇଛି। ଜାଣିବା ପରେ ପରିବାର ସହ କୋମନା ତହସିଲଦାର ତଥା ସବ୍ ରେଜିଷ୍ଟ୍ରାରଙ୍କୁ ସତ୍ୟନାରାୟଣ ପ୍ରଧାନୀ ( ଅଭିଯୋଗକାରୀ ପ୍ରକୃତ ଜମି ମାଲିକ) ଶାନ୍ତି ପ୍ରଧାନି ( ସତ୍ୟନାରାୟଣଙ୍କ ସମ୍ପର୍କୀୟ) ନବୀନ ଚନ୍ଦ୍ର ପ୍ରଧାନୀ ( ସତ୍ୟନାରାୟଣଙ୍କ ସମ୍ପର୍କୀୟ) ସହ ପରିବାରର ଅନ୍ୟ ସଦସ୍ୟମାନେ ଆସି ଜଣାଇଛନ୍ତି। ପୂର୍ବପୁରୁଷଙ୍କ ଜମି ରାତାରାତି ବିକ୍ରିହୋଇ ଯିବା ପରେ ପରିବାର ସହ ସତ୍ୟନାରାୟଣ କୋମନା ତହସିଲଦାର ତଥା ସବ ରେଜିଷ୍ଟ୍ରାରଙ୍କୁ ଜଣାଇ ଥିଲେ। ଜଣାପଡ଼ିଲା ଯେ କୌଣସି ଜଣେ ନକଲି ଆଧାରକାର୍ଡ କରି ନିଜେ ସତ୍ୟନାରାୟଣ ପ୍ରଧାନୀ ପରିଚୟ ଦେଇ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଗାଁର ଜଣକୁ ସବୁ ଜମିବିକ୍ରି କରି ଦେଇଛି। ଅଭିଯୋଗ ପାଇଲାପରେ କୋମନା ତହସିଲଦାର ତଥା ସବରେଜିଷ୍ଟ୍ରାର ସର୍ବେଶ୍ୱର ଜାଲ କୋମନା ଥାନାରେ ଏକ ଏତଲା ଦେଇଛନ୍ତି।

# ଗର୍ଭବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

**ଭବାନୀପାଟଣା, ୧୨।୮ (ସମିସ):** କଳାହାଣ୍ଡିରେ ଏକ ଲଜ୍ଜାକର ଘଟଣା ସମସ୍ତଙ୍କ ପାଇଁ ଚର୍ଚ୍ଚାର କାରଣ ହୋଇଛି। ଭବାନୀପାଟଣା ସଦର ଥାନା ଅଞ୍ଚଳରେ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରାର୍ଥନା ବାହାନାରେ ସ୍ଥାନୀୟ ପାଷ୍ଟର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗର୍ଭବତୀ ମହିଳା ଜଣକ ଅସୁସ୍ଥ ଥିବାରୁ ତାଙ୍କୁ ଭଲ କରାଇଦେବା ଉଦ୍ଦେଶ୍ୟରେ ପ୍ରାର୍ଥନା କରିବାକୁ ପଡ଼ିବ ବୋଲି ପାଷ୍ଟର କହିଥିଲେ। ଏବଂ ତମକୁ ଘରକୁ ଆସିବା ଦରକାର କହି ବାହାନାରେ ଘରକୁ ଡାକିଥିଲେ। ସଦର ଥାନାରେ ମହିଳାଙ୍କ ରିପୋର୍ଟ ଆଧାରରେ ଜଣାପଡ଼ିଛି ଯେ ସ୍ୱାମୀଙ୍କୁ ନିଶା ଦେବାପରେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସଦର ଥାନାରେ ମହିଳାଜଣକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଚୋରି ସାମଗ୍ରୀ ସହ ଧରା ପଡ଼ିଲେ ନାବାଳକ

**ଭବାନୀପାଟଣା, ୧୨।୮ (ସମିସ):** ଭବାନୀପାଟଣା ଟାଉନ ଥାନା ପୁଲିସ ଚୋରି ସାମଗ୍ରୀ ସହ ଜଣେ ନାବାଳକକୁ ଧରିଛି। ତା 'ଠାରୁ ସୁନାଗହଣା, ନଗଦ ୮ ୬୧୦ ଟଙ୍କା ଓ ବିଦ୍ୟୁତ କେବୁଲ ତାର ପୁଲିସ ଜବତ କରିଛି। ଗତ ୧୦ ତାରିଖ ରାତିରେ ନାବାଳକ ଜଣକ ଭବାନୀପାଟଣା ସୀତାବୋର୍ଡ଼ିପଡ଼ାର ସୁନିଲ ବାଗଙ୍କ ଘରୁ ସୁନାଗହଣା, ଟଙ୍କା ଏବଂ ଯଶପାଲ ସିଂଙ୍କ ଗୋଦାମରୁ ବିଦ୍ୟୁତ କେବୁଲ ତାର ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ବର୍ତ୍ତମାନ ନାବାଳକକୁ ଏହି ୨ଟି ମାମଲାରେ ଭବାନୀପାଟଣା ଜୁଭେନାଇଲ ଜଷ୍ଟିସ ବୋର୍ଡ଼କୁ ପଠା ଯାଇଥିବା ଟାଉନ୍ ଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି।

## ଅଜାଆଇଙ୍କ ଭରସାରେ ଶିଶୁ

# ସହଯୋଗର ହାତ ବଢ଼ାଇଲେ ଜିଲ୍ଲା ପରିଷଦ ସଦସ୍ୟା

**କଲମପୁର, ୧୨।୮ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଧୀନ କୋଟାଗାଁ ପଞ୍ଚାୟତର ଜଣେ ନାବାଳିକା ଗର୍ଭବତୀ ହେବାପରେ ତାଙ୍କ ଅବର୍ତ୍ତମାନରେ ସେହି ଶିଶୁପୁତ୍ର ଅଜାଆଇ ଭରସାରେ ଲାଳନପାଳନ ହୋଇ ଆସୁଛି। ମାଆର ମୁହଁ ଦେଖି ନ ଥିବା ଶିଶୁପୁତ୍ର ଏକବର୍ଷ ହେବାକୁ ବସିଲାଣି। ହେଲେ କୌଣସି ପ୍ରକାରର ସରକାରୀ ସହାୟତା ଏଯାଏଁ ପାଇ ପାରି ନାହାନ୍ତି। ଏନେଇ ଅଜାଆଇ ବାରମ୍ବାର ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଲେଣି ଅଥଚ କୌଣସି ସୁଫଳ ପାଇ ପାରିନାହାନ୍ତି। ଏହାର ପ୍ରମୁଖ କାରଣ ହେଲା ଆଧାର ସମସ୍ୟା, ଶିଶୁର ଜନ୍ମ ପ୍ରମାଣ ପତ୍ର ମିଳୁ ନ ଥିବାରୁ ଆଧାର ପଞ୍ଜୀକରଣ ହୋଇ



ପାରୁନାହିଁ। ଏଥିପାଇଁ କୌଣସି ସରକାରୀ ସହାୟତା ମିଳୁ ନ ଥିବା କର୍ମଚାରୀମାନେ ସଫେଇ ଦେଉଛନ୍ତି। ଏନେଇ ଦୈନିକ ଖବରକାଗଜ 'ସକାଳ'ରେ ଜୁଲାଇ ୨୭ତାରିଖ ଦିନ 'ଅଜାଆଇଙ୍କ ଭରସାରେ ଶିଶୁ, ଜନ୍ମ ପ୍ରମାଣପତ୍ର ମିଳୁ ନ ଥିବାରୁ ସରକାରୀ ସହାୟତାରୁ ବଞ୍ଚିତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ମଧ୍ୟ ବିଭାଗୀୟ ଅଧିକାରୀମାନେ ନିଘୋଡ଼ ନିଦରେ ଶୟନ କରିଥିବା ବେଳେ ଆଜି କଲମପୁର ଜିଲ୍ଲା ପରିଷଦ ଯୋନ -୧ ସଦସ୍ୟା ଦୁହିତା ମାଝୀ ସମ୍ପୃକ୍ତ ପରିବାର ନିକଟରେ ପହଞ୍ଚି ଥିଲେ। କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଶିଶୁ ଜନ୍ମ ପ୍ରମାଣ ପତ୍ର ହାସଲକରି ଆଧାରକାର୍ଡ ପାଇବା ପର୍ଯ୍ୟନ୍ତ ଲଢେଇ କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମୟରେ ଆଶାକର୍ମୀ ଉପସ୍ଥିତ ରହିଥିବା ବେଳେ ବିଜେଡିର ପଞ୍ଚାୟତ ସଭାପତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ - ଚିତ୍ରାଙ୍କନ ପ୍ରତିଯୋଗିତା



**କେସିଙ୍ଗା, ୧୨।୮ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ପ୍ରଶାସନ ପକ୍ଷରୁ ଏସଆଇଆର୍ ୨୦୨୬ ଉପରେ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହାଦ୍ୱାରା ଲୋକେ ଭୋଟର ତାଲିକା ଉପରେ ଜାଣିବେ। ଏଥିସହ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ। ତେଣୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ସହାୟତାରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନବାଗତ ଭୋଟର ଏବଂ କଲେଜ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଦୃଷ୍ଟିରେ ରଖି ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି କାଣ୍ଡେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତା କରାଯାଇଛି। ଭବାନୀପାଟଣା ଉପ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ପ୍ରଭାତ କୁମାର ପରିଡ଼ା ଏଥିରେ ଅଧକ୍ଷତା କରି ଏସ୍ଆଇ. ଆର୍.-୨୦୨୬ର ଉଦ୍ଦେଶ୍ୟ, ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ଯୋଡ଼ିବା, ତ୍ରୁଟି ସଂଶୋଧନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ି ମତଦାନରେ ଅଂଶଗ୍ରହଣ ଉପରେ କହିଥିଲେ। ଛାତ୍ରୀଛାତ୍ରମାନେ ନିଜେ ସଚେତନ ହେବାସହ ଅନ୍ୟମାନଙ୍କୁ ସଚେତନତା କରିବାକୁ ଉପ ଜିଲ୍ଲାପାଳ ଶ୍ରୀ ପରିଡ଼ା ଆହ୍ୱାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର ଭବାନୀପାଟଣା ଧନଞ୍ଜୟ କିଶାନ, କେସିଙ୍ଗା ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ପ୍ରଶାନ୍ତି ପ୍ରଧାନ, କେସିଙ୍ଗା ବ୍ଲକ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁ, ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲ, ମହାବିଦ୍ୟାଳୟର ଅଧାପକ-ଅଧାପିକା, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କଳାହାଣ୍ଡିରେ ପାଳିତ ହେଲା ହରାଲି ଉଆଁସ

**ଭବାନୀପାଟଣା, ୧୨।୮ (ସମିସ):** କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରେ ପାଳିତ ହୋଇଛି ଚିତାଲାଗି ଅମାବାସ୍ୟା ବା ହରାଲି ଉଆଁସ। ବିଭିନ୍ନ ସମ୍ପ୍ରଦାୟ ଲୋକାଚାର ଓ କୂଳାଚାର ଭିତ୍ତିରେ ଏହି ପର୍ବ ପାଳନ କରିଛନ୍ତି। ତେବେ ମଗଧା ଯାଦବ ଗୋଷ୍ଠୀ ହରାଲି ଉଆଁସକୁ



ଭିନ୍ନଢ଼ଙ୍ଗରେ ପାଳନ କରିଥିବା ଦେଖାଯାଇଛି। ପୂର୍ବେ ମଗଧା ଯାଦବମାନେ ଶ୍ରାବଣ କୃଷ୍ଣ ଅମାବାସ୍ୟା ଦିନ କୃଷି କ୍ଷେତ୍ରରେ କେନ୍ଦୁ ଶାଖା ସ୍ଥାପନ କରି ସମରଭ୍ୟାସ କରିବାକୁ ସୀମାକୁ କିମ୍ବା ଆଖଡାକୁ ଚାଲି ଯାଉଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଏହା ପରମ୍ପରା ହୋଇ ରହିଛି। ବୁଧବାର ସକାଳୁ ମଗଧା ଯାଦବ ଗୃହକର୍ତ୍ତା ଓ ଗୃହିଣୀ ହଳଦୀ ମିଶ୍ରିତ ଅରୁଆ ଚାଉଳରେ ଗାଇ ଗୋରୁଙ୍କୁ ବନ୍ଦାପନା କରିଥିଲେ। ଗୋବନ୍ଦାଣ ପରେ କେନ୍ଦୁ ବୃକ୍ଷକୁ ପୂଜାର୍ଚ୍ଚନା କରି ସେହି ବୃକ୍ଷର ଏକ ଶାଖା ନେଇ କ୍ଷେତରେ ସ୍ଥାପନ କରାଯାଇଥିଲା। କେନ୍ଦୁ ଶାଖାକୁ ଚାଉଳ ଓ ପୁଷ୍ପ ଅର୍ପଣ କରିବା ପରେ କ୍ଷୀର ଢଳା ଯାଇଥିଲା। କୃଷି କ୍ଷେତ୍ରରେ ଚିତାଉ ପିଠା ପକାଇ ପୃଥିବୀ ମାତାଙ୍କୁ ପ୍ରଣିପାତ ପୂର୍ବକ ଉତ୍ତମ ଶସ୍ୟ ଅମଳର କାମନା କରିଥିଲେ କୃଷକ। ଏହି ଦିନ ପିଦରରେ ପିତୃପୁରୁଷଙ୍କୁ ମନସା ଆଦରା କରିବା ସହ ଅସ୍ତ୍ରଶସ୍ତ୍ର ପୂଜା କରିଥିଲେ ମଗଧା ଗୋଷ୍ଠୀ। ସନ୍ଧ୍ୟାରେ ବନ୍ଧୁବାନ୍ଧବ ଓ ହଳିଆ ତୁଲିଆଙ୍କୁ ଡାକି ଭୁରି ଭୋଜନରେ ଆପ୍ୟାୟିତ କରିବାର ବିଧି ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗଯୁଦ୍ଧରେ ଯୋଗଦେବାକୁ ମଗଧରୁ ଚନ୍ଦ୍ରବଂଶୀ କ୍ଷେତ୍ରୀୟମାନେ ସମ୍ରାଟ ଅଶୋକଙ୍କ ସହ କଳିଙ୍ଗକୁ ଆସିଥିଲେ। କଳିଙ୍ଗଯୁଦ୍ଧ ପରେ ଶାନ୍ତି ସ୍ଥାପନ ହେଲା। ତେବେ ସମ୍ରାଟ ଅଶୋକ ବିଜୟୀ ମଗଧା ବାହିନୀକୁ ମଗଧ ନନେଇ କଳିଙ୍ଗର ପଡ଼ୋଶୀ ଆଟବିକ ରାଜ୍ୟରେ ଥଇଥାନ କରାଇଥିଲେ। ପରବର୍ତ୍ତୀ ସମୟରେ ଏମାନେ କୃଷିଜୀବୀ ସମୂଦାୟରେ ପରିଣତ ହେଲେ। ତେବେ ସମ୍ରାଟ ଖାରବେଳଙ୍କ ଶାସନ କାଳରେ ଏମାନେ କୃଷିକର୍ମ ଓ କ୍ଷତ୍ରୀୟ ବୃତ୍ତି ଉଭୟ ଆଚରୁଥିଲେ। ହରାଲି ଉଆଁସର ଛତ୍ରେ ଛତ୍ରେ ମଗଧା ଯାଦବଙ୍କ ଗାଥା ବାରିହୋଇ ପଡ଼ିଥାଏ।

# 'ଘରେ ଘରେ ତ୍ରିରଙ୍ଗା' ପ୍ରସ୍ତୁତି ବୈଠକ

**ସିନାପାଲି, ୧୨।୮ (ସମିସ):** ନୂଆପଡ଼ା ସଦର ମହକୁମାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ସଫଳ ଭାବେ ପାଳନ କରିବା ନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଅଭିଯାନର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୧୪ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯିବ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ସିଆରପିଏଫ ଯବାନ, ପୁଲିସ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରିବେ। ଶୋଭାଯାତ୍ରା ପରେ ମୁଖ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ମଧ୍ୟ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଭବ୍ୟ ଭାବେ ପାଳନ କରାଯିବ। ଏହି ଅବସରରେ ବିଭିନ୍ନ ଦେଶପ୍ରେମମୂଳକ ଓ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ୍ୟ ଯୋଜନା କରାଯାଇଛି। କାର୍ଯ୍ୟକ୍ରମ ତଦାରଖ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କମିଟିରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ସାମିଲ କରାଯାଇଛି। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ମାନବିକତାର ପରିଚୟ ଦେଲା ବିନ୍ଦୁମିନା ସେବା ଫାଉଣ୍ଡେସନ

# ଭୁବନେଶ୍ୱରରୁ ଫେରିଲା ମହିଳାଙ୍କ ମୃତଦେହ

**ଗୋଲାମୁଣ୍ଡା, ୧୨।୮ (ସମିସ)**

ଏ ଦୁନିଆରେ କିଛି ବ୍ୟକ୍ତିଙ୍କୁ ଅକାଳରେ ସଂସାର ଛାଡ଼ି ଚାଲିଯିବାକୁ ପଡ଼ିଥାଏ। ହେଲେ ପରିବାର ପ୍ରତି ଥିବା ଦାୟିତ୍ୱ ଅଧାରେ ରହିଯିବା ଫଳରେ ପଛରେ ରହିଯାଇଥିବା ସ୍ୱାମୀ ଓ ଛୋଟ ଛୋଟ ସନ୍ତାନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଖଲିଆକାନୀ ପଞ୍ଚାୟତର କୁରେସିନୀ ଗାଁରେ। ସୂଚନା ଅନୁଯାୟୀ, କୁରେସିନୀ ଗ୍ରାମର ସଂଗୁ ନାଏକଙ୍କ ପତ୍ନୀ ସଜନୀ ନାଏକ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ



ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହସ୍ପିଟାଲରେ ମୃତ ମାଆଙ୍କ ପାଖରେ ତାଙ୍କର ଏକ ନାବାଳକ ପୁଅ ଓ ସ୍ୱାମୀ ଉପସ୍ଥିତ ଥିଲେ ମଧ୍ୟ ଆର୍ଥିକ ଅଭାବ ଯୋଗୁଁ ମୃତଦେହକୁ ନିଜ ଗାଁ କୁରେସିନୀକୁ ଆଣିବା ପାଇଁ ସେମାନେ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ। ଏହି ସଂକଟ ସମୟରେ ମୃତ ମହିଳାଙ୍କ ପୁଅ ସୋସିଆଲ ମିଡ଼ିଆ ମାଧ୍ୟମରେ ସହଯୋଗ ପାଇଁ ଆକୁଳ ନିବେଦନ କରିଥିଲେ। ଏହା ଦେଖି ସ୍ଥାନୀୟ ଯୁବକ ପିଣ୍ଟୁ ମେହେର, ପିଣ୍ଟୁ ନାଏକ, ହୁତେଶ ମସ୍ରା ଓ ବୈଶାଖୁ କେତକୀ ପ୍ରମୁଖ ତୁରନ୍ତ 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ସହ ଯୋଗାଯୋଗ କରିଥିଲେ। ଖବର ପାଇବା ମାତ୍ରେ ବିନ୍ଦୁମିନା ସେବା ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ତତ୍ପରତା ପ୍ରକାଶ କରାଯାଇ ଭୁବନେଶ୍ୱରରୁ କୁରେସିନୀ ଗ୍ରାମକୁ ମୃତଦେହ ଆଣିବା ପାଇଁ ଏକ ଗାଡ଼ିର ମାଗଣା ବ୍ୟବସ୍ଥା କରାଯାଇଥିଲା। ଫାଉଣ୍ଡେସନର ଏହି ମହତ ସହଯୋଗ ଯୋଗୁଁ ମୃତଦେହ ଆଜି ନିଜ ଗାଁରେ ପହଞ୍ଚିବା ପରେ ସମ୍ମାନର ସହ ଗ୍ରାମ୍ୟ ସ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।





## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। ଅଟକି ଥିବା ଧନ ମିଳିପାରେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜମି କିଣିବା ଯୋଗ ରହିଛି।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦାନ ଧର୍ମ କରିବେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କର୍କଟ:** ପରିବାର ଲୋକଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ସିଂହ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ପୈତୃକ ସମ୍ପତ୍ତିକୁ ନେଇ ଭାଇଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଦୀର୍ଘ ଦିନର ଆଶା ପୂରଣ ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ବନ୍ଧୁ ମିଳନ ଯୋଗ ରହିଛି।

**ତୁଳା:** ବ୍ୟବସାୟରେ ଲାଭ ମିଳିପାରେ। ମନ ଚଞ୍ଚଳ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ମାନ ସମ୍ମାନ ବୃଦ୍ଧି ପାଇବ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ସମୟର ସଠିକ ଉପଯୋଗ କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଆଶା କରିଥିବା ଦିଗରୁ ଧନ ମିଳିପାରେ।


**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ବନ୍ଧୁ ମିଳନ ଯୋଗ ଅଛି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମୀନ:** ମାନ ସମ୍ମାନ ବୃଦ୍ଧି ପାଇବ। ଅଚାନକ ବିଦେଶ ଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

## ଆଜିର ଐତିହ୍ୟ

- ୧୬୪୫- ସ୍ୱିଡେନ ଓ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୭୯୫- ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ପରଲୋକ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା।

# ବିଶ୍ୱ ଅଙ୍ଗଦାନ ଦିବସ



ଅଙ୍ଗଦାନ ହେଉଛି ଏକ ମହାନ ଦାନ, ଯେଉଁଥିରେ ଜଣେ ମୃତ କିମ୍ବା ଜୀବିତ ବ୍ୟକ୍ତିଙ୍କ ସୁସ୍ଥ ଅଙ୍ଗ ଅନ୍ୟ ଜଣେ ଅସୁସ୍ଥ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ। ଏହାଦ୍ୱାରା ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଏକ ନୂତନ ଜୀବନ ପାଇପାରୁଛନ୍ତି। ଗୋଟିଏ ମୃତ ଶରୀରରୁ ହୃଦୟ, ଯକୃତ, କିଡ୍‌ନୀ, ଓ ଫୁସ୍‌ଫୁସ୍ ଭଳି ଅନେକ ଅଙ୍ଗଦାନ କରି ଏକାଧିକ ଜୀବନ ରକ୍ଷା କରାଯାଇପାରିବ। ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି। ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ । ମୃତ୍ୟୁ ପରେ ମଧ୍ୟ ଅନ୍ୟ ଶରୀରରେ ଜୀବିତ ରହିବାର ଏହା ଏକ ଶ୍ରେଷ୍ଠ ମାଧ୍ୟମ। ଆମ ଦେଶରେ ଯକୃତ୍, ବୃକ୍‌କ, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାର, ଯଥା ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକ୍‌କ, ଯକୃତ୍, ହୃଦୟ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଚକ୍ଷୁ, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍‌କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍‌କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍‌କ ପ୍ରତ୍ୟାରୋପଣ ଜୀବିତଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ୍ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ। ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ। କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲେ ତାଙ୍କ ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ। ଯଦିଓ ୧୮ ରୁ ୬୫ ବର୍ଷ ବୟସ୍କ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ। ସେହିପରି କ୍ୟାନସର, ଏଚ୍‌ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ। ଓଡ଼ିଶା ସରକାର ଅଙ୍ଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଅଙ୍ଗଦାତାଙ୍କ ପରିବାରକୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରୁଛନ୍ତି। ଏହା ବ୍ୟତୀତ, ଓଡ଼ିଶା ସରକାର ଏବେ ଅଙ୍ଗଦାତାଙ୍କ ଅନ୍ତିମ ସଂସ୍କାରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରୁଛନ୍ତି।

# ଦୀର୍ଘାୟୁର ରାଜ୍ କହିଲେ ୧୧୧ ବର୍ଷୀୟା ବୃଦ୍ଧା



ବୟସ ବଢ଼ିବା ସହିତ ଅଧିକାଂଶ ଲୋକଙ୍କର ଚଳପ୍ରଚଳ କରିବାରେ ସମସ୍ୟା ହୁଏ। ଏମିତି ବି ସମୟ ଆସେ, ସେମାନେ ଖାଇବା ପିଇବା ପାଇଁ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରନ୍ତି। ହେଲେ କିଛି ଲୋକ ଏମିତି ବି ଥାଆନ୍ତି ଯେଉଁମାନେ ବୟସର ଏଭଳି ଏକ ସ୍ତରରେ ପହଞ୍ଚି ମଧ୍ୟ ନିଜର ସମସ୍ତ ଛୋଟବଡ଼ କାମ ନିଜେ କରିଥାଆନ୍ତି। ଏହି କ୍ରମରେ ଚୀନ୍‌ର ଜଣେ ୧୧୧ ବର୍ଷୀୟା ବୃଦ୍ଧାଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ପୂର୍ବ ଚୀନ୍‌ର ଜିଆଙ୍ଗସୁ ପ୍ରାନ୍ତରେ ରୁଗାଓ ନାମକ ଏକ ଅଞ୍ଚଳ ଅଛି, ଏହା ଦୀର୍ଘାୟୁ ଲୋକଙ୍କ ସହର ଭାବେ ଜଣାଯାଏ। ଏହି ଅଞ୍ଚଳରେ ୧୧୧ ବର୍ଷୀୟା ୱାଙ୍ଗ ଗାଇୟିଙ୍ଗ୍ ରୁହନ୍ତି। ୱାଙ୍ଗ ଜିମ୍ ଯାଆନ୍ତି ନାହିଁ କି କୌଣସି ସୁପର ଏନର୍ଜି ଡ୍ରିଙ୍କ୍ ମଧ୍ୟ ନିଅନ୍ତି ନାହିଁ। ଏସବୁ ପରେ ବି ସେ ତାଙ୍କର ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ନିଜେ କରନ୍ତି। ୱାଙ୍ଗ ଘରର ଛୋଟମୋଟ କାମକୁ ହିଁ ନିଜର ପ୍ରକୃତ ୱର୍କଆଉଟ୍ ବୋଲି ମାନନ୍ତି। ତାଙ୍କ ମତରେ, ଝାଡୁ-ପୋଛା କରିବା, ଟେବୁଲ୍ ସଫା କରିବା ଏବଂ କପଡ଼ା ଭାଙ୍ଗିବା ଦ୍ୱାରା ତାଙ୍କର ବ୍ୟାୟାମ ହୋଇ ଯାଉଛି। ଯେତେବେଳେ ବି ପରିବାର ଲୋକେ ତାଙ୍କୁ ଆରାମ କରିବାକୁ ପରାମର୍ଶ ଦିଅନ୍ତି, ସେ କୁହନ୍ତି , କାମ କରିବା ଦ୍ୱାରା ତାଙ୍କ ଶରୀରରେ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଥାଏ ଏବଂ ଶାରୀରିକ ସ୍ତରରେ ବେଶ୍ ସକ୍ରିୟ ରୁହନ୍ତି। ଅପରପକ୍ଷରେ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ରୁଗାଓ ଅଞ୍ଚଳର ମାଟିରେ କିଛି ବିଶେଷ ପ୍ରକାରର ଖଣିଜ ପଦାର୍ଥ ମିଳିଥାଏ। ଏହି କାରଣରୁ ସେଠାରେ ଉତ୍ପନ୍ନ ହେଉଥିବା ଫସଲରେ ମଣିଷ ଶରୀର ପାଇଁ ଆବଶ୍ୟକ ଜରୁରୀ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ଥାଏ। କେବଳ ଏହି ଅଞ୍ଚଳରେ ୧୦୦ ବର୍ଷରୁ ଅଧିକ ବୟସର ୬୭୨ ଜଣ ଲୋକ ବାସ କରନ୍ତି। ୱାଙ୍ଗ ସାଧାରଣ ଖାଦ୍ୟପେୟ ପସନ୍ଦ କରନ୍ତି। ସେ ମାଛ ଖାଇବାକୁ ବହୁତ ଭଲ ପାଆନ୍ତି। ସେ କେବେ ହେଲେ ବି ଓଭରଇଟିଂ କରନ୍ତି ନାହିଁ ଏବଂ ସବୁବେଳେ ସନ୍ତୁଳିତ ଖାଦ୍ୟ ହିଁ ଖାଇଥାଆନ୍ତି। ତେବେ ତାଙ୍କର ଦୀର୍ଘାୟୁ ହେବାର ଅନ୍ୟ ଏକ ରହସ୍ୟ ହେଉଛି ମାନସିକ ଶାନ୍ତି। ସେ କେବେହେଲେ କୌଣସି କଥାକୁ ରାଗ ରଖି ଶୁଅନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭଲ ନିଦରେ ଶୋଇବା ପରେ ଅଧା ସମସ୍ୟାର ସମାଧାନ ହୋଇଯାଏ। ତାଙ୍କର ଶୋଇବା ସମୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ଅଟେ। ସେ ସନ୍ଧ୍ୟା ୭ ଟାରେ ଶୋଇଯାଆନ୍ତି ଏବଂ ସକାଳ ୭ ଟାରେ ଉଠନ୍ତି। ଏହା ବ୍ୟତୀତ ସେ ଦିନରେ ମଧ୍ୟ ଥରେ-ଦୁଇ ଥର ଅଳ୍ପ ସମୟ ପାଇଁ ଶୋଇଥାନ୍ତି।

# ଅର୍ଜୁନଙ୍କ ନୂଆ ପ୍ରେମିକା

ବଲିଉଡ୍ ଅଭିନେତା ଅର୍ଜୁନ କପୁର, ଦୁବାଇର ମଡେଲ ତଥା ରିଆଲିଟି ଶୋ' ତାରକା ପାମେଲା ସେରେନାଙ୍କୁ ଡେଟ୍ କରୁଥିବା ଖବର ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ମଲାଇକା ଅରୋରାଙ୍କ ସହ ବ୍ରେକଅପ୍ ପରେ ଅର୍ଜୁନ ଏବେ ପାମେଲାଙ୍କ ପ୍ରେମରେ ପଡ଼ିଥିବା କୁହାଯାଉଛି। ନିକଟରେ ରିଆଲିଟି ଶୋ' 'ଲକ୍ ଅପ୍: ସତ୍ ୟା ସଜା'ର ଏକ ଏପିସୋଡ୍‌ରେ ଅର୍ଜୁନ ଅତିଥି ଭାବେ ଯୋଗ ଦେଇଥିଲେ। ଏପିସୋଡ୍‌ରେ ସେ ପାମେଲାଙ୍କୁ ମଜାଳିଆ ଅନ୍ଦାଜରେ କହିଥିଲେ, "ମୁଁ ଏବେ ବି ଯୁବକ ଅଛି ଏବଂ ବିବାହ ପାଇଁ ପ୍ରସ୍ତୁତ"। ଏହାଶୁଣି ପାମେଲା ଲାଜେଇ ଯାଇଥିଲେ। ଏହି ଭିଡିଓଟି ଭାଇରାଲ ହେବା ପରେ ଦୁହିଁଙ୍କ ଡେଟିଂ ଗୁଜବ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାପରେ ଦୁହିଁଙ୍କୁ 'ଲକ୍ ଅପ୍'ର ସକ୍ସେସ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା, ଯାହା ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଥିଲା। ସେହିପରି ଶୋ' ପରେ ଏକ ସାକ୍ଷାତକାରରେ ଯେତେବେଳେ ପାମେଲାଙ୍କୁ ଅର୍ଜୁନଙ୍କ ସହ ସମ୍ପର୍କ ବିଷୟରେ ପଚରାଗଲା, ସେ ହସି କହିଥିଲେ, ଗତକାଲି ରାତିରେ ସେ ମୋ ସହ ହିଁ ଥିଲେ। ଦୁହେଁ ପରସ୍ପରକୁ ଡେଟ୍ କରୁଛନ୍ତି କି ବୋଲି ପଚରାଯିବାରୁ ପାମେଲା ସ୍ପଷ୍ଟ ଭାବେ ହଁ କି ନା କିଛି କହି ନଥିଲେ। ଏହାପୂର୍ବରୁ ଗତ ଜୁଲାଇ ମାସରେ ଲଣ୍ଡନର ଲର୍ଡସ୍ କ୍ରିକେଟ ଗ୍ରାଉଣ୍ଡରେ ଅର୍ଜୁନ କପୁରଙ୍କୁ ଅଭିନେତ୍ରୀ ତଥା କଣ୍ଟେଣ୍ଟ କ୍ରିଏଟର ସାହିବା ବାଲିଙ୍କ ସହ ଦେଖିବାକୁ ମିଳିଥିଲା। ଉଭୟ ସମାନ ରଙ୍ଗର ପୋଷାକ ପିନ୍ଧିଥିବାରୁ ସୋସିଆଲ ମିଡିଆରେ ସେମାନଙ୍କ ଡେଟିଂକୁ ନେଇ ଗୁଜବ ସୃଷ୍ଟି ହୋଇଥିଲା।



# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ଚିକେନ୍ ପୋସ୍ତ



### ଆବଶ୍ୟକ ସାମଗ୍ରୀ

ଚିକେନ୍ – ୫୦୦ ଗ୍ରାମ, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, କଟା ଟମାଟୋ - ଏକଟି, ଅଦା – ଖଣ୍ଡେ, ରସୁଣ – ଏକ କୋଳା, ଧନିଆ ପତ୍ର ଅଳ୍ପ, କାଜୁ – ଚାରି ପାଞ୍ଚଟି, ପୋସ୍ତ- ଦୁଇଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ହଳଦୀଗୁଣ୍ଡ– ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଧୋଇ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ ଦେଇ ଗୋଳାଇ ରଖନ୍ତୁ। ଏହାପରେ ଆଳୁକୁ ଦୁଇଫାଳରେ କାଟି ଧୋଇ ଦିଅନ୍ତୁ। କଡ଼େଇରେ ତେଲ, ତେଜପତ୍ର ସହ ଗୋଳା ଚିକେନ୍‌କୁ ଦେଇ ଭାଜନ୍ତୁ। ଏକ ଗ୍ରାଇଣ୍ଡିଂ ଜାରରେ ଅଦା, ରସୁଣ, ଧନିଆ ପତ୍ର, କାଜୁ ଏବଂ ପୋସ୍ତ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ଢାଙ୍କୁଣି ଖୋଲି ଚିକେନ୍‌ରେ ଭଜା ଆଳୁ, କଟା ଟମାଟୋ, ହଳଦୀଗୁଣ୍ଡ ଦେଇ ଏପାଖସେପାଖ କରନ୍ତୁ। ପରେ ଗ୍ରାଇଣ୍ଡିଂ କରି ରଖିଥିବା ପେଷ୍ଟ ଦେଇ ଲଙ୍କାଗୁଣ୍ଡ, ଗରମ ମସଲା ଓ ଧନିଆଗୁଣ୍ଡ ଦେଇ କଷନ୍ତୁ। ଭଲରେ କଷି ହୋଇଆସିଲେ ସାମାନ୍ୟ ପାଣି ଦେଇ ୧୦ ମିନିଟ୍ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ। ଶେଷରେ ଧନିଆପତ୍ର ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ଚିକେନ ପୋସ୍ତ ତରକାରି'।

# ବେଲୁନ୍ ଟ୍ରାଉଜର୍



**ସମୟାନୁସାରେ ମହିଳାମାନେ ସୁନ୍ଦର ସହ ଆରାମଦାୟକ ପୋଷାକକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ବେଲୁନ୍ ଟ୍ରାଉଜର୍ ଲୋକପ୍ରିୟ ରହିଛି। ଢିଲା ଏବଂ ଆରାମଦାୟକ ଫ୍ୟାବ୍ରିକ୍ ଏହାକୁ ଭିନ୍ନ ଓ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହା ଉଭୟ ଖରା, ବର୍ଷା ଏବଂ ଅଫିସ୍ ପିନ୍ଧା ପାଇଁ ଭଲ ହୋଇଥାଏ।**

### ଆକର୍ଷଣୀୟ ଅଫିସ୍ ଲୁକ୍

ଏହି ଟ୍ରାଉଜର୍‌କୁ ସବୁ ପ୍ରକାର ଟପ୍ସ, ଆସେସରିଜ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ। ସେହିପରି ଅଫିସ୍ ପାଇଁ ମଧ୍ୟ ଏହା ଖୁବ୍ ଭଲ। ସାଙ୍ଗସାଥୀଙ୍କ ସହ ଆଉଟିଙ୍ଗ୍‌ରେ ଯାଉଥିଲେ କ୍ରପ୍ ଟପ୍ସ ଏବଂ ଟି-ସାର୍ଟ ସହ ପିନ୍ଧିପାରିବେ। କାଜୁଆଲ୍ ମିଟିଙ୍ଗ୍‌ସ ପାଇଁ ଲେନିନ୍ ସାର୍ଟକୁ ଭଲ ମାନିଥାଏ। କେବଳ ସେତିକି ନୁହେଁ, ସନ୍ଧ୍ୟାପାର୍ଟିରେ ଟପ୍ ଏବଂ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ସହ ମଧ୍ୟ ଏହାକୁ ପେୟାର୍ କରିପାରିବେ।

### ସମସ୍ତ ଶାରୀରିକ ଗଠନକୁ ମାନିବ

ଏହା ମୋଟା ପତଳା ସମସ୍ତ ଶାରୀରିକ ଗଠନକୁ ଭଲ ମାନିଥାଏ। ଏଥିପାଇଁ ଠିକ୍ ଲମ୍ବା ଏବଂ ଡିଜାଇନ୍ ବାଛିବା ଜରୁରି। ପେଟବଡ଼ ଥିଲେ ହାଇୱେଷ୍ଟ ଡିଜାଇନ୍ ପିନ୍ଧିପାରିବେ। ଡେଙ୍ଗା ଥିଲେ ଓଭରସାଇଜ୍ ବେଲୁନ୍ ଟ୍ରାଉଜର ଭଲ ମାନିଥାଏ।

# ମ୍ୟୁଟେଡ୍ ବ୍ଲଶ୍



**ସାଧାରଣତଃ ମେକ୍‌ଅପ୍ କହିଲେ ଗାଲରେ ଚମକଯୁକ୍ତ ଗାଢ଼ ବ୍ଲଶ୍‌କୁ ବୁଝାଏ। ଗାଢ଼ ପିଙ୍କ୍ ଏବଂ କୋରାଲ୍ ବ୍ଲଶ୍‌କୁ ଅଧିକ ଆକର୍ଷଣୀୟ ଜଣାଯାଏ। ହେଲେ ଏବେ ଫେଶନରେ ନୂଆ ମ୍ୟୁଟେଡ୍ ବ୍ଲଶ୍ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହା ତ୍ୱଚାରେ ପ୍ରାକୃତିକ ଏବଂ ନାଚୁରାଲ୍ ଚମକ ଆଣିଥାଏ।**

### ମ୍ୟୁଟେଡ୍ ବ୍ଲଶ୍ କ'ଣ

ଏହା ହାଲୁକା, ସ୍ମୁଥ୍ ବ୍ଲଶ୍ ସେଡ୍ ଭାବେ ଜଣାଯାଏ। ଏହା ତ୍ୱଚାରେ ସହଜରେ ମିଶିବା ସହ ଆବଶ୍ୟକତାଠୁ ଅଧିକ ଚମକ କରେ ନାହିଁ। ଏହା ଏକ ପ୍ରାକୃତିକ ଚମକ ଦେଇଥାଏ। ନୋ ମେକ୍‌ଅପ୍ ଲୁକ୍ ପସନ୍ଦଥିବା ମହିଳାଙ୍କ ପାଇଁ ଏହା ଭଲହୋଇଥାଏ। ମେକ୍‌ଅପ୍ ଆର୍ଟିଷ୍ଟଙ୍କ କହିବାନୁଯାୟୀ ଅଧିକାଂଶ ଲୋକ ହାଲୁକା ମେକ୍‌ଅପ୍ ପସନ୍ଦ କରୁଛନ୍ତି।

### ପାରମ୍ପରିକ, ମ୍ୟୁଟେଡ୍ ବ୍ଲଶ୍

ପାରମ୍ପରିକ ବ୍ଲଶ୍ ତ୍ୱଚାକୁ ବୋଲଡ୍ ଏବଂ ଉଜ୍ଜ୍ୱଳ କରିଥିବାବେଳେ ମ୍ୟୁଟେଡ୍ ବ୍ଲଶ୍ ହାଲୁକା ଏବଂ ସଫ୍ଟଗ୍ଲୋ ଦେଇଥାଏ। ଏହା ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ।

# ସ୍ୱାଧୀନତା ସଂଗ୍ରାମରେ ବୀର ରମଣୀ

**ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହିଳା ସଂଗ୍ରାମୀମାନଙ୍କ ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ବ୍ରିଟିଶ ଶାସନ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ପୁରୁଷମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ ହଜାର ହଜାର ସାହସୀ ମହିଳା ଘରର ଚାରିକାନ୍ଥରୁ ବାହାରି ସଂଗ୍ରାମ ଭୂମିକୁ ଓହ୍ଲାଇଥିଲେ। ମହିଳାମାନଙ୍କ ଭାଗିଦାରୀ ବିନା ଭାରତର ସ୍ୱାଧୀନତା ଅସମ୍ଭବ ଥିଲା। ସେମାନେ କେବଳ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିନଥିଲେ, ବରଂ ସମାଜରେ ଥିବା କୁସଂସ୍କାର, ବାଲ୍ୟ ବିବାହ ଏବଂ ଜାତିପ୍ରଥା ବିରୁଦ୍ଧରେ ମଧ୍ୟ ସଂଗ୍ରାମ କରି ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଥିଲେ। ସେହିପରି କିଛି ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଏହି ଉପସ୍ଥାପନା।**



### ରାଣୀ ଲକ୍ଷ୍ମୀବାଈ

ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ଥିଲେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଜଣେ ମହାନ ବୀରାଙ୍ଗନା। ୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବା ସିପାହୀ ବିଦ୍ରୋହରେ ସେ ନେତୃତ୍ୱ ନେଇ ନିଜ ପିଠିରେ ପୁତ୍ରକୁ ବାନ୍ଧି, ହାତରେ ଖଣ୍ଡା ଧରି ବ୍ରିଟିଶ ସେନା ବିରୋଧରେ ସମ୍ମୁଖ ଯୁଦ୍ଧ ଲଢ଼ିଥିଲେ। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଶତ୍ରୁ ସହ ମୁକାବିଲା କରି ୧୮୫୮ରେ ଗ୍ୱାଲିଅର୍‌ଠାରେ ମାତ୍ର ୨୯ ବର୍ଷ ବୟସରେ ବୀରଗତି ପ୍ରାପ୍ତ ହୋଇଥିଲେ। ତାଙ୍କର ଏହି ଅତୁଳନୀୟ ବଳିଦାନ ଓ ସ୍ୱାଭିମାନ ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜୀବନ୍ତ ଅଛି ।

### କସ୍ତୁରବା ଗାନ୍ଧୀ

କସ୍ତୁରବା ଗାନ୍ଧୀ ଜଣେ ପ୍ରେରଣାଦାୟୀ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ହେବା ସହ ସେ ମହାତ୍ମା ଗାନ୍ଧୀଙ୍କ ଧର୍ମପତ୍ନୀ ଥିଲେ । ସମଗ୍ର ଦେଶ ତାଙ୍କୁ ଆଦରରେ "ବା" (ମାଆ) ବୋଲି ଡାକୁଥିଲା । ଗାନ୍ଧୀଜୀଙ୍କ ପ୍ରତ୍ୟେକ ଆନ୍ଦୋଳନରେ ସେ ପାଦରେ ପାଦ ମିଶାଇ ଚାଲିଥିଲେ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଗାନ୍ଧୀଜୀଙ୍କ ଅନୁପସ୍ଥିତିରେ ସେ ସତ୍ୟାଗ୍ରହ ଆନ୍ଦୋଳନକୁ ପରିଚାଳନା କରୁଥିଲେ । ସେ ବିଶେଷ କରି ମହିଳା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଅଧିକ କାର୍ଯ୍ୟ କରୁଥିଲେ । ସାବରମତୀ ଏବଂ ସେବାଗ୍ରାମ ଆଶ୍ରମର ସମସ୍ତ ବ୍ୟବସ୍ଥା ସେ ନିଜେ ବୁଝୁଥିଲେ ।





### ସରୋଜିନୀ ନାଇଡୁ

ଭାରତର ସ୍ୱାଧୀନତା ସଂଗ୍ରାମରେ ସରୋଜିନୀ ନାଇଡୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ନିଜର ଓଜସ୍ୱିନୀ ଭାଷଣ, ସାହସିକ ନେତୃତ୍ୱ ଏବଂ ଦେଶପ୍ରେମ ଦ୍ୱାରା ଦେଶର ହଜାର ହଜାର ମହିଳା ଓ ଯୁବପିଢ଼ିଙ୍କୁ ଆନ୍ଦୋଳନକୁ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ସମଗ୍ର ଦେଶ ଭ୍ରମଣ କରି ମହିଳାମାନଙ୍କୁ ପରଦା ପ୍ରଥା ଓ ଘରର ଚାରିକାନ୍ଥରୁ ବାହାରି ଦେଶ ପାଇଁ ଲଢ଼ିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଯୋଗୁଁ ହିଁ ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କର ବଡ଼ ଭାଗିଦାରୀ ଦେଖିବାକୁ ମିଳିଥିଲା। ସେ ମହାତ୍ମା ଗାନ୍ଧୀଙ୍କ ସହ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ।

୧୦ ବର୍ଷର ଡେଟିଂ, ୫ ପିଲାର ପିତା

# ଶେଷରେ ବିବାହ କଲେ ରୋନାଲ୍ଡୋ



ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟବଲ୍ ଖେଳାଳି ତଥା ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘ ବର୍ଷର ବାନ୍ଧବୀ ଜର୍ଜିନା ରୋଡ୍ରିଗ୍ୱେଜଙ୍କୁ ରୋନାଲ୍ଡୋ ଆନୁଷ୍ଠାନିକ ଭାବରେ ବିବାହ କରିଛନ୍ତି। ଅଗଷ୍ଟ ୧୧ ତାରିଖରେ ରାଜଧାନୀ ଲିସବନ୍ ନିକଟସ୍ଥ ଏକ ଉପକୂଳବର୍ତ୍ତୀ ସହର କାସାଇସ୍‌ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ରୋନାଲ୍ଡଙ୍କ ପାଞ୍ଚ ସନ୍ତାନ ମଧ୍ୟ ଯୋଗ ଦେଇଥିଲେ। ୩୯ ବର୍ଷୀୟ ରୋନାଲ୍ଡ ଓ ଜର୍ଜିନା ସେମାନଙ୍କର ବିବାହ ଉତ୍ସବକୁ ଗୋପନ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପରେ ସାମାଜିକ ଗଣମାଧ୍ୟମରେ ଉଭୟ ବିବାହ ମୁଦି ପିନ୍ଧିଥିବା ଏକ ଫଟୋ ସେୟାର କରି ପ୍ରଶଂସକଙ୍କୁ ଏହି ଖୁସି ଖବର ଜଣାଇଛନ୍ତି। ପ୍ରକାଶଯୋଗ୍ୟ ୨୦୧୬ରେ ରୋନାଲ୍ଡୋ ପ୍ରଥମଥର ଲାଗି ୩୨ ବର୍ଷୀୟା ଆର୍ଜେଣ୍ଟିନା-ସ୍ପାନିସ୍ ମଡେଲ ଜର୍ଜିନାଙ୍କୁ ଭେଟିଥିଲେ। ୨୦୧୭ରେ ଜୁରିଚ୍‌ରେ ଫିଫା ଫୁଟବଲ୍ ପୁରସ୍କାରରେ ଏକାଠି ପ୍ରଥମ ଉଭୟ ରେଡ୍-କାରପେଟ୍ ଦେଖା ଦେଇଥିଲେ। ପରେ ସାର୍ବଜନୀନ ଭାବରେ ସେମାନଙ୍କର ସମ୍ପର୍କକୁ ନିଶ୍ଚିତ କରିଥିଲେ। ସେବେଠାରୁ ସେମାନେ ଏକାଠି ରହିଆସୁଥିଲେ। ଏହି ଦମ୍ପତି ଠିକ୍ ବର୍ଷକ ତଳେ ୨୦୨୫ ଅଗଷ୍ଟ ୧୧ ତାରିଖରେ ସେମାନଙ୍କ ନିର୍ବନ୍ଧ ଘୋଷଣା କରିଥିଲେ। ଉଭୟଙ୍କ ଔରସରୁ ୮ ବର୍ଷର ଆଲାନ ଓ ୪ ବର୍ଷର ବେଲା ନାମକ ଝିଅ ରହିଛି। ୧୬ ବର୍ଷର ପୁଅ କ୍ରିଷ୍ଟିଆନୋ ଜୁନିଅର ହେଉଛନ୍ତି ରୋନାଲ୍ଡୋଙ୍କ ପ୍ରଥମ ପ୍ରେମିକାଙ୍କ ପୁଅ। ଯମଜ ଇଭା ମାରିଆ ଏବଂ ମାଟେଓ ରୋନାଲ୍ଡୋଙ୍କ ପାଳିତ ସନ୍ତାନ।

# ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ୍ ଦିଲ୍ଲୀରେ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଆଫଗାନିସ୍ତାନ କ୍ରିକେଟ ବୋର୍ଡ କରିଥିବା ଘୋଷଣା ଅନୁଯାୟୀ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀରେ ସେପ୍ଟେମ୍ବର ମାସ ଖେଳାଯିବ। ୩ଟି ଯାକ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହି ୩ଟି ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ। ଏସିଆନ ଗେମ୍ସ ପୂର୍ବରୁ ଏହି ସିରିଜ୍ ଆୟୋଜିତ ହେଉଥିବାରୁ ଭାରତ ଲାଗି ଏହା ବେଶ ସହାୟକ ହେବ ବୋଲି କୁହାଯାଉଛି।

# ୨୦୨୬ରେ ଟି-୨୦ରେ ନୂଆ ବିଶ୍ୱ ରେକର୍ଡ କରିବ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ଚଳିତ ବର୍ଷ ନୂଆ ବିଶ୍ୱ ରେକର୍ଡ କରିବାକୁ ଯାଉଛି। ୨୦୨୬ରେ ଭାରତ ମୋଟ ୪୩ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଫଳରେ ୨୦୨୨ରେ ଖେଳିଥିବା ୪୦ଟି ମ୍ୟାଚ୍‌ର ନିଜ ରେକର୍ଡକୁ ଭାରତ ଭାଙ୍ଗିବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ଭାରତ ୨୪ ଟି-୨୦ ଖେଳିସାରଛି। ଆଉ ୧୯ଟି ମ୍ୟାଚ୍ ଖେଳିବାକୁ ରହିଛି। ଆଫଗାନିସ୍ତାନ ବିପକ୍ଷରେ ୩ଟି ମ୍ୟାଚ୍‌ରୁ ଏହି ପର୍ଯ୍ୟାୟ ଆରମ୍ଭ ହେବ। ଏହାପରେ ଏସିଆନ୍ ଗେମ୍ସ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଲେଖାଏ ଏବଂ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୩ଟି ମ୍ୟାଚ୍ ଖେଳିବ ଭାରତ। ୨୦୨୨ରେ ଭାରତ ୪୦ଟି ଟି-୨୦ ଖେଳି ୨୮ଟି ଜିତିଥିଲା।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଷଷ୍ଠ ବ୍ୟାଟର୍‌ଙ୍କୁ ନେଇ ସମସ୍ୟା

# ଜୁରେଲ ନା ସର୍ଫରାଜ; ଦ୍ୱନ୍ଦ୍ୱରେ ଭାରତ

ଗଲ,୧୨।୮ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଗଲ୍‌ରେ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଏହା ମଧ୍ୟରେ ଉଭୟ ଦଳ ଭଲଭାବେ ଏହି ସିରିଜ୍ ଲାଗି ପ୍ରସ୍ତୁତ କରିନେଇଛନ୍ତି। ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଆଉ ୩ ଦିନ ବାକିଥିଲାବେଳେ ପ୍ରଥମ ଟେଷ୍ଟର ଚୂଡ଼ାନ୍ତ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱରେ ରହିଛି ଭାରତ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଲଢ଼େଇ କରିବାକୁ ଯାଉଥିବା ଭାରତ ପ୍ରଥମ ଟେଷ୍ଟରେ କାହାକୁ ଖେଳାଇବ ଓ କାହାକୁ ବାଦ୍ ଦେବ ତାହାକୁ ନେଇ ସମସ୍ୟାରେ ପଡ଼ିଛି। ବ୍ୟାଟିଂରେ ସମସ୍ତ ପୋଜିସନ ଲାଗି ଖେଳାଳି ଚୟନ ହୋଇଥିଲେ ମଧ୍ୟ ନଂ-୬ ଲାଗି ଦ୍ୱନ୍ଦ୍ୱ ଉପୁଜିଛି। ଏହି ସ୍ଥାନରେ ଦଳରେ ନିୟମିତ ଖେଳୁଥିବା ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ କିମ୍ବା ଶେଷ ମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାନ୍‌ଙ୍କୁ ଖେଳାଇବ ତାହାକୁ ନେଇ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସେହିପରି ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଇଥାଏ। ଏଭଳି ସମୟରେ ଦଳରେ ୩ଜଣ ପେସ୍‌ର ନେବା ଲାଗି ଦାବି ହେଉଛି। କିନ୍ତୁ ଦଳ ୩ ପେସ୍‌ର ନା ୩ ସ୍ପିନର ଖେଳାଇବ ତାହାକୁ ନେଇ ମଧ୍ୟ ସଂଶୟ ସୃଷ୍ଟି ହୋଇଛି।

ସମସ୍ତେ ଜାଣନ୍ତି ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ଅଧିକ ସୁହାଇଥାଏ। ଏଣୁ ଏଠାରେ ଯେଉଁ ବ୍ୟାଟର ସ୍ପିନ ବିପକ୍ଷରେ ଭଲ ଖେଳିବେ ତାଙ୍କୁ ପ୍ରାଧାନ୍ୟ ଦିଆଯିବ। ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ ଓ ଋଷଭ ପନ୍ତ ପ୍ରଥମ ୫ଟି ସ୍ଥାନରେ ବ୍ୟାଟିଂ କରିବେ। ନଂ-୬ରେ ଟେଷ୍ଟ ଖେଳିବାରେ ଅଭିଜ୍ଞତା ଥିବା ଜୁରେଲଙ୍କୁ ସୁଯୋଗ ମିଳିବା କଥା। ସେ ୧୦ଟି ଟେଷ୍ଟ ଖେଳି ୩୪.୧୪ ହାରରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୪୭୮ ରନ୍ କରିଛନ୍ତି। ଏଠାରେ ରେକର୍ଡ କଥାକୁ ଗୁରୁତ୍ୱ ଦିଆଯାଉ





ନାହିଁ। ସ୍ପିନରଙ୍କ ବିପକ୍ଷ ଜୁରେଲ କିପରି ଖେଳିଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଖେଳିଥିବା ୨ଟି ଟେଷ୍ଟ ସିରିଜ୍‌ରେ ୪ଥର ଜଣେ ସ୍ପିନର ସାଇମନ ହାର୍ମରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିରେ ସେ ଯଥାକ୍ରମେ ୧୪, ୧୩, ୦ ଓ ୨ ରନ୍ କରିଥିଲେ। ତାଙ୍କ ଏଭଳି ଫର୍ମ ଶ୍ରୀଲଙ୍କାରେ ମଧ୍ୟ ଜାରି ରହିଛି। ଏଠାରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ଜୁରେଲ ୧ ଓ ୧୭ ରନ୍ କରି ପୁଣିଥରେ ଅଫ୍ ସ୍ପିନର ରମେଶ ମେଣ୍ଡିସଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଏଥିରୁ ଶ୍ରୀଲଙ୍କାର ସ୍ପିନରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ସେ କେତେ ଫଳପ୍ରଦ ହେବେ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସର୍ଫରାଜ ସ୍ପିନରଙ୍କ ବିପକ୍ଷରେ ଜଣେ କୁଶଳୀ ବ୍ୟାଟର। ଘରୋଇ କ୍ରିକେଟ ହେଉ କିମ୍ବା ସେ ଖେଳିଥିବା ଟେଷ୍ଟରେ ସ୍ପିନରଙ୍କୁ ସେ ଉଚିତ ମୁକାବିଲା କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୬୨ଟି ମ୍ୟାଚ୍ ଖେଳି ୬୪.୭୩ ହାରରେ ୧୭ ଶତକ ସହ ୫,୧୧୪ ରନ୍ କରିଛନ୍ତି। ଏଣୁ ସେ ସ୍ପିନରଙ୍କ ବିପକ୍ଷରେ ପ୍ରଭାବଶାଳୀ ହେବେ ବୋଲି ମଧ୍ୟ ଅନେକେ ଯୁକ୍ତି କରିଛନ୍ତି। ଏହା ହିଁ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟକୁ ଅଡୁଆରେ ପକାଇଛି।

ଦ୍ୱିତୀୟ ଦ୍ୱନ୍ଦ୍ୱଟି ହେଲା ୩ ପେସର ନା ୩ ସ୍ପିନର। ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ପେସ ବାହିନୀର ନେତୃତ୍ୱ ନେବେ। ତୃତୀୟ ପେସର କଥା ଚିନ୍ତା କରାଗଲେ ଗୁରନୁର ବ୍ରାର ପ୍ରସ୍ତୁତ ଅଛନ୍ତି। ଦଳରେ ୪ଜଣ ସ୍ପିନର ଯଥା ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୂତାର ଓ ସାରାଂଶ ଜୈନ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ କିମ୍ବା ୨ଜଣ ଖେଳିବେ। ଜାଡେଜା ଓ କୁଲଦୀପଙ୍କ ଖେଳିବା ନିଶ୍ଚିତ। ତୃତୀୟ ସ୍ପିନରଭାବେ କାହାକୁ ନିଆଯିବ ତାହା ମଧ୍ୟ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛି। ଡେବ୍ୟୁ ଅପେକ୍ଷାରେ ଥିବା ସାରାଂଶ ଜୈନଙ୍କୁ ବାଦ୍ ଦେଲେ ଅନ୍ୟ ୩ଜଣ ବାମହାତୀ। ଏଣୁ ଜଣେ ଅଫ୍ ସ୍ପିନରଙ୍କୁ ନେବାକୁ ଯୋଜନା ହେଲେ ସୂତାରଙ୍କୁ ଚୂଡ଼ାନ୍ତ ଏକାଦେଶରେ ସ୍ଥାନ ମିଳିବ କଷ୍ଟକର। ଏଭଳି ସ୍ଥିତିରେ ଦଳ ମ୍ୟାଚ୍ ଦିନ ଚୂଡ଼ାନ୍ତ ଏକାଦଶ ଚୟନ କରିବ ବୋଲି ଟିମ୍ ମ୍ୟାନେଜମେଂଟ ସୂତ୍ରରୁ ଜଣାଯାଇଛି।

### ଘରୋଇ ଦଳର ନେତୃତ୍ୱ ନେବେ ଧନଞ୍ଜୟ

ଭାରତ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଅଲ୍‌ରାଉଣ୍ଡର ଧନଞ୍ଜୟ ଡି ସିଲ୍‌ଭାଙ୍କୁ ଘରୋଇ ଶ୍ରୀଲଙ୍କା ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ଟପ୍ ଅର୍ଡର ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ସାମିଲ ହୋଇଥିଲେ ମଧ୍ୟ କୁଶାଲ ମେଣ୍ଡିସ୍‌ଙ୍କୁ ଆଘାତ ଯୋଗୁଁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ବରିଷ୍ଠ ୱିକେଟରକ୍ଷକ ନିରୋସନ ଡିକ୍‌ୱେଲାଙ୍କୁ ସାମିଲ କରାଯାଇଛି। ଓପନର ପାଥୁମ ନିଶାଙ୍କାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିନାହିଁ। ନିଶାନ ମଦୁସ୍କା, ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, ଡେବ୍ୟୁ ଆଶାରେ ଥିବା ପାସିନ୍ଦୁ ସୁରିଆବାନ୍ଦରା, ଓ ସୋନାଲ ଦିନୁଶା ବ୍ୟାଟିଂ ଭାର ସମ୍ଭାଳିବେ। ୧୬ ଜଣିଆ ଦଳରେ ୪ଜଣ ସ୍ପେଶାଲିଷ୍ଟ ପେସର ଓ ୪ଜଣ ସ୍ପିନର ରହିଛନ୍ତି।

**ଘୋଷିତ ଶ୍ରୀଲଙ୍କା ଟେଷ୍ଟ ଦଳ** : ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ଲାହିରୁ ଉଦାରା, ନିଶାନ ମଦୁସ୍କା, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଦିନେଶ ଚାଣ୍ଡିମଲ, ପାସିନ୍ଦୁ ସୁରିଆବାନ୍ଦରା, ସୋନାଲ ଦିନୁଶା, ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, କେଶରା ନୁୱାନ୍ଥା, ମିଲନ ରତନାୟକେ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲସାନ ମଦୁଶଙ୍କା।

# କ୍ଷମତା ବିବାଦ ଓ ପ୍ରଶାସିନକ ତ୍ରୁଟି : ଟିଟିଏଫ୍‌ଆଇ ନିଲମ୍ବିତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବୁଧବାର 'ଟେବୁଲ୍ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ' (ଟିଟିଏଫ୍‌ଆଇ)ର ସ୍ୱୀକୃତି ପ୍ରତ୍ୟାହାର ତଥା ନିଲମ୍ବିତ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ବାଚନ କରିବାରେ ବିଫଳ ହେବା ଏବଂ ପ୍ରଶାସନିକ ତ୍ରୁଟି ଯୋଗୁଁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମହାସଂଘର ପରିଚାଳନା ପାଇଁ ଏକ ଆଡ୍-ହକ୍ କମିଟି ଗଠନ କରିବାକୁ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ)କୁ କ୍ରୀଡ଼ା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ମହାସଂଘକୁ ଦିଆଯାଇଥିବା 'କାରଣ ଦର୍ଶାଅ' ନୋଟିସ୍‌ର ଉତ୍ତର ସନ୍ତୋଷଜନକ ନଥିଲା। ବର୍ତ୍ତମାନ ହରିୟାଣା ବିଧାୟକ ଦୁଷ୍ୟନ୍ତ ଚୌତାଲାଙ୍କ ପତ୍ନୀ ମେଘନା ଅହଲାୱାତ୍ ଟିଟିଏଫ୍‌ଆଇର ସଭାପତି ରହିଛନ୍ତି। ବିଗତ କିଛି ମାସ ହେବ ମହାସଂଘ ଭିତରେ କ୍ଷମତା ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରଶାସନିକ ବିବାଦ ଚାଲିଆସୁଥିଲା। ଏହାଛଡ଼ା, ନିକଟରେ ଏସୀୟ କ୍ରୀଡ଼ା ଦଳରୁ ତାରକା ଖେଳାଳି ମନିକା ବାତ୍ରାଙ୍କୁ ବାଦ୍ ଦିଆଯାଇଥିଲା। ଚୟନ ପ୍ରକ୍ରିୟାରେ ଅସ୍ୱଚ୍ଛତା ନେଇ ବାତ୍ରା ସାର୍ବଜନୀନ ଭାବେ ଅଭିଯୋଗ ଆଣିବା ପରେ ମନ୍ତ୍ରଣାଳୟ ଏହାକୁ ଗମ୍ଭୀରତାର ସହ ନେଇଥିଲା। ଜାତୀୟ ଚାମ୍ପିୟନ୍‌ସିପ୍ ଆୟୋଜନରେ ବିଳମ୍ବ ହେବା ସହ ଖେଳାଳିଙ୍କ କଲ୍ୟାଣ ପ୍ରତି ମହାସଂଘ ଅବହେଳା କରିଥିବା ମଧ୍ୟ ମନ୍ତ୍ରଣାଳୟ ଦର୍ଶାଇଛି। ସୂଚନାଯୋଗ୍ୟ, ଫେବୃଆରୀ ୨୦୨୨ରେ ମଧ୍ୟ ଦିଲ୍ଲୀ ହାଇକୋର୍ଟ ଟିଟିଏଫ୍‌ଆଇକୁ ନିଲମ୍ବିତ କରିଥିଲେ। ଅନ୍ତର୍ଜାତୀୟ ଟେବୁଲ୍ ଟେନିସ୍ ଫେଡେରେସନ୍ ସହ ଆଲୋଚନା କରି ଆଇଓଏ ଏକ ଅସ୍ଥାୟୀ ନିୟନ୍ତ୍ରକ କମିଟି ଗଠନ କରିବ। ଯାହାଫଳରେ ଗଣତାନ୍ତ୍ରିକ ପ୍ରକ୍ରିୟା ପୁନଃପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ କ୍ରୀଡ଼ା ପରିଚାଳନା ବାଧାପ୍ରାପ୍ତ ହେବନାହିଁ।

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

# ଦୁଇ ବର୍ଷ ପରେ ଟପ୍-୧୦କୁ ଫେରିଲେ ବାବର୍



ଦୁବାଇ, ୧୨।୮ (ଏଜେନ୍ସି): ପାକିସ୍ତାନ ଭେଟେରାନ କ୍ରିକେଟର୍ ବାବର ଆଜାମ ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦କୁ ଫେରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ବ୍ୟାଟିଂ ତାଲିକାରେ ବାବର ୫ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନ ହାସଲ କରିଛନ୍ତି। ନିକଟରେ ସମାପ୍ତ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ବାବର ୪ଟି ଇନିଂସରେ ଦୁଇଟି (୫୮ ଓ ୮୮ ରନ୍) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଏହି ଉନ୍ନତି ଘଟିଛି। ବାବର ଶେଷଥର ଲାଗି ୨୦୨୪ ସେପ୍ଟେମ୍ବରେ ବ୍ୟାଟିଂ ତାଲିକାର ଟପ୍-୧୦ରେ ରହିଥିଲେ। ନିକଟରେ ୱେଷ୍ଟଇଣ୍ଡିଜ ସିରିଜ ଲାଗି ସାନ୍ ମାସୁଦଙ୍କ ସ୍ଥାନରେ ବାବରଙ୍କୁ ମଧ୍ୟ ଦଳର ନେତୃତ୍ୱ ଭାର ଦିଆଯାଇଥିଲା। ଅପରପକ୍ଷରେ ଟେଷ୍ଟ ବ୍ୟାଟିଂ ତାଲିକାରେ ଶ୍ରୀଲଙ୍କାର ଦୀନେଶ ଚାଣ୍ଡିମଲ୍, ନ୍ୟୁଜିଲାଣ୍ଡର ଡାରୀଲ ମିଚେଲ, ଅଷ୍ଟ୍ରେଲିଆର ଆଲେକ୍ସ କେରୀ, ଭାରତର ଋଷଭ ପନ୍ତ ଓ ଇଂଲଣ୍ଡର ବେନ୍ ଡକେଟ୍ ଗୋଟିଏ ଲେଖାଏ ସ୍ଥାନ ହରାଇଛନ୍ତି। ଏହି ପାଞ୍ଚଜଣ ଖେଳାଳି ଯଥାକ୍ରମେ ୧୧ରୁ ୧୫ତମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ଟପ୍-୧୦ରେ ଦୁଇଜଣ ଭାରତୀୟ ଖେଳାଳି ଶୁବମନ ଗିଲ୍ (୭ମ) ଓ ଯଶସ୍ୱୀ ଜୟସ୍ୱାଲ (୯ମ) ସ୍ଥାନରେ ସ୍ଥିର ରହିଛନ୍ତି।

# ଲାଉସାନ୍ ଡାଇମଣ୍ଡ ଲିଗ୍‌ରୁ ଓହରିଲେ ଅର୍ଶଦ ନଦୀମ


ଇସଲାମାବାଦ,୧୨।୮ (ଏଜେନ୍ସି): ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଜାଭେଲିନ୍ ତାରକା ଅର୍ଶଦ ନଦୀମ ଚଳିତ ମାସର ଲାଉସାନ୍ ଡାଇମଣ୍ଡ ଲିଗ୍‌ରୁ ଓହରି ଯାଇଛନ୍ତି। ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନଦୀମ ଆଶାନୁରୂପ ପ୍ରଦର୍ଶନ କରି ନପାରି ୯ମ ସ୍ଥାନରେ ରହିଥିଲେ। ଅସାଧାରଣ ଥଣ୍ଡା ପାଗ ଯୋଗୁଁ ତାଙ୍କ ପ୍ରଦର୍ଶନ ପ୍ରଭାବିତ ହୋଇଥିବା ସେ କହିଥିଲେ। ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସରେ ୯୨.୯୭ ମିଟର ଥ୍ରୋ ସହ ଅଲିମ୍ପିକ୍ ରେକର୍ଡ କରି ସ୍ୱର୍ଣ୍ଣପଦକ ଜିତିଥିବା ନଦୀମ ଇତିହାସ ସୃଷ୍ଟି କରିଥିଲେ ଓ ଏବେ ଏସିଆନ୍ ଗେମ୍ସ ଉପରେ ନଜର ରଖିଛନ୍ତି।

# ଅଷ୍ଟ୍ରେଲିଆ ଟେଷ୍ଟ ଦଳରେ ୪ କିଂବଦନ୍ତୀ ବୋଲର



ସିଡ୍‌ନୀ,୧୨।୮ (ଏଜେନ୍ସି): ଆସନ୍ତାକାଲିଠାରୁ ଅଷ୍ଟ୍ରେଲିଆର ଡାରୱିନ୍‌ଠାରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଅଷ୍ଟ୍ରେଲିଆ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଶ୍ରେଷ୍ଠ ବୋଲର ଯଥା ଅଧିନାୟକ ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜୋଶ ହାଜ୍‌ଲେଉଡ୍ ଓ ଏକମାତ୍ର ସ୍ପିନର ନାଥନ ଲାୟନଙ୍କୁ ସାମିଲ କରାଯାଇଛି। ଦୀର୍ଘ ଏକବର୍ଷ ହେବ ଏହି ୪ ବୋଲର ଏକତ୍ର ଖେଳି ନାହାନ୍ତି। ଅଷ୍ଟ୍ରେଲିଆ ଚଳିତ ସିଜନରେ ୨୦ଟି ଏବଂ ଡବ୍ଲ୍ୟୁଟିସି ଫାଇନାଲକୁ ପ୍ରବେଶ କଲେ ୨୧ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଅନ୍ୟ ପକ୍ଷରେ ବାଂଲାଦେଶର ୩ଜଣ ଅଭିଜ୍ଞ ଫାଷ୍ଟ ବୋଲର ନାହିଦ୍ ରାଣା, ମୁସ୍ତାଫିଜର ରହମନ ଓ ଶୋରିଫୁଲ ଇସ୍‌ଲାମ ଓ ବ୍ୟାଟର ମୁସ୍‌ଫିକର ରହିମ ଆଘାତ ଯୋଗୁଁ ଏହି ମ୍ୟାଚରେ ଖେଳୁନାହାନ୍ତି। ଦୀର୍ଘ ୨୦ ବର୍ଷ ପରେ ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ବାଂଲାଦେଶ ଯାଇଛି।

# ଟରୋଣ୍ଟୋ ମାଷ୍ଟର୍ସ: ସେମିରେ ରିବାକିନା, ଗଫ୍



ଟରୋଣ୍ଟୋ, ୧୨।୮ (ଏଜେନ୍ସି): କାଜାଖସ୍ତାନ ଟେନିସ ତାରକା ଏଲିନା ରିବାକିନା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ରିବାକିନା ୪-୬, ୭-୬ (୭/୫), ୬-୪ ସେଟରେ ଜାପାନର ନାଓମି ଓସାକାଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସିଡ୍ ରିବାକିନା ସେମିଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚତୁର୍ଥ ସିଡ୍ ଗଫ୍ ୱାକଓଭର ପାଇ ସେମିଫାଇନାଲକୁ ଉଠିଛନ୍ତି। ଗଫ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକ୍ ଆହତଜନିତ ସମସ୍ୟା ଲାଗି କ୍ୱାର୍ଟର ଫାଇନାଲ ଲଢ଼େଇରୁ ଓହରିଯାଇଥିଲେ।

# ରକି ଫ୍ଲିଣ୍ଟଫଙ୍କ ଶତକ



ଲଣ୍ଡନ, ୧୨।୮ (ଏଜେନ୍ସି): କିମ୍ବଦନ୍ତୀ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ରିଓ ଫ୍ଲିଣ୍ଟଫଙ୍କ ପୁଅ ରକି ଫ୍ଲିଣ୍ଟଫ ପ୍ରଫେସନାଲ କ୍ରିକେଟରେ ପ୍ରଥମ ଶତକ ମାରିଛନ୍ତି। ଇଂଲଣ୍ଡର ଘରୋଇ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ 'ୱାନ-ଡେ କପ୍'ରେ ୧୮ ବର୍ଷୀୟ ରକି ବିଧ୍ୱଂସୀ ଶତକୀୟ ଇନିଂସ ଖେଳିଛନ୍ତି। କାଉଣ୍ଟି କ୍ଲବ ଲଙ୍କାଶାୟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରକି ସମରସେଟ୍ ବିପକ୍ଷରେ ମାତ୍ର ୭୬ଟି ବଲରେ ୧୨୩ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୭ଟି ଛକା ଓ ୧୦ଟି ଚୌକା ମାରିଥିଲେ। ଫଳରେ ତାଙ୍କ ଦଳ ଲଙ୍କାଶାୟର ୫୦ ଓଭରରେ ୬ ୱିକେଟ ହରାଇ ୪୪୩ ରନର ବିଶାଳ ସ୍କୋର କରିଥିଲା। ଜବାବରେ ସମରସେଟ୍ ଦଳ ୩୯.୨ ଓଭରରେ ମାତ୍ର ୨୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟିଟି ଉଦ୍‌ଯାପିତ

# ଜିଜ୍ଞାସୁ ସାଇ କିରଣ, ଉର୍ଜାଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୨।୮ (ସମିସ)




କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଚାଲିଥିବା ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନ ଓ କଟକର ଉର୍ଜା ବର୍ମା ଦ୍ୱିମୁକୁଟ ହାସଲ କରିଛନ୍ତି। ଜିଜ୍ଞାସୁ ସାଇ କିରଣ ୧୭ ଓ ୧୫ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିଅନ ଓ ୧୯ ବର୍ଷରୁ କମ୍ ବିଭାଗରେ ରନର୍ସ ଅପ୍ ହୋଇଥିଲେ। କଟକର ଉର୍ଜା ୧୯ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଟାଇଟଲ ଜିତିଥିଲେ। କଟକର ଜିଜ୍ଞାସୁ ସାହୁ ବାଳକ ୧୯ ବର୍ଷରୁ କମ୍ ବିଭାଗରେ ଓ ପୁରୁଷ ବିଭାଗରେ ଆର୍‌ବିଆଇର ଆସିଫ୍ ହକ୍‌କୁ ହରାଇ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଥିଲେ।

ମହିଳା ବିଭାଗରେ ରେଲୱେ ଅଡିଟ୍‌ର ନେହା କୁମାରୀ ଚାମ୍ପିଅନ ଓ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ରନର୍ସଅପ୍ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳିକାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ଟାଇଟଲ ଜିତିଥିଲାବେଳେ ୧୭ ଓ ୧୯ ବର୍ଷରୁ କମ୍ ବିଭାଗରେ ରନର୍ସ ଅପ୍ ହୋଇଥିଲେ। ୧୩ ବର୍ଷରୁ କମ୍ ବାଳକ ବିଭାଗରେ ଅଭନୀଶ ସୁବ୍ରମଣ୍ୟମ ଓ ରୁଦ୍ର ରଣବୀର, ବାଳିକାରେ ଆରାଧ୍ୟା ସାହୁ ଓ ଅନ୍ୱେଷା ଅନିରୁଦ୍ଧ, ୧୧ ବର୍ଷରୁ କମ୍ ବାଳକରେ କଟକର ସୟଦ ଅର୍ଶାଜ୍ ଅଲି ଓ ଖୋର୍ଦ୍ଧାର ଶୁଭାଂଶୁ ମୋହନ ସାହୁ, ବାଳିକା ବିଭାଗରେ କଟକର ସିଦ୍ଧିକା ଭଗତ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟମାନେ ଅତିଥିଭାବେ ଉପସ୍ଥିତ ଥିଲେ।

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍: ଆଉ ୨ ଦିନ

# ପାକିସ୍ତାନକୁ ୪ଟି, ନେଦରଲ୍ୟାଣ୍ଡସକୁ ୯ ଟାଇଟଲ୍

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଅନ୍ତର୍ଜାତୀୟ ହକି ଫେଡେରସନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ହକି ବିଶ୍ୱକପ୍‌ର ୧୫ଟି ସଂସ୍କରଣ ଶେଷ ହୋଇଛି। ଏହି ୧୫ଟି ମଧ୍ୟରୁ ପାକିସ୍ତାନ ପୁରୁଷ ଦଳ ସର୍ବାଧିକ ୪ଥର ଚାମ୍ପିଅନ ହୋଇଛି। ଏହି ଦଳ ୧୯୭୧, ୧୯୭୮, ୧୯୮୨ ଓ ୧୯୯୪ରେ ଟାଇଟଲ କବ୍‌ଜା କରିଛି। ପୁରୁଷ ବିଭାଗରେ ନେଦରଲ୍ୟାଣ୍ଡସ, ଜର୍ମାନୀ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି। ଭାରତ ଓ ବେଲଜିୟମ ଥରେ ଲେଖାଏଁ ହକି ବିଶ୍ୱକପ୍ ଟାଇଟଲ ଜିତିଛନ୍ତି। ଭାରତ ୧୯୭୫ରେ ପ୍ରଥମ ଓ ଶେଷଥର ଲାଗି ଟାଇଟଲ ଜିତିଥିଲା। ମହିଳା ବିଭାଗରେ ନେଦରଲ୍ୟାଣ୍ଡସ ସର୍ବାଧିକ ତଥା ରେକର୍ଡ ୯ଥର ଚାମ୍ପିଅନ ହୋଇଛି। ଆର୍ଜେଣ୍ଟିନା, ଜର୍ମାନୀ ଓ ଅଷ୍ଟ୍ରେଲିଆ ୨ଥର ଲେଖାଏଁ ଟାଇଟଲ ଜିତିଛନ୍ତି। ଅଗଷ୍ଟ ୧୫ ତାରିଖରୁ ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ୍ ଓ ବେଲଜିୟମ୍ ୱାଭରେ ସହରରେ ସେପ୍ଟେମ୍ବର ୩୦ ତାରିଖ ଯାଏ ଉଭୟ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଖେଳାଯିବ। ପୁରୁଷ ବିଭାଗରେ ଜର୍ମାନୀ ଓ ମହିଳାରେ ନେଦରଲ୍ୟାଣ୍ଡସ ଡିଫେଣ୍ଡିଂ ଚାମ୍ପିଅନ ରହିଛି।



୧୯୭୫ ବିଜେତା ଭାରତୀୟ ଦଳ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS